# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 2/2023 | Page 14 | ₹ 7.00

୪୯ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 217 | ମୂଲ୍ୟ₹୭/-




## ନୀରଜଙ୍କୁ ସ୍ୱର୍ଣ୍ଣ ପଦକ

ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କ୍ରମାଗତ ଦ୍ୱିତୀୟ ଡାଇମଣ୍ଡ ଲିଗ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୦୪

## କାର୍ତ୍ତିକୀଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ

ଭାରତୀୟ ବୃତ୍ତଚିତ୍ର କ୍ଷୁଦ୍ର ଫିଲ୍ମ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍‌ପରର୍ସ'ର ପ୍ରଯୋଜିକା କାର୍ତ୍ତିକୀ ଗୋନସାଲଭେସ୍‌ଙ୍କୁ ମିଳିଛି ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

## କର୍ତ୍ତବ୍ୟରେ ଅବହେଳା

**ଆଜିର ମନ୍ତବ୍ୟ**

" ପିଏମ୍- କିଷାନ ଯୋଜନାରେ ଚାଷୀମାନେ ବର୍ଷକୁ ୫୦ ହଜାର ଟଙ୍କା ଲେଖାଏ ପାଉଛନ୍ତି। ଏହା କେବଳ ପ୍ରତିଶ୍ରୁତି ନୁହେଁ, ଗ୍ୟାରେଣ୍ଟି ମଧ୍ୟ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ପୁରୀ: ଶନିବାର ବଡ଼ଠାକୁର ବଳଭଦ୍ରଙ୍କୁ ନୀଳାଦ୍ରି ବିଜେ କରାଯାଉଛି। **(ଫଟୋ– ଯଜ୍ଞେଶ୍ୱର ମହାନ୍ତି)**

# ବିପଦ ଡାକିଲାଣି ଡେଙ୍ଗୁ

**ବର୍ଷା ଦିନେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ସହ ପାଣି ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଠିକ୍ ଭାବେ ଆବର୍ଜନା ପରିଚାଳନା କରାଯାଉ ନ ଥିବାରୁ ଡେଙ୍ଗୁ କାୟା ମେଲାଇଲାଣି। ଏବେ ରାଜ୍ୟରେ ୧୭୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ କେବଳ ୯୩ଜଣ ରହିଛନ୍ତି। ସବୁଠୁ ମୁଖ୍ୟ କଥା ହେଉଛି ସ୍ମାର୍ଟ ସିଟିର ମାନ୍ୟତା ପାଇଥିବା ରାଜଧାନୀ ଭୁବନେଶ୍ୱରରେ ୯୨ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ, ଡେଙ୍ଗୁ ଅଣାୟତ୍ତ ହୋଇପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଲେଣି।**

**ରାଜ୍ୟରେ ୧୭୫ ରୋଗୀ ଚିହ୍ନଟ**



- ଖୋର୍ଦ୍ଧା ଜିଲାରେ ସର୍ବାଧିକ, ଭୁବନେଶ୍ୱରରେ ୯୨ଜଣ
- ହସ୍ପିଟାଲରେ ମାଗଣା ଟେଷ୍ଟିଂ ବ୍ୟବସ୍ଥା
- ସତର୍କତାମୂଳକ ପଦକ୍ଷେପ ନେବାକୁ ସବୁ ଜିଲାକୁ ଏସ୍‌ଓପି ଜାରି

**ଭୁବନେଶ୍ୱର, ୧୭ (ବନ୍ଦନା ସେଠୀ)**

ବର୍ଷାଋତୁ ଆରମ୍ଭରୁ ଡେଙ୍ଗୁ ରୋଗ କାୟା ବିସ୍ତାର କରିବାରେ ଲାଗିଛି। ଏ ପର୍ଯ୍ୟନ୍ତ ରାଜ୍ୟରୁ ୧୭୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯୩ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ସ୍ମାର୍ଟସିଟି ଭୁବନେଶ୍ୱର ସଂକ୍ରମଣରେ ଆଗୁଆ ରହିଛି। ସହରରୁ ଏଯାବତ୍ ୯୨ଜଣ ଡେଙ୍ଗୁ ସଂକ୍ରମିତ ବାହାରିଛନ୍ତି। ସେହିପରି ଯାଜପୁର ଜିଲାରୁ ୧୨, ବାଲେଶ୍ୱର ଓ କଟକରୁ ୧୦ଜଣ ଲେଖାଏ, ପୁରୀରୁ ୮, ଜଗତ୍‌ସିଂହପୁର ଓ ଭଦ୍ରକରୁ ୭ଜଣ ଲେଖାଏ, ନୟାଗଡ଼ରୁ ୬ଜଣ, ରାୟଗଡ଼ାରୁ ୫ଜଣ, କୋରାପୁଟରୁ ୪ଜଣ, ମୟୂରଭଞ୍ଜ, କଳାହାଣ୍ଡି, ଝାରସୁଗୁଡ଼ା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, କେନ୍ଦୁଝରରୁ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି।

ଗତବର୍ଷ ଜୁନ୍ ଶେଷସୁଦ୍ଧା ରାଜ୍ୟରେ ୧୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱର ସଂକ୍ରମଣରେ ଆଗୁଆ ରହିଥିଲା। ଏଥର ମଧ୍ୟ ସ୍ଥିତି ସମାନ ରହିଛି। ତେବେ ରାଜ୍ୟରେ ବଢୁଥିବା ସଂକ୍ରମଣକୁ ନେଇ ଆତଙ୍କିତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସ୍ଥିତି ଭଲ ଥିବା ସେ କହିଛନ୍ତି। ପ୍ରତିବର୍ଷ ଜୁଲାଇ, ଅଗଷ୍ଟ ବେଳକୁ ମ୍ୟାଲେରିଆ ଓ ଡେଙ୍ଗୁର ପାଦୁର୍ଭାବ ବଢିଥାଏ। ଗତବର୍ଷ ଏହି ସମୟରେ ୫ହଜାର ୪ଶହ ☞**ପୃଷ୍ଠା–୪**

# ବସ୍‌ରେ ନିଆଁ, ଜଳିଗଲେ ୨୬ ଯାତ୍ରୀ



**ବୁଲ୍‌ଧନା, ୧୭**

ମହାରାଷ୍ଟ୍ରର ନାଗପୁରରୁ ପୁଣେ ଯାଉଥିବା ବିଦର୍ଭ ଟ୍ରାଭେଲ୍ସର ଏକ ବସ୍ ଶୁକ୍ରବାର ବିଳମ୍ବିତ ରାତିରେ ବୁଲଧନାସ୍ଥିତ ସମୃଦ୍ଧି ମହାମାର୍ଗ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ୩ ଶିଶୁଙ୍କ ସମେତ ୨୬ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅନ୍ୟ ୭ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବସ୍‌ରେ ୩୩ ଜଣ ଯାତ୍ରୀ ଥିଲେ। ରାତି ୧ଟା ୩୦ ମିନିଟ୍ ସମୟରେ ଏହା ଏକ ଲୁହା ଖୁଣ୍ଟକୁ ଧକ୍କାଦେଇ ଓଲଟି ପଡ଼ିବାରୁ ଡିଜେଲ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଟାୟାର ଫାଟିବାରୁ ବସ୍ ଖୁଣ୍ଟକୁ ଧକ୍କା ଦେଲା ବୋଲି ଡ୍ରାଇଭର କହିଛନ୍ତି। ଦୁର୍ଘଟଣା ସମୟରେ ଅଧିକାଂଶ ଯାତ୍ରୀ ଶୋଇଥିଲେ। ବସ୍‌ଟି ଡୋର ପାର୍ଶ୍ୱକୁ ଓଲଟି ପଡ଼ିବାରୁ ଯାତ୍ରୀମାନେ ବାହାରି ପାରିଲେ ନାହିଁ ବୋଲି ପୋଲିସ କହିଛି।

ଅନ୍ୟପକ୍ଷରେ ଟାୟାର ଫାଟିବା ଯୋଗୁ ଦୁର୍ଘଟଣା ଘଟିଥିବା ଖବରକୁ ଅମରାବତୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ଖଣ୍ଡନ କରିଛି। ଦୁର୍ଘଟଣାସ୍ଥଳରେ ରବର କିମ୍ବା ଟାୟାରର କୌଣସି ଚିହ୍ନ ଦେଖିବାକୁ ମିଳି ନ ଥିବା ଆର୍‌ଟିଓ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ତେବେ ହୁଇଲ୍ ଡିସ୍କ ବଙ୍କା ହୋଇଥିବା ଦେଖାଯାଇଛି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ ବସ୍‌ଟି ରାସ୍ତା ଡାହାଣ ପାର୍ଶ୍ୱରେ ଥିବା ଖୁଣ୍ଟକୁ ଧକ୍କାଦେବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଫଳରେ ଏହା ଡିଭାଇଡରରେ ଧକ୍କା ହୋଇ ☞**ପୃଷ୍ଠା–୪**

# ଜୁଲାଇ ୨୦ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ, ୧୭**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଶନିବାର ଏହି ସୂଚନା ଦେଇଛନ୍ତି। ଅଧିବେଶନ ସମୟରେ ଫଳପ୍ରଦ ଆଲୋଚନା ପାଇଁ ରାଜନୈତିକ ଦଳଗୁଡ଼ିକ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ସଂସଦୀୟ ସୂତ୍ର ଅନୁଯାୟୀ, ମୌସୁମୀ ଅଧିବେଶନ ପାର୍ଲାମେଣ୍ଟର ପୁରୁଣା ବିଲ୍ଡିଂରେ ଆରମ୍ଭ ହେବ ଏବଂ ମଧ୍ୟଭାଗରେ ଏହାକୁ ନୂଆ ବିଲ୍ଡିଂକୁ ସ୍ଥାନାନ୍ତର କରାଯିବ। ଏହି ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨୮ରେ ଉଦ୍‌ଘାଟନ କରିଥିଲେ। ଅଧିବେଶନରେ ମୋଟ ୧୭ଟି ସିଟିଂ ରହିବ। ଏନ୍‌ଡିଏ ସରକାର ଏକକ ଦେୱାନି ସଂହିତା (ୟୁସିସି) କାର୍ଯ୍ୟକାରୀ କରିବା ଲାଗି ବିଲ୍ ଆଣିବେ। ନିକଟରେ ପ୍ରଧାନମନ୍ତ୍ରୀ ଭୋପାଳର ଏକ ରାଲିରେ ୟୁସିସି ପ୍ରସଙ୍ଗରେ କହିବା ପରେ ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏହା ସରକାରଙ୍କ ଧ୍ରୁବୀକରଣ କୌଶଳ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର(ସଂଶୋଧନ) ଅଧ୍ୟାଦେଶ ପରିବର୍ତ୍ତେ ସରକାର ବିଲ୍ ଆଣିପାରନ୍ତି। ☞**ପୃଷ୍ଠା–୪**

# ବିନା ଚକରେ ଚାଲୁଛି କାର୍

**ରୋମ୍, ୧୭**

ଗାଡ଼ି ତିଆରିଠାରୁ ଆରମ୍ଭକରି ଇଲେକ୍ଟ୍ରୋନିକ୍ ଡିଭାଇସ୍ ନିର୍ମାଣ କ୍ଷେତ୍ରରେ ଟେକ୍‌ନୋଲୋଜିର ବଡ଼ ଅବଦାନ ରହିଛି। ସେହିପରି ବିଭିନ୍ନ ଅଟୋମୋବାଇଲ କମ୍ପାନୀ ଏବେ ଉନ୍ନତ ଜ୍ଞାନକୌଶଳକୁ ବ୍ୟବହାର କରି ଆଡ୍‌ଭାନ୍ସଡ ଓ ନୂଆ ପ୍ରଣାଳୀର କାର୍, ବାଇକ୍ ତିଆରି କରିବାରେ ଲାଗିଛନ୍ତି। ଏମିତି କିଛି କାର୍ ରହିଛି, ଯାହା କୌଣସି ଘରଠାରୁ କମ୍ ନୁହେଁ। ଏବେ କିନ୍ତୁ ଇଣ୍ଟରନେଟ୍‌ରେ ଏକ କାର୍ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି କାର୍‌ଟି ବିଶ୍ୱର ସବୁଠାରୁ ନିଚା କାର୍ ବୋଲି କୁହାଯାଉଛି।



ସୋସିଆଲ ମିଡିଆରେ ଛାଇଯାଇଥିବା ଏହି କାର୍‌ରେ ପ୍ରବେଶ ପାଇଁ ଡୋର୍ ନାହିଁ କି ଟାୟାର ନାହିଁ। ଏହାସତ୍ତ୍ୱେ କାର୍‌ଟି ଅବାଧରେ ଅନ୍ୟ କାର୍ ଭଳି ରାସ୍ତାରେ ଯାଉଛି। ଯଦିଓ ଏହି ନିଚା କାର୍‌ରେ କାହାରିକୁ ବସିବାର ସୁଯୋଗ ମିଳିବ ନାହିଁ କିନ୍ତୁ କାର୍‌କୁ ଦେଖି ଅନେକଙ୍କ ମନରେ କୌତୂହଳ ଜାତ ହେଉଛି। କାରାମଘେଡୋନ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଏହାର ଭିଡିଓ ଶେୟାର କରାଯାଇଛି। ଏଥିରେ କେବଳ ବୋନେଟ୍ ଓ ୱିଣ୍ଡୋ ସେଡ୍‌ସ ରହିଛି। ଇଟାଲୀର କେତେଜଣ ଅଟୋମୋବାଇଲ୍ ☞**ପୃଷ୍ଠା–୪**




## କେନିଆ ଦୁର୍ଘଟଣାରେ ୫୧ ମୃତ

ନାଇରୋବି, ୧।୭: କେନିଆରେ ଏକ ସଡ଼କ ଦୁର୍ଘଟଣାରେ ୫୧ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ଏକ ଟ୍ରକ୍ କେତେକ ଗାଡ଼ି ଓ ବଜାର ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲା। ଲୋଧିଆନିର ରିଫ୍ଟ ଭ୍ୟାଲି ସହରରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିର ଭଗ୍ନାବଶେଷ ତଳେ ଆଉ କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା କେନିଆ ରେଡ୍‌କ୍ରସ ସୋସାଇଟି ପକ୍ଷରୁ କୁହାଯାଇଛି।

## ପ୍ରତି କୃଷକଙ୍କୁ ବର୍ଷକୁ ୫୦ ହଜାର ଟଙ୍କା ମିଳୁଛି: ମୋଦି

ନୂଆଦିଲ୍ଲୀ, ୧।୭: କେନ୍ଦ୍ର ସରକାର ପ୍ରତିବର୍ଷ କୃଷି ସେକ୍ଟର ପାଇଁ ୬.୫ ଲକ୍ଷ କୋଟି ଟଙ୍କା ଦେଉଛନ୍ତି। ପ୍ରତି କୃଷକ ବର୍ଷକୁ ବିଭିନ୍ନ ଯୋଜନାରେ ୫୦ ହଜାର ଟଙ୍କା ଲାଭ ପାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଏହା କେବଳ ପ୍ରତିଶ୍ରୁତି ନୁହେଁ, 'ମୋଦି ଗ୍ୟାରେଣ୍ଟି' ବୋଲି ପ୍ରଧାନମନ୍ତ୍ରୀ ୧୭ତମ ଭାରତୀୟ ସମବାୟ କଂଗ୍ରେସରେ ଉଦ୍‌ବୋଧନ ଦେଇ କହିଛନ୍ତି। ନିକଟରେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଆକ୍ଷେପ କରି ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାର ସାର ସବ୍‌ସିଡି, ଖାଦ୍ୟଶସ୍ୟ କ୍ରୟ, ପିଏମ୍-କିଷଣନ ଆଦି ଯୋଜନାରୁ ଚାଷୀ ପାଉଥିବା ଲାଭ ସମ୍ପର୍କରେ ସୂଚନା ଦେଇଥିଲେ।

# ବିକ୍ଷୋଭକାରୀଙ୍କୁ ପୋଲିସର ଲାଠି

## ବିହାର: ଶିକ୍ଷକ ନିଯୁକ୍ତିରେ ବାହାର ଲୋକଙ୍କୁ ଅନୁମତିର ପ୍ରତିବାଦ



ପାଟନାରେ ଆନ୍ଦୋଳନରତ ନିଯୁକ୍ତି ଆଶାୟୀଙ୍କ ଉପରେ ପୋଲିସର ଲାଠିଚାଳନା।

ପାଟନା, ୧।୭ (ପି.ଟି.)

ବିହାରରେ ଶିକ୍ଷକ ନିଯୁକ୍ତି ଲାଗି ବାହାର ରାଜ୍ୟର ଲୋକେ ଆବେଦନ କରିପାରିବେ। ରାଜ୍ୟ ସରକାରଙ୍କ ଏଭଳି ବିବାଦୀୟ ନିଷ୍ପତ୍ତି ପ୍ରତିବାଦରେ ଶନିବାର ରାଜଧାନୀ ପାଟନାରେ ଜୋର୍‌ଦାର ବିକ୍ଷୋଭ ହୋଇଛି। ପାଟନାର କେନ୍ଦ୍ରସ୍ଥଳ ଡାକ ବଙ୍ଗଳା ଛକରେ ହଜାର ହଜାର ଯୁବତୀଯୁବକ ଏକାଠି ହୋଇ ବିକ୍ଷୋଭରେ ସାମିଲହେବା ପରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ବଳ ପ୍ରୟୋଗ କରିଥିଲା। କେତେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। ପ୍ରଶାସନଠାରୁ ଅନୁମତି ନ ନେଇ ଯୁବତୀଯୁବକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହା ବେଆଇନ ବୋଲି ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲୁ ବୋଲି ପାଟନା ଡିଏସ୍‌ପି ନୁରୁଲ ହକ୍ କହିଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ସରକାରଙ୍କ ମନୋଭାବର ପ୍ରତିଫଳନ ବୋଲି ସିଟିଇଟି ଏବଂ ବିଟିଇଟି ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିକ୍ଷୋଭକାରୀମାନେ କହିଛନ୍ତି। ସେମାନେ ଶିକ୍ଷିତ ଲୋକ ଏବଂ ନ୍ୟାଯ୍ୟ ଦାବି ପାଇଁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବାବେଳେ ପୋଲିସ ବଳ ପ୍ରୟୋଗ କରିବା ସହ ଅପରାଧୀ ଭଳି ସେମାନଙ୍କୁ ଗିରଫ କରିଛି। ସରକାର ଓ ପୋଲିସକୁ ଲଜ୍ଜା ନାହିଁ ବୋଲି ନିଯୁକ୍ତି ଆଶାୟୀ ପୂଜା ସିଂ କହିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ନିଯୁକ୍ତିରେ ରାଜ୍ୟ ବାସିନ୍ଦା ନୀତି ଗ୍ରହଣ କରାଯିବ ନାହିଁ ବୋଲି ନୀତୀଶ କୁମାର ସରକାର ନିକଟରେ ଘୋଷଣା କରିଥିଲେ। ଏହାକୁ ବିରୋଧୀ ଦଳ ଭାଜପା ସମେତ ମହାମେଣ୍ଟ ସରକାରକୁ ବାହାରୁ ସମର୍ଥନ କରୁଥିବା ସିପିଆଇ(ଏମ୍‌ଏଲ୍) ଲିବରେଶନ ବିରୋଧ କରିଛି। ରାଜ୍ୟ ଭିତରେ ଶିକ୍ଷକ ନିଯୁକ୍ତି ଲାଗି ମେଧାବୀଙ୍କ ଅଭାବ ଥିବାରୁ ବାହାର ପ୍ରାର୍ଥୀଙ୍କୁ ଅନୁମତି ଦିଆଯାଇଥିବା ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖର କହିବା ପରେ ଏହା ସ୍ଥିତିକୁ ଆହୁରି ଜଟିଳ କରିଛି। ବାହାର ଲୋକଙ୍କୁ ନିଯୁକ୍ତି ପ୍ରତିବାଦରେ ୧୩ ତାରିଖରେ ଭାଜପା ବିଧାନସଭା ଅଭିଯାନ କରିବ ବୋଲି ଘୋଷଣା କରିଛି। ବିହାର ବିଧାନସଭାର ମୌସୁମୀ ଅଧିବେଶନ ଜୁଲାଇ ୧୦ରୁ ଆରମ୍ଭ ହେଉଛି। ବିହାରରେ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ବୋଲି ବିଧାନସଭାରେ ଭାଜପା ନେତା ବିଜୟ କୁମାର ସିହ୍ନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ସହମତି ବୟସ ୧୬କୁ ହ୍ରାସ କରାଯାଉ

### କେନ୍ଦ୍ରକୁ କହିଲେ ମଧ୍ୟପ୍ରଦେଶ ହାଇକୋର୍ଟ

ଗ୍ୱାଲିୟର, ୧।୭

ମହିଳାମାନଙ୍କ ସହମତି ବୟସ ୧୬ ବର୍ଷକୁ ହ୍ରାସ କରିବା ନିମନ୍ତେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ବର୍ତ୍ତମାନ ମହିଳାମାନଙ୍କ ସହମତି ବୟସ ୧୮ ବର୍ଷ ରଖାଯାଇଥିବାରୁ କିଶୋରମାନଙ୍କ ପ୍ରତି ଅନ୍ୟାୟ ହେବା ସହ ସାମାଜିକ ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି ବୋଲି ହାଇକୋର୍ଟ କହିଛନ୍ତି। ୨୦୨୦ରେ ଜଣେ ନାବାଳିକାଙ୍କୁ ଏକାଧିକ ଥର ବଳାତ୍କାର କରି ଗର୍ଭବତୀ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଏତଲାକୁ ଅଦାଲତ ଖାରଜ କରିଦେବା ସହ ଉପରୋକ୍ତ ଅନୁରୋଧ କରିଛନ୍ତି। ଆଜିକାଲି ୧୪ ବର୍ଷ ବୟସର ପୁଅଝିଅ ସୋସିଆଲ ମିଡିଆ ସଚେତନତା ଓ ସହଜରେ ଇଣ୍ଟରନେଟ୍ ସଂଯୋଗରେ ଆସି ଯୌବନତ୍ୱ ପ୍ରାପ୍ତ ହେଉଛନ୍ତି। ସେଥିପାଇଁ ସେମାନେ କମ୍ ବୟସରେ ପରସ୍ପର ପ୍ରତି ଆକର୍ଷିତ ହେଉଛନ୍ତି ଓ ପରିଣାମରେ ସେମାନଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ସ୍ଥାପନ ହେଉଛି। ତେଣୁ ଝିଅମାନଙ୍କ ସହମତି ବୟସ ୧୮ରୁ ୧୬ ବର୍ଷକୁ ହ୍ରାସ ନେଇ କେନ୍ଦ୍ର ସରକାର ବିଚାର କରିବାକୁ ହାଇକୋର୍ଟ ଅନୁରୋଧ କରିଛନ୍ତି।

## ୟୁକ୍ରେନରେ ସ୍ପେନ୍ ପ୍ରଧାନମନ୍ତ୍ରୀ

### ରୁଷିଆ ମିଶାଇଲ ମାଡ଼ରେ ୩ ମୃତ



ପେଡ୍ରୋ ସାନ୍‌ଚେଜ

କିଭ୍, ୧।୭

ରୁଷିଆ ଆକ୍ରମଣ ବିରୋଧରେ ୟୁକ୍ରେନର ଲଢ଼େଇକୁ ସମର୍ଥନ ଜଣାଇବା ପାଇଁ ଶନିବାର ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ କିଭ୍‌ରେ ପହଞ୍ଚିଛନ୍ତି। ଏହି ଲଢ଼େଇ ଯେତେଦୂର ପର୍ଯ୍ୟନ୍ତ ଚାଲିବ ମାଡ୍ରିଡ୍ ଓ ୟୁରୋପୀୟ ସଂଘର ସହଯୋଗ ୟୁକ୍ରେନ୍ ସହ ସେପର୍ଯ୍ୟନ୍ତ ରହିବ ବୋଲି ପେଡ୍ରୋ କହିଛନ୍ତି। ୟୁକ୍ରେନ୍ ପାର୍ଲାମେଣ୍ଟରେ ପେଡ୍ରୋ ଉଦ୍‌ବୋଧନ ଦେଇଥିବାବେଳେ ତାଙ୍କୁ ଷ୍ଟାଣ୍ଡିଂ ଓବେଶନ୍ ମିଳିଛି। ୟୁକ୍ରେନ୍ ଗସ୍ତବେଳେ ପେଡ୍ରୋ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିବା ସହ ଅପରାହ୍ନରେ ମିଳିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ରୁଷିଆ ମିଶାଇଲ ମାଡ଼ରେ ୟୁକ୍ରେନ୍ ଇଲସେହ୍ୱେରରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଥିବା ୟୁକ୍ରେନୀୟ ସେନା ପକ୍ଷରୁ କୁହାଯାଇଛି।



କଶ୍ମୀରର ଗଣ୍ଡରୱାଲ ଜିଲାର ବାଲତଲଠାରେ ଅମରନାଥ ଯାତ୍ରୀମାନଙ୍କ ଉପରେ ସୁରକ୍ଷା ଯବାନ କଡ଼ା ନଜର ରଖିଛନ୍ତି। ୬୨ ଦିନିଆ ପବିତ୍ର ଅମରନାଥ ଯାତ୍ରା ଶନିବାର ଆରମ୍ଭ ହୋଇଛି।

## ପାକିସ୍ତାନ ଜେଲରେ ୩୦୮ ଭାରତୀୟ

ଇସ୍‌ଲାମାବାଦ୍, ୧।୭

ପାକ୍ ଜେଲରେ ୩୦୮ ଭାରତୀୟ ବନ୍ଦୀ ଥିବା ଶନିବାର ପାକିସ୍ତାନ ପକ୍ଷରୁ ଏକ ସୂଚୀ ଭାରତକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୪୨ ଜଣ ସାଧାରଣ ଲୋକଙ୍କ ସମେତ ୨୬୬ ମତ୍ସ୍ୟଜୀବୀ ଥିବା ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ଭାରତୀୟ ଜେଲରେ ମୋଟ ୪୧୭ ଜଣ ପାକିସ୍ତାନୀ ବନ୍ଦୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୪୩ ସାଧାରଣ ନାଗରିକ ଏବଂ ୭୪ ଜଣ ମାଛଧରାଳି । ତେବେ ଯେଉଁ ବନ୍ଦୀଙ୍କର ଦଣ୍ଡ ଅବଧି ଶେଷ ହୋଇସାରିଛି ସେମାନଙ୍କୁ ନିଜ ଦେଶକୁ ପଠାଇ ଦେବା ଲାଗି ପାକିସ୍ତାନ ପକ୍ଷରୁ କୁହାଯାଇଛି।

## ଆଜାଦଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

ଚଣ୍ଡିଗଡ଼, ୧।୭

ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଶନିବାର ହରିୟାଣାର ଅମ୍ବାଲାରୁ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ହରିୟାଣା ଓ ଉତ୍ତରପ୍ରଦେଶ ପୋଲିସର ମିଳିତ ଅପରେଶନ ଆରମ୍ଭ କରିଥିଲା। ଗତ ୨୮ରେ ଉତ୍ତର ପ୍ରଦେଶ ଦେଓବନ୍ଦରେ ଆଜାଦଙ୍କ ଉପରକୁ କେତେଜଣ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।


BYPASSING SO MANY INSTITUTIONS OF CITIES
WHY STUDENTS LOOKING FOR HIGH QUALITY EDUCATION GO TO



GIET UNIVERSITY GUNUPUR (Estd. 1997)

The only University that offers GUARANTEE OF PLACEMENT to all students of all branches who attend minimum 90% of classes.

- We have been offering 90+% campus placement to B.Tech, B.Sc Agriculture, MBA & MCA students for past 20 years.
- Our regular recruiters are TCS, Cognizant, Wipro, Mind tree, Hexaware, Capgemini, Cavission, Piaggio, Tech Mahindra, Amazon, Jindal Steel, Accenture, HCL, IBM, Blue Star Samsung, Welspun, Aditya Birla, Suzlon, Pinnacle Info., Royal Infra, JK Paper, L&T Infotech, Invenio, Utkal Alumina, Jindal Saw, Ultratech, Birla Soft. etc. Etc.

B.Tech I B.Sc. (Ag.) I M.Tech I MBA I MCA I BBA I BCA I B.Sc. (Nursing) I M.Sc. in Phy I Chem I Math I Biotech I Life Sc. I MA in English I Ph.D I Diploma in Engineering (EE / Civil / Mech.)

CAREER COUNSELING AT YOUR CITY
on 2nd July 2023

| City | Venue | Contact | City | Venue | Contact |
|---|---|---|---|---|---|
| Balasore | Regional Office, Balasore | 9437755019 | Boudh | Hotel The Kalinga | 7606954555 |
| Bargarh | Hotel Ganapathi | 9556072231 | Dhenkanal | Hotel Debakanya | 9438322226 |
| Berhampur | Zonal Office, Pani Tank Road | 9040503456 | Jagatsinghpur | Hotel Siddhi Binayak | 8249848688 |
| Bhabanipatna | Hotel Bhagirathi Inn. | 8118053004 | Khalikote | Apple Resort | 9040402278 |
| Bhubaneswar | Corporate Office, GIETU, Baramunda | 8118053007 | Malkangiri | Hotel Swagat | 8118053002 |
| Bolangir | Hotel SJ Regency | 9853621190 | Rajgangpur | Hotel Sun City | 8118053009 |
| Cuttack | Hotel Grand Residency | 8917423315 | | | |

GIET UNIVERSITY, GUNUPUR
(A State University Approved by UGC and AICTE)
nirf 2022
www.giet.edu 8118053001 deanadmission@giet.edu


## ତିସ୍ତାଙ୍କ ଜାମିନ ଆବେଦନ ଖାରଜ

### ତୁରନ୍ତ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧।୭

ମୁମ୍ବାଇର ସାମାଜିକ କର୍ମୀ ତିସ୍ତା ସେତଲଭାଦଙ୍କ ନିୟମିତ ଜାମିନ ଆବେଦନକୁ ଗୁଜରାଟ ହାଇକୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ୨୦୦୨ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରେ ନିରୀହ ଲୋକଙ୍କୁ ଫସାଇବା ପାଇଁ ପ୍ରମାଣ ଜାଲିଆତି କରିଥିବା ଅଭିଯୋଗରେ ସମ୍ପୃକ୍ତ ତିସ୍ତାଙ୍କୁ ତୁରନ୍ତ ଆତ୍ମସମର୍ପଣ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ତିସ୍ତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାଙ୍କ ଜାମିନ ପିଟିଶନ୍‌ର ଶୁଣାଣି ପାଇଁ ୩ ଜଣିଆ ଖଣ୍ଡପୀଠକୁ ପଠାଯାଇଛି। ଆତ୍ମସମର୍ପଣ ପାଇଁ ତାଙ୍କୁ ଗୁଜରାଟ ହାଇକୋର୍ଟ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଜଷ୍ଟିସ ଏ.ଏସ୍. ଓକା ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ।

ତିସ୍ତାଙ୍କ ସହ ଅନ୍ୟତମ ଅଭିଯୁକ୍ତ ତଥା ପୂର୍ବତନ ପୋଲିସ ଡିଜି ଆର୍.ବି. ଶ୍ରୀକୁମାରଙ୍କୁ ଗୁଜରାଟ ପୋଲିସ ଗତବର୍ଷ ଜୁନ୍ ୨୫ରେ ଗିରଫ କରିବା ପରେ ଜୁଲାଇ ୨ରେ କୋର୍ଟ ତାଙ୍କୁ ଜେଲ ପଠାଇଦେଇଥିଲେ। ସେପ୍ଟେମ୍ବରରେ ତିସ୍ତା ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ପାଇଥିଲେ।

## ସିଙ୍ଗାପୁରରେ ବଢ଼ୁଛି ଆତ୍ମହତ୍ୟା

ସିଙ୍ଗାପୁର, ୧।୭

ଗତ ୨୨ ବର୍ଷ ତୁଳନାରେ ବର୍ତ୍ତମାନ ସମୟରେ ସିଙ୍ଗାପୁରରେ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୧ ଅପେକ୍ଷା ୨୦୨୨ରେ ଆତ୍ମହତ୍ୟା ଘଟଣାରେ ୨୬% ବୃଦ୍ଧି ଘଟିଛି। ତେବେ ମାନସିକ ଦୁଶ୍ଚିନ୍ତା ଅମ୍ବହତ୍ୟାର ମୁଖ୍ୟ କାରଣ ପାଲଟିଥିବା ସ୍ଥାନୀୟ ଅଣସରକାରୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସିଙ୍ଗାପୁରରେ ୧୦ରୁ ୨୯ ଏବଂ ୭୦ରୁ୭୦ ବୟସ ବର୍ଗଙ୍କ କ୍ଷେତ୍ରରେ ଆତ୍ମହତ୍ୟା ଘଟଣା ଅଧିକ ଘଟୁଥିବା କୁହାଯାଉଛି। ଗତବର୍ଷ ଦେଶରେ ମୋଟ ୪୭୬ ଜଣ ଆତ୍ମହତ୍ୟା କରିଥିବାବେଳେ ୨୦୦୦ ମସିହା ପରଠାରୁ ଗତବର୍ଷ ପ୍ରଥମ ଥର ଲାଗି ସର୍ବାଧିକ ଆତ୍ମହତ୍ୟା ଘଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ତଥ୍ୟ ଅନୁସାରେ ସାରା ବିଶ୍ୱରେ ୧୫ରୁ ୨୯ ବୟସ ବର୍ଗର ବ୍ୟକ୍ତି ବିଶେଷ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। କିନ୍ତୁ ସିଙ୍ଗାପୁରରେ ୧୦ ବର୍ଷର ପିଲା ଆତ୍ମହତ୍ୟାକୁ ଆପଣାଇଛନ୍ତି। ଏହାର ମୁଖ୍ୟ କାରଣ ମାନସିକ ଚିନ୍ତା, ସାମାଜିକ ଚାପ ଏବଂ ଅର୍ଥାଭାବ ହୋଇଥିବା ଆତ୍ମହତ୍ୟା ନିରୋଧୀ କେନ୍ଦ୍ର ସମରିଟାନ୍ସ ଅଫ୍ ସିଙ୍ଗାପୁରର ଚିଫ୍- ଏକ୍‌ଜିକ୍ୟୁଟିଭ୍ ଗାସ୍‌ପର ଟାନ୍ କହିଛନ୍ତି। ବିଶ୍ୱରେ ବର୍ଷକୁ ୭,୦୦,୦୦୦ ଲୋକ ଆତ୍ମହତ୍ୟାରେ ପ୍ରାଣ ହାରୁଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

## ପୋଲିସ ବିରୋଧୀ ଦଙ୍ଗା : ୨୪୦୦ ଗିରଫ

### ଜଳୁଛି ଫ୍ରାନ୍ସ



ଜଳୁଥିବା ଗାଡ଼ି ନିକଟରେ ଜଣେ ବ୍ୟକ୍ତି ଯାଉଛନ୍ତି।

ପ୍ୟାରିସ, ୧।୭

ଫ୍ରାନ୍ସରେ ପୋଲିସ ଗୁଳିରେ ଜଣେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ପ୍ରତିବାଦରେ ହିଂସାତ୍ମକ ପ୍ରତିବାଦ ଜାରି ରହିଛି। ବ୍ୟାପକ ପୋଲିସ ମୁତୟନ ସତ୍ତ୍ୱେ କ୍ରମାଗତ ଚତୁର୍ଥ ରାତି ପାଇଁ ବିଭିନ୍ନ ସହରରେ ଦଙ୍ଗା ଦେଖାଦେଇଛି। ଉତ୍ୟକ୍ତ ଲୋକେ କାର ଓ ବିଲ୍ଡିଂରେ ନିଆଁ ଲଗାଇଦେବା ସହ ଦୋକାନ ବଜାର ଲୁଟ୍‌ପାଟ କରିଛନ୍ତି। ଇତିମଧ୍ୟରେ ପୋଲିସ ୨,୪୦୦ ଜଣଙ୍କୁ ଗିରଫ କଲାଣି। ଚତୁର୍ଥ ରାତିରେ ୧,୩୧୧ ଜଣ ଗିରଫ ହୋଇଛନ୍ତି। ଶନିବାର ମୃତ ୧୭ ବର୍ଷୀୟ ଆଫ୍ରିକୀୟ ଡ୍ରାଇଭର ନହେଲ ଏମ୍.ଙ୍କ ଶେଷକୃତ୍ୟ ପାଇଁ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ଶନିବାର ପ୍ରସ୍ତୁତି ଚଳାଇଥିବାବେଳେ ଉତ୍ତେଜନା ଦେଖାଦେଇଛି। ହିଂସା ଦମନ ପାଇଁ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଫ୍ରାନ୍ସ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପିଲାମାନଙ୍କୁ ଘରେ ରଖିବା ପାଇଁ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଅଭିଭାବକମାନଙ୍କୁ ଅପିଲ କରିବା ସତ୍ତ୍ୱେ ରାସ୍ତାରେ ଯୁବଗୋଷ୍ଠୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଲାଗିରହିଛି। ୨,୫୦୦ ସ୍ଥାନରେ ନିଆଁ ଲଗାଯିବା ସହ ବହୁ ଷ୍ଟୋର ଭଙ୍ଗାରୁଜା କରାଗଲାଣି। ମଙ୍ଗଳବାର ରାତିରୁ ହିଂସାକାଣ୍ଡ ଲାଗିରହିଥିବାବେଳେ ଇତିମଧ୍ୟରେ ମୋଟ ୨୪୦୦ ଜଣଙ୍କୁ ଗିରଫ କରାଗଲାଣି ବୋଲି ପୋଲିସ କହିଛି। ପ୍ୟାରିସ୍‌ଠାରୁ ଆରମ୍ଭ କରି ମାର୍ସିଲ, ଲିଓନ ଆଦି ବିଭିନ୍ନ ସହରରେ ହିଂସାଜନିତ କ୍ଷୟକ୍ଷତି ବଢ଼ିଚାଲିଛି। ଏପରିକି ଦରିଆପାରି ଫ୍ରାନ୍ସ ଅଞ୍ଚଳରେ ମଧ୍ୟ ହିଂସା ଦେଖାଦେଇଛି। ଫ୍ରେଞ୍ଚ ଗୁଏନାରେ ଗୁଳିମାଡ଼ରେ ଜଣେ ୫୪ ବର୍ଷୀୟଙ୍କର ମୃତ୍ୟୁ ଘଟିଛି। ସଂଘର୍ଷରେ ଶତାଧିକ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଆହତ ହେଲେଣି।




# ୨୦୯ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ

## ପ୍ରାଣୀଧନ ବିକାଶରେ ୫-ଟି ପ୍ରୟୋଗ ପାଇଁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୭(ଅନିଲ ଦାସ)

ପ୍ରାଣୀଧନ ବିକାଶ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ ପ୍ରାଣୀ ଚିକିତ୍ସକମାନେ ୫-ଟି ଉପକ୍ରମର ପ୍ରୟୋଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନଙ୍କୁ ପରାମର୍ଶ ଦେଇଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ୨୦୯ ଜଣ ପ୍ରାଣୀଧନ ଚିକିତ୍ସକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ନବନିଯୁକ୍ତଙ୍କ ପାଇଁ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା, ମିଳିତ ଉଦ୍ୟମ, ସ୍ୱଚ୍ଛତା ଓ ସମୟର ଉଚିତ ବ୍ୟବହାର ଦ୍ୱାରା ରୂପାନ୍ତର ଆସିଥାଏ। ଯୁବ ପ୍ରାଣୀ ଚିକିତ୍ସକ ଭାବେ ପ୍ରାଣୀଧନର ସ୍ୱାସ୍ଥ୍ୟ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମାଞ୍ଚଳର ଅର୍ଥନୀତିର ଉନ୍ନତି କ୍ଷେତ୍ରରେ ପ୍ରାଣୀ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଶାର ଚାଷୀମାନଙ୍କ ଜୀବିକାରେ ବିବିଧତା ଆଣି ଅଧିକ ରୋଜଗାର ସୃଷ୍ଟି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାର ପ୍ରାଣୀଧନ ଚାଷୀମାନଙ୍କର ଜୀବିକାର ଉନ୍ନତି ପାଇଁ ନୀତି ପ୍ରସ୍ତୁତି କରିବା ସହିତ ଅନେକ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ନୂତନ ୟୁନିଟ୍ ସ୍ଥାପନ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ମିଶନ ଶକ୍ତିର ସଦସ୍ୟମାନଙ୍କୁ ମଧ୍ୟ ଏଥିପାଇଁ ଆର୍ଥିକ ସହାୟତା ଦିଆଯାଉଛି। ମିଶନ ମୋଡ୍‌ରେ ପ୍ରାଣୀ ସମ୍ପଦର ଟିକାକରଣ କରାଯାଉଛି। ୩,୬୦୦ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଜରିଆରେ ୩ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଯୋଡ଼ି ହୋଇ ସେମାନଙ୍କ ଉତ୍ପାଦ ବିକ୍ରୟ କରିପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଜିଲାର ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ନୂତନ ନିଯୁକ୍ତି ରାଜ୍ୟରେ ପ୍ରାଣୀପାଳନ କ୍ଷେତ୍ରରେ ନିୟୋଜିତ ଚାଷୀଙ୍କ ଜୀବନରେ ଖୁସି ଏବଂ ପରିବର୍ତ୍ତନ ଆଣିପାରିବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଛନ୍ତି, ଓଡ଼ିଶାରେ କୃଷି ଓ ପ୍ରାଣୀଧନ କ୍ଷେତ୍ରରେ ନିରବଚ୍ଛିନ୍ନ ଅଭିବୃଦ୍ଧି ହୋଇଚାଲିଛି। କୃଷି କ୍ଷେତ୍ରକୁ ରାଜ୍ୟ ସରକାର ପ୍ରତି ବର୍ଷ ବଜେଟରେ ୨୦ ପ୍ରତିଶତ ବୃଦ୍ଧି କରୁଛନ୍ତି। ପ୍ରାଣୀ ସମ୍ପଦର ବିକାଶରେ ରାଜ୍ୟରେ ଚାଷୀମାନଙ୍କ ଆୟ ୪ ଗୁଣ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ଏହି ଅବସରରେ ୨ ଜଣ ନବନିଯୁକ୍ତ ପ୍ରାଣୀଧନ ଡାକ୍ତର ରୁକ୍ମିଣୀ ନାୟକ ଓ ଡ. ନରେନ୍ଦ୍ର ହେମ୍ବ୍ରମ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ୫-ଟି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଛି ବୋଲି ମତ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଧନ୍ୟବାଦ ଦେଇଛନ୍ତି।

# ୪ ଜିଲାର ୧୪ ହଜାର ମତ୍ସ୍ୟଜୀବୀ ପରିବାରକୁ ୨୧.୩୪ କୋଟି ସହାୟତା

ଭୁବନେଶ୍ୱର,୧୭(ଅନିଲ ଦାସ)

**ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା**

**ପ୍ରତ୍ୟେକ ପରିବାରକୁ ୧୫,୦୦୦**

ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନିମନ୍ତେ ଓଡ଼ିଶା ଉପକୂଳରେ ମାଛଧରା କଟକଣା ଲାଗୁ କରାଯାଇଥାଏ। ଏଥିଯୋଗୁ ଜଗତ୍‌ସିଂହପୁର ,କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀ ପ୍ରଭାବିତ ହୋଇଥାଆନ୍ତି। ଶନିବାର ଲୋକସେବା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ଜିଲାର ୧୪,୨୨୮ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ଜୀବିକା ସହାୟତା ରାଶି ପ୍ରଦାନ କରାଯାଇଛି। ମୋଟ ୨୧.୩୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ଦିଆଯାଇଛି। ପୂର୍ବରୁ ଏହି ମାଛଧରା କଟକଣା ସମୟରେ ପ୍ରଭାବିତ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରକୁ ୭୫୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଥିଲା। ଓଡ଼ିଶାର ୧୨୦ କିମି ସାମୁଦ୍ରିକ ଉପକୂଳ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ। ପ୍ରତିବର୍ଷ ହଜାର ହଜାର ମାଇଲ ଦୂରରୁ ଓଡ଼ିଶା ଉପକୂଳକୁ ସେମାନେ ଅଣ୍ଡାଦାନ ପାଇଁ ଆସିଥାନ୍ତି। ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ନିମନ୍ତେ ଦେବୀ ନଦୀ ମୁହାଣ, ଧାମରା ମୁହାଣ, ଋଷିକୁଲ୍ୟା ନଦୀ ମୁହାଣ ଅଞ୍ଚଳରେ ନଭେମ୍ବର ୧ ତାରିଖରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷସାରା ମାଛଧରା କଟକଣା ଲାଗୁ କରାଯାଇଥାଏ।

ଏହି ଅବସରରେ ୨ ଜଣ ମତ୍ସ୍ୟଜୀବୀ ଗଞ୍ଜାମରୁ ଅଧୁ କାଳିଆ ଓ କେନ୍ଦ୍ରାପଡ଼ାରୁ ଭକ୍ତ ରଞ୍ଜନ ମାହାଳି ସେମାନଙ୍କ ମତ ଦେଇ କହିଛନ୍ତି, କଇଁଛ ଅଣ୍ଡା ଦେବା ସମୟରେ ସେମାନଙ୍କ ମାଛ ଧରିବା ଉପରେ କଟକଣା ଥାଏ। ରାଜ୍ୟ ସରକାର ଏଥିପାଇଁ ସେମାନଙ୍କୁ ୭,୫୦୦ ଟଙ୍କା ଲେଖାଏ ଦେଉଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦୁଃଖ ବୁଝି ଏହାକୁ ୨ ଗୁଣ କରିଛନ୍ତି ଓ ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇଛନ୍ତି।

# ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ୨ ଫୁଟ୍ ବୃଦ୍ଧି

ସମ୍ବଲପୁର,୧୭(ଶୁଭାଶିଷ ପାଢୀ)

ଉପରମୁଣ୍ଡରେ ବର୍ଷା ସାଙ୍ଗକୁ ଛତିଶଗଡ କଲମା ବ୍ୟାରେଜର ସମସ୍ତ ଗେଟ୍ ଖୋଲିଦେବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜଳସ୍ତର ଶୁକ୍ରବାର ତୁଳନାରେ ୨ ଫୁଟ୍ ବଢ଼ିଛି। ଶୁକ୍ରବାର ରାତି ୯ଟାରେ ଜଳସ୍ତର ୬୦୪.୧୯ ଫୁଟ୍ ରହିଥିବା ବେଳେ ଶନିବାର ଏହା ୬୦୬.୦୨ ଫୁଟ୍‌ରେ ପହଞ୍ଚିଛି। ରାତିରେ ଏହାର ପରିମାଣ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏବେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୮୫ ହଜାର ୮୯୯ କ୍ୟୁସେକ ପାଣି ପ୍ରବେଶ କରୁଛି। ଅପରପକ୍ଷେ ପାୱାର ଚ୍ୟାନେଲକୁ ୩୩.୧୫୧ ହଜାର, ଚାଷ ପାଇଁ ୧ ହଜାର ୭୭୪, ଅନ୍ୟାନ୍ୟ ୫୫୦ କ୍ୟୁସେକ ଏଭଳି ମୋଟ ୩୩ ହଜାର ୮୬୫ କ୍ୟୁସେକ ପାଣି ନିଷ୍କାସନ ହେଉଛି। ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହୋଇ ନ ଥିବା ରେକର୍ଡ କରାଯାଇଛି।

# ମନୁଷ୍ୟକୃତ ତ୍ରୁଟିରୁ ଦୁର୍ଘଟଣା ଚର୍ଚ୍ଚା

ବାଲେଶ୍ୱର/ବାହାନଗା,୧୭
(ମାନସ ବିଶ୍ୱାଳ/ ଅରୂପ କୁମାର ଦାସ)

**ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଆଜି ପୂରିବ ମାସେ**



**ସିଆର୍‌ଏସ୍ ତଦନ୍ତ ରିପୋର୍ଟ ହେବନି ସାର୍ବଜନୀନ**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାକୁ ଜୁଲାଇ ୨ତାରିଖ ରବିବାର ଏକ ମାସ ପୂରିବ। ଏହି ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧ହଜାରରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। କେତେଜଣ ଆହତ ଘରକୁ ଫେରିଥିବାବେଳେ ଅନେକେ ଏବେବି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ହେଲେ ଏତେ ବଡ଼ ଦୁର୍ଘଟଣାର କାରଣ କ'ଣ ତାହା ଜାଣିବା ପାଇଁ ସମସ୍ତଙ୍କ ମନରେ ଉତ୍‌କଣ୍ଠା ଜାରି ରହିଥିବାବେଳେ କମିଶନ ଅଫ୍ ରେଲ୍‌ୱେ ସେଫ୍‌ଟି(ସିଆର୍‌ଏସ୍) ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିଛି। ତେବେ ଏହି ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ ବୋଲି ରେଳ ବିଭାଗ ମନା କରିଦେଇଛି। ଅପରପକ୍ଷରେ ମନୁଷ୍ୟକୃତ ତ୍ରୁଟିରୁ ଏଭଳି ଘଟଣା ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଥିବା ନେଇ ଚର୍ଚ୍ଚା ହେଉଛି।

ବାହାନଗା ଟ୍ରେନ୍ ଦୁର୍ଘଟଣାର କାରଣ ଜାଣିବା ପାଇଁ ଉଭୟ ରେଳ ବିଭାଗ ଏବଂ ସିବିଆଇ ପକ୍ଷରୁ ତଦନ୍ତ ଜାରି ରହିଛି। ଇତିମଧ୍ୟରେ ନିକଟରେ ସିଆର୍‌ଏସ୍ ରେଲ୍‌ୱେ ବୋର୍ଡ ତଦନ୍ତ ରିପୋର୍ଟ ଦାଖଲ କରିଛି। ହେଲେ ସିବିଆଇ ତଦନ୍ତ ଜାରି ରହିଥିବାରୁ ଏହା ଶେଷ ନ ହେବା ପର୍ଯ୍ୟନ୍ତ ସିଆର୍‌ଏସ୍ ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରିବାକୁ ରେଲ୍‌ୱେ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଏନେଇ କୌଣସି ଆନୁଷ୍ଠାନିକ ସୂଚନା ମିଳିନାହିଁ। ରେଲୱେର ଜଣେ ବରିଷ୍ଠ ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି ଯେ, ସିବିଆଇ ତଦନ୍ତ ଜାରି ରହିଥିବାରୁ ଆମେ ସିଆର୍‌ଏସ୍‌ର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବୁ ନାହିଁ। ଉଭୟ ସିଆର୍‌ଏସ୍ ଓ ସିବିଆଇର ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାହାନଗା ଦୁର୍ଘଟଣାର ତଦନ୍ତ କରୁଥିବା ଦକ୍ଷିଣ-ପୂର୍ବ ସର୍କଲ ସିଆର୍‌ଏସ୍ ଏମ୍. ଚୌଧୁରୀ ଗତ ଗୁରୁବାର ରେଲୱେ ବୋର୍ଡରେ ନିଜର ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟରେ ମାନବୀୟ ତ୍ରୁଟି ଯୋଗୁ ଟ୍ରେନ୍ ଦୁର୍ଘଟଣା ଘଟିଥିବାନେଇ ଉଲ୍ଲେଖ ଥିବା କୁହାଯାଉଛି। ସିଗ୍‌ନାଲିଂ, ଟେଲିକମ୍ ଏବଂ ଟ୍ରାଫିକ୍ ଆଦି ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ଅଘଟଣ ଘଟିଛି। ଟ୍ରେନ୍ ଚଳାଚଳ ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ପାଳନ କରିବାରେ ଅଧିକାରୀମାନେ ବିଫଳ ହୋଇଛନ୍ତି ବୋଲି ରିପୋର୍ଟରେ ଲେଖାଥିବା ରେଲ୍‌ୱେ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

ପ୍ରକାଶ ଥାଉକି, ଗତ ଜୁନ୍ ୨ତାରିଖରେ ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ହାଓଡ଼ାରୁ ଚେନ୍ନାଇ ଯାଉଥିବା କରମଣ୍ଡଳ ଏକ୍ସପ୍ରେସ, ଶାଳିମାର ଏକ୍ସପ୍ରେସ୍ ଏବଂ ମାଲବାହୀ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାର କିଛିଦିନ ପରେ ଦକ୍ଷିଣ-ପୂର୍ବ ରେଲୱେର ମହାପ୍ରବନ୍ଧକ(ଜିଏମ୍) ଅର୍ଚ୍ଚନା ଜୋଷୀଙ୍କୁ ପଦରୁ ହଟାଯାଇଛି। ତାଙ୍କ ସ୍ଥାନରେ ଅନିଲ କୁମାର ମିଶ୍ର ନୂଆ ମହାପ୍ରବନ୍ଧକ ବା ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତ ହୋଇଛନ୍ତି।

# ବେଆଇନ ପାର୍କିଂ ବଢ଼ାଉଛି ଦୁର୍ଘଟଣା

ଭୁବନେଶ୍ୱର,୧୭(ଅନିଲ ଦାସ)

- ନିର୍ମାଣ ହେବ ୯ ଟ୍ରକ୍ ଟର୍ମିନାଲ
- ୧୫୦ କୋଟି ବ୍ୟୟବରାଦ

ରାସ୍ତାକଡ଼ରେ ବେଆଇନ ପାର୍କିଂ ଯୋଗୁ ରାଜ୍ୟରେ ସଡ଼କ ଦୁର୍ଘଟଣା ବଢୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ୯ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ଯାଜପୁର, କେନ୍ଦୁଝର ଏବଂ ବ୍ରହ୍ମପୁରରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ, ବାଲେଶ୍ୱର, ଭଦ୍ରକ ଓ ନବରଙ୍ଗପୁର ଜିଲାରେ ନିର୍ମାଣ କରିବାକୁ ଚୂଡ଼ାନ୍ତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ଏହି ଟର୍ମିନାଲ ନିର୍ମାଣ କରାଯିବ। ଟର୍ମିନାଲ ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବାକୁ ମୁଖ୍ୟଯନ୍ତ୍ରୀ (ରୋଡ୍ ଆଣ୍ଡ ବିଲ୍ଡିଂ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଟର୍ମିନାଲ ପାଇଁ ଅତି କମ୍‌ରେ ୧୦ ଏକର ଜାଗା ଚିହ୍ନଟ କରାଯାଇଛି।

ଟର୍ମିନାଲରେ ଡ୍ରାଇଭରମାନଙ୍କ ରହଣି ନିମନ୍ତେ ଆଶ୍ରୟ ସ୍ଥଳ, ଗାଡ଼ି ମରାମତି ପାଇଁ ଗ୍ୟାରେଜ, ରେଷ୍ଟୁରାଣ୍ଟ, ପେଟ୍ରୋଲ ପମ୍ପ, ୱେବ୍ରିଜ୍, ଲୋଡିଂ ଓ ଅନ୍‌ଲୋଡିଂ ପାଇଁ ସ୍ଥାନ, ଏଟିଏମ୍, କ୍ଲିନିକ୍ ଓ ଅନ୍ୟାନ୍ୟ ସୁବିଧା ରହିବ। ନିର୍ମାଣ ପରେ ଟର୍ମିନାଲଗୁଡ଼ିକୁ ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡ୍‌ରେ ରକ୍ଷଣାବେକ୍ଷଣ ପ୍ରଦାନ କରାଯିବ। ଟର୍ମିନାଲ ନିର୍ମାଣ କରିବାକୁ ଘରୋଇ ସଂସ୍ଥା ଆଗ୍ରହ ଦେଖାଉ ନ ଥିବାରୁ ରାଜ୍ୟ ସରକାର ନିଜେ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ କଡ଼ରେ ପାର୍କିଂ କରାଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ରାଜପଥ କଡ଼ରେ ଟର୍ମିନାଲ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ପର୍ଯ୍ୟାୟରେ ସେଗୁଡ଼ିକ ନିର୍ମାଣ କରାଯିବ। ଏହାଦ୍ୱାରା ଦୁର୍ଘଟଣା କିଛିମାତ୍ରାରେ ହ୍ରାସପାଇବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ରେ ରାଜ୍ୟରେ ୫୦୮୧ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ସେଥିରୁ ୨୫% କେବଳ ରାସ୍ତାକଡ଼ରେ ବେଆଇନ ପାର୍କିଂ ଯୋଗୁ ହୋଇଛି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ପରିବହନ ଗବେଷଣା ସଂସ୍ଥା ରିପୋର୍ଟ ଅନୁଯାୟୀ ୨୦୨୧ରେ ସମଗ୍ର ଦେଶରେ ଜାତୀୟ ରାଜପଥରେ ୧,୨୮,୮୨୫ ସଡ଼କ ଦୁର୍ଘଟଣା (୩୧.୨୧%) ହୋଇଥିବା ବେଳେ ରାଜ୍ୟ ରାଜପଥରେ ୯୬,୩୮୨(୨୩.୪%) ଦୁର୍ଘଟଣା ଘଟିଛି।

# ବିରୋଧାଭାସ, ପ୍ରତିଯୋଗିତା ଉର୍ଦ୍ଧ୍ୱରେ ପ୍ରେମ



ଉତ୍ସବରେ ଜଣେ ଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରୁଛନ୍ତି ରାଜ୍ୟପାଳ।

ସମ୍ବଲପୁର,୧୭ (ଶୁଭାଶିଷ ପାଢୀ)

**ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ**

ଭୌତିକ ସମ୍ପତ୍ତି ସୀମା ତୁଳନାରେ ପ୍ରେମର ବ୍ୟାପକତା ଅଧିକ। ପ୍ରେମ କୌଣସି ଆପତ୍ତି, ପ୍ରତିଯୋଗିତା ଓ ବିରୋଧାଭାସରୁ ଉର୍ଦ୍ଧ୍ୱରେ। ବିନମ୍ରତା, ସରଳତା, ପ୍ରେରଣା, ବଦାନ୍ୟତା ହେଉଛି ପ୍ରେମର ପ୍ରତୀକ। ଏହାର ସାମର୍ଥ୍ୟ ବୁଝିବାକୁ ହେଲେ ଦୃଷ୍ଟିକୋଣ ଓ ବିନିମୟତା ଦରକାର। କୌଣସି ବିଷୟର ପ୍ରତିକାର ଓ ମାନସିକ ଜାଗରଣର ମୂଳାଧାର ହେଉଛି ପ୍ରେମ ବୋଲି ଶନିବାର ଆଇଆଇଏମ୍ ସମ୍ବଲପୁରର ଷଷ୍ଠ ଓ ସପ୍ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସଂସ୍ଥାନର ପରିଚାଳନା ବୋର୍ଡ ସେଲସ୍‌ଫୋର୍ସ ଇଣ୍ଡିଆର ଅଧକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ କହିଥିଲେ, ସମ୍ପ୍ରତି ଉଦ୍ଭାବନ ଓ ବୈଷୟିକ କୌଶଳ ଦ୍ୱାରା ପୃଥିବୀର ରୂପ ବିନ୍ୟାସ ହୋଇଛି। ଏହି ସମୟରେ ସ୍ନାତକମାନଙ୍କ ଦାୟିତ୍ୱ ବୃଦ୍ଧି ପାଉଛି। ନିଜକୁ ପରିବର୍ତ୍ତନ କଲେ ନୂତନ ଦୁନିଆ ଦେଖି ହେବ। ଭବିଷ୍ୟତ ସ୍ନାତକମାନଙ୍କ ହାତରେ ଥିବାରୁ ହୃଦୟ ଓ ମସ୍ତିଷ୍କକୁ ନେଇ ଅନୁକୂଳ ପ୍ରଭାବ ସକାଶେ ସର୍ବଦା ଉଦ୍ୟମ କରିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଶିକ୍ଷାଦାନ, ଗବେଷଣା ଓ ଇନ୍‌କ୍ୟୁବେଶନକୁ ଆଧାର କରି ଆଇଆଇଏମ୍ ସମ୍ବଲପୁର ଅଗ୍ରସର ହେଉଛି। ଚଳିତବର୍ଷ ବାର୍ଷିକ ସର୍ବାଧିକ ୬୪.୫୧ ଲକ୍ଷ (ଘରୋଇ) ଏବଂ ୬୪.୧୫ ଲକ୍ଷ ଟଙ୍କା (ଅନ୍ତର୍ଜାତୀୟ) ପ୍ୟାକେଜ୍‌ରେ ଏହି ଆଇଆଇଏମ୍ ଶତପ୍ରତିଶତ ନିଯୁକ୍ତି ଲକ୍ଷ୍ୟ ହାସଲ କରିଛି, ଯାହାକି ଗତବର୍ଷଠାରୁ ୧୪୬.୭ ପ୍ରତିଶତ ଅଧିକ ବୋଲି ସେ କହିଥିଲେ। ଏହି ଅବସରରେ ୩୨୨ ଜଣ ସ୍ନାତକଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଉଭୟ ଶିକ୍ଷାବର୍ଷର ୩ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

# ପଡ଼ିଆ ପଡ଼ିବ ୮ ହଜାର ହେକ୍ଟର ଚାଷଜମି

ଖଇରା, ୧୭(ଉତ୍କଳବନ୍ଧୁ ପଣ୍ଡା)

**ବିଛା ଚାଲିଛି ଭୂତଳ ପାଇପଲାଇନ**

**ଚିନ୍ତାରେ ଖଇରା, ଔପଦା, ସୋର ବ୍ଲକର ଚାଷୀ**


ବଟେଶ୍ୱର-ତେଲଦିଆ ରାସ୍ତାକଡ଼ ଜମିରେ ପାଇପ ବିଛା କାର୍ଯ୍ୟ ଚାଲିଛି।

ବାଲେଶ୍ୱର ଜିଲା ଅଧୀନ ଖଇରା, ଔପଦା ଓ ସୋର ବ୍ଲକର କିଛି ଅଂଶ ଚାଷଜମିକୁ ଜଳସେଚିତ କରିବାକୁ ଏବେ ଭୂତଳଜଳ ପାଇପ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ହେଲେ ଠିକାଦାର ଏହାକୁ ଠିକ୍ ଢଙ୍ଗରେ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଛି। ଜମିଗୁଡ଼ିକୁ ଖୋଳାଖୋଳି କରାଯିବା ପରେ ତାକୁ ଠିକ୍ ଭାବେ ପୋତି ସମାନ କରାଯାଉନାହିଁ କି ଜମି ହିଡକୁ ଠିକ୍ ଭାବେ ଦିଆଯାଉନାହିଁ। ଫଳରେ ଚଳିତବର୍ଷ ୮ହଜାର ହେକ୍ଟର ଜମି ପଡିଆ ପଡିବା ନିଶ୍ଚିତ ହୋଇଯାଇଛି। ତୁରନ୍ତ କାର୍ଯ୍ୟ କରୁଥିବା ଗୁଜରାଟ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ହଜାର ହଜାର ଚାଷୀ ଦାବି କରିଛନ୍ତି।

ଖଇରା, ଔପଦା ଓ ସୋର ବ୍ଲକର ୯ହଜାର ୮୦୩ ହେକ୍ଟର ଚାଷଜମିକୁ ଭୂତଳ ପାଇପ ମାଧ୍ୟମରେ ଜଳସେଚିତ କରିବାକୁ ପାଖାପାଖି ୨୫୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଆନନ୍ଦପୁର କେନାଲ ଡିଭିଜନ ଅଧୀନକୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ଦିଆଯାଇଛି। ଆମ୍ବହତା କେନାଲର ୧୨ଟି ଡିଷ୍ଟ୍ରିବ୍ୟୁଟାରିରୁ ୧୨୦କି.ମି. ମୁଖ୍ୟ ପାଇପଲାଇନ ଓ ୬୯୦ କି.ମି. ଶାଖା ପାଇପଲାଇନ ମାଧ୍ୟମରେ ପ୍ରତି ହେକ୍ଟର ଚାଷଜମିକୁ ପାଣି ମାଡିବା ପାଇଁ ଗୋଟିଏ ଗୋଟିଏ ପମ୍ପିଂ ପଏଣ୍ଟ ବ୍ୟବସ୍ଥା ଲକ୍ଷ୍ୟ ରଖାଯାଇଛି। ୧୮ମାସ ମଧ୍ୟରେ ଶେଷ ହେବାକୁ ଥିବା କାର୍ଯ୍ୟର ମନ୍ଥର ଗତି ପାଇଁ ୧୨ମାସ ମଧ୍ୟରେ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅଧାପନ୍ତରିଆ କାର୍ଯ୍ୟ ପାଇଁ ଏ ବର୍ଷ ଚାଷ ବ୍ୟାପକ ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ପରୀକ୍ଷାମୂଳକ ଭାବେ ଚଳିତବର୍ଷ ନୟାଖଣ୍ଡି ଓ ସୁଣ୍ଡିରା ଡିଷ୍ଟ୍ରିବ୍ୟୁଟାରି ଅଧୀନରେ ଆସୁଥିବା ଚାଷଜମିକୁ ଖରିଫ ଋତୁରେ ଜଳସେଚନ କରାଯିବାକୁ ପ୍ରସ୍ତୁତି ଚାଲିଛି। ଏହି କାରଣରୁ ଅନ୍ୟ ଚାଷଜମିଗୁଡିକ ନିଶ୍ଚିତ କ୍ଷତିଗ୍ରସ୍ତ ହେବା ଅବଶ୍ୟମ୍ଭାବୀ। କାରଣ ମୁଖ୍ୟ ଲାଇନରେ ୬ଫୁଟରୁ ୭ଫୁଟ ଗଭୀରତାରେ ଏବଂ ଶାଖା ଲାଇନରେ ୩.୫ ଫୁଟରୁ ୪ ଫୁଟ ଗଭୀରତାରେ ପାଇପ ବିଛା କାର୍ଯ୍ୟ ଚାଲୁରହିଛି। ଗର୍ତ୍ତଗୁଡିକୁ ଠିକ୍ ଭାବେ ସମତୁଲ କରାଯାଉ ନ ଥିବାରୁ ଜମିଗୁଡିକ କେଉଁଠି ୩ ଫୁଟ ଉଚ୍ଚ କେଉଁଠି ୩ ଫୁଟ ଖାଲୁଆ ରହିଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିବା ଆଶଙ୍କା ଦେଖାଦେଇଛି। ସେହିଭଳି ମହତୀପୁର, ଗୋଳିହା, ବଟେଶ୍ୱର-ମଳିହା, ଓଖାପାଖେରୀ-ଅଡା ଭଳି ୧୦ରୁ ଅଧିକ ମୁଖ୍ୟ ସଡକ ପଥକୁ କାଟି ତା' ତଳେ ପାଇପ ସଂଯୋଗ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏଗୁଡିକୁ ମରାମତି କରାଯାଉ ନ ଥିବାରୁ କାଦୁଅ ପଚ ପଚ ରାସ୍ତାରେ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଥିବା ନେଇ ଅଭିଯୋଗ ହୋଇଛି। ସେହିଭଳି ରାସ୍ତା ପାର୍ଶ୍ୱ ଡ୍ରେନ୍‌ଗୁଡିକରୁ ମାଟି ପରିଷ୍କାର କରାଯାଉ ନ ଥିବାରୁ କୃତ୍ରିମ ବନ୍ୟାକୁ ନିମନ୍ତ୍ରଣ କରୁଛି। ବାରମ୍ବାର ଅଭିଯୋଗ ପରେ ମଧ ରାସ୍ତାଗୁଡିକ ପୂର୍ବବତ୍ ମରାମତି କରାଯାଉ ନ ଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର କେନାଲ ଡିଭିଜନର ନିର୍ବାହୀଯନ୍ତ୍ରୀ ସୁଶାନ୍ତ କୁମାର ମାଝିଙ୍କୁ ଯୋଗାଯୋଗ କରିବାରେ ଚାଷୀମାନେ ଯେଭଳି କ୍ଷତିଗ୍ରସ୍ତ ନ ହେବେ ସେଥିଲାଗି ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଜୁଲାଇ, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଢୁଥିବ ମାରିବ ନାହିଁ;
ଗୋଡ଼ାଉଥିବ ଧରିବ ନାହିଁ।**

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ। ତେଣୁ ଗୋଡ଼ାଉଥିବ,ଧରିବନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚାଟ ଘର ପୁଅ ଚାଟ
ଭାଟ ଘର ପୁଅ ଭାଟ।**

ଶିକ୍ଷିତ ଘରର ପିଲା ଶିକ୍ଷିତ ହୋଇଥିବା ପରି ସମ୍ଭ୍ରାନ୍ତ ଘରର ପିଲା ସେହିଭଳି ହେବାର ଦେଖିବାକୁ ମିଳିଥାଏ। ଏଣୁ ଘର ଗୁଣେ ସନ୍ତାନ ବୋଲି ବୁଝିବାକୁ ହୁଏ। ତେଣୁ ବାସ୍ତବରେ ଘର ବା ବଂଶର ପ୍ରଭାବ ପୁତ୍ର ଉପରେ ପଡୁଥିବାବେଳେ ସେମାନେ ସେଇ ଅନୁସାରେ ହିଁ ଗଢ଼ି ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ନିର୍ମାତା କାର୍ତ୍ତିକୀଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ

**ଲଣ୍ଡନ,୧।୭**

ବ୍ରିଟେନ ରାଜା ଚାର୍ଲ୍ସ ୩ୟ ଏବଂ ରାଣୀ କାମିଲା ଭାରତୀୟ ବୃତ୍ତଚିତ୍ର କ୍ଷୁଦ୍ର ଫିଲ୍ମ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ'ର ପ୍ରଯୋଜିକା କାର୍ତ୍ତିକୀ ଗୋନସାଲଭେସ୍‌ଙ୍କୁ ଏନ୍‌ଭାଇରନମେଣ୍ଟାଲ ଆୱାର୍ଡ ପ୍ରଦାନ କରିଛନ୍ତି। ବୁଧବାର ବ୍ରିଟେନର ଲାନ୍‌କାଷ୍ଟର ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ତ୍ତିକୀଙ୍କୁ ପୁରସ୍କୃତ କରାଯାଇଛି। 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଡକ୍ୟୁମେଣ୍ଟାରିରେ ହାତୀ ଓ ମଣିଷ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଯାଇଛି। କାର୍ତ୍ତିକୀ ଆୱାର୍ଡକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବାବେଳେ ବୃତ୍ତଚିତ୍ର ନିର୍ମାଣରେ ସହଯୋଗ କରିଥିବା ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ବେଷ୍ଟ ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ଭାବେ ଚଳିତବର୍ଷ ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସକୁ ଏକାଡେମୀ ଆୱାର୍ଡ ପ୍ରଦାନ କରାଯାଇଥିଲା। ୨୦୨୨ରେ କାର୍ତ୍ତିକୀଙ୍କ ନିର୍ଦ୍ଦେଶନାରେ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଶର୍ଟ ଫିଲ୍ମ ନିର୍ମାଣ କରାଯାଇଥିଲା। ଅନାଥ ହାତୀ ସାବକ ରଘୁ ଓ ତାକୁ ଦେଖାଶୁଣା କରୁଥିବା ଦମ୍ପତିଙ୍କ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କକୁ ନେଇ ଏହାର କାହାଣୀ ପର୍ଯ୍ୟବସିତ। ସେହିବର୍ଷ ଡିସେମ୍ବର ୮ରେ ଏହା ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିଲା। 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ପ୍ରଥମ ଭାରତୀୟ ଶର୍ଟ ଫିଲ୍ମ, ଯାହା ଓସ୍କାର ପୁରସ୍କାରରେ ସମ୍ମାନିତ ହୋଇଛି।





ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ଉନ୍ନୟନ କମିଶନର ମାଲକାନଗିରି ଜିଲା ଯୋଜନା ଓ ସଂଯୋଜନ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇଙ୍କୁ ପୁରସ୍କୃତ କରୁଛନ୍ତି।

# ଉଲ୍ଲେଖନୀୟ କାର୍ଯ୍ୟ: ରାଜ୍ୟରେ ମାଲକାନଗିରି ପ୍ରଥମ

**ମାଲକାନଗିରି,୧।୭(ଦୁର୍ଯ୍ୟୋଧନ ପାତ୍ର)**

ଯୋଜନା ଓ ସଂଯୋଜନ ବିଭାଗରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ଲାଗି ମାଲକନଗିରି ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ହାସଲକରି ଶନିବାର ପୁରସ୍କୃତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପରିସଂଖ୍ୟାନ ଦିବସ ପାଳନ ଅବସରରେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଉପସ୍ଥିତିରେ ଜିଲାକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଯୋଜନା ଓ ସଂଯୋଜନ ବିଭାଗ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ପୁରସ୍କାର ଗ୍ରହଣ କରିଥିଲେ। ତେବେ ଜିଲା ପ୍ରଶାସନର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଏହି ପୁରସ୍କାର ମିଳିଥିବା ଜଣାପଡିଛି।

# ସାଧୁ ବେଶରେ ଲୁଚିଥିଲେ ୨୨ ବର୍ଷ



ଅଭିଯୁକ୍ତ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କୁ ପୋଲିସ ଗିରଫ କରିନେଉଛି।

### ସୁରଟରେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା: ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)**

ତ୍ରିକୋଣୀୟ ପ୍ରେମକୁ ନେଇ ଗୁଜୁରାଟ ରାଜ୍ୟର ସୁରଟରେ ୨୦୦୧ରେ ଘଟିଥିବା ଏକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ୨୨ବର୍ଷ ପରେ ଧରାପଡ଼ିଛନ୍ତି। ସୁରଟ ପୋଲିସର ଏକ ଟିମ୍ ଉତ୍ତରପ୍ରଦେଶର ମଥୁରା ନନ୍ଦଗ୍ରାମସ୍ଥିତ କୁଞ୍ଜକୁଟି ଆଶ୍ରମରେ ସାଧୁବେଶରେ ରହୁଥିବା ଅଭିଯୁକ୍ତ ଗୌରାଙ୍ଗ ଚନ୍ଦ୍ର ପଣ୍ଡା ଓରଫ୍ ପଦ୍ମଚରଣଙ୍କୁ ଗିରଫ କରିଛି। ଗୌରାଙ୍ଗଙ୍କ ଘର ବ୍ରହ୍ମପୁର ଶ୍ରୀରାମନଗର ହୋଇଥିବା ବେଳେ ସେ ଘଟଣା ପରଠାରୁ ଫେରାର୍ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଲୁଚି ରହୁଥିବା ବେଳେ ଗତ କିଛିମାସ ହେଲା ମଥୁରାରେ ସାଧୁବେଶରେ ରହୁଥିଲେ ବୋଲି ସୁରଟ ପୋଲିସ କହିଛି। ସୂଚନା ଅନୁସାରେ, ବ୍ରହ୍ମପୁର ଶ୍ରୀରାମନଗର ନିବାସୀ ଗୌରାଙ୍ଗ ସୁରଟକୁ କାମ କରିବାକୁ ଯାଇଥିଲେ। ସେ ସୁରଟର ଶାନ୍ତିନଗର ଅଞ୍ଚଳରେ ରହୁଥିଲେ। ସେଠାରେ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହି ଯୁବତୀଙ୍କ ସହିତ ଅନ୍ୟ ଜଣେ ଯୁବକ ବିଜୟ ଶିବା ଦାସଙ୍କ ସମ୍ପର୍କ ଥିବା ଗୌରାଙ୍ଗ ଜାଣିବାକୁ ପାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗୌରାଙ୍ଗ ୨୦୦୧ ସେପ୍ଟେମ୍ବର ୩ ତାରିଖରେ ବିଜୟଙ୍କୁ ହତ୍ୟା କରି ନାଳରେ ଫିଙ୍ଗି ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ହତ୍ୟା ଘଟଣା ପରେ ଗୌରାଙ୍ଗ ବ୍ରହ୍ମପୁର ପଳାଇ ଆସିଥିଲେ। ପରେ ମଥୁରା ଯାଇ ସେଠାରେ ନିଜକୁ ଗୌରାଙ୍ଗ ଚରଣ ପଣ୍ଡା ବୋଲି ପରିଚୟ ଦେଇ ସାଧୁ ବେଶରେ ରହିଥିଲେ। ଗୌରାଙ୍ଗଙ୍କୁ ଧରାଇଦେବାକୁ ସୁରଟ ପୋଲିସ ୪୫ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। କିଛିଦିନ ତଳେ ସୁରଟ ପୋଲିସ ଗୌରାଙ୍ଗ ସମ୍ପର୍କରେ ସୂଚନା ପାଇଥିଲା। ସେ କୁଞ୍ଜକୁଟି ଆଶ୍ରମରେ ଚଢ଼ଉ କରି ଗୌରାଙ୍ଗଙ୍କୁ ଗିରଫ କରିଥିଲା।

# କିରାଣିଙ୍କୁ ମାଡ଼ମାରି ଚେୟାରରୁ ଠେଲିଦେଲେ ସିଡିପିଓ

**ନବରଙ୍ଗପୁର,୧।୭
(ସଦାଶିବ ପ୍ରହରାଜ)**

ନିଜ ଅଧୀନରେ କାମ କରୁଥିବା ଜଣେ ବରିଷ୍ଠ ମହିଳା କିରାଣି ସନ୍ତୋଷୀ କୁମାରୀ ମିଶ୍ରଙ୍କୁ ମାଡ଼ ମାରିବା ସହ ବସିଥିବା ଚୌକିରୁ ଠେଲିଦେଲେ ଡାବୁଗାଁ ସିଡିପିଓ ଗୀତାଞ୍ଜଳି ମହାରଣା। ମହିଳା କିରାଣିଙ୍କ ମୁଣ୍ଡ ଓ କହୁଣି କାନ୍ଥରେ ପିଟିହୋଇ ଆଘାତ ଲାଗିଛି। ଏହାର ଭିଡିଓ ଏବେ ଭାଇରାଲ ହେଉଛି। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ନବରଙ୍ଗପୁର ଜିଲା ଡାବୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଭିତରେ ଏହି ଘଟଣା ଘଟିଛି। ତେବେ ଖବର ଲେଖାଯିବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, କାର୍ଯ୍ୟାଳୟର ଜୁନିୟର କିରାଣିଙ୍କୁ ସନ୍ତୋଷୀ ପୂର୍ବ ମାସର ଦରମା କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ମିଳିତ ଅମଲା ସଂଘ ସମୂହ ଛୁଟିରେ ଥିବାରୁ ଦରମା ବିଳମ୍ବ ହୋଇଛି। ସେମାନଙ୍କ ଉକ୍ତ ଦରମା ହେବା ପରେ ଆପଣଙ୍କୁ ଦରମା ମିଳିବ ବୋଲି କନିଷ୍ଠ କିରାଣିମାନେ ସନ୍ତୋଷୀଙ୍କୁ କହିଥିଲେ। ନିୟମିତ କାର୍ଯ୍ୟାଳୟକୁ ଆସିବା ସତ୍ତ୍ୱେ କାହିଁକି ଦରମା ହୋଇନାହିଁ ବୋଲି ସନ୍ତୋଷୀ ପାଟି କରୁଥିବାବେଳେ ସିଡିପିଓ କ୍ଷେତ୍ର ପରିଦର୍ଶନକରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ସନ୍ତୋଷୀଙ୍କୁ ପାଟି ଚୁପ୍ କରିବା ପାଇଁ କହିବା ସହ କାର୍ଯ୍ୟାଳୟରୁ ବାହାରିଯିବାକୁ କହିଥିଲେ। ସନ୍ତୋଷୀ କିନ୍ତୁ ନିଜ ଚେୟାରରେ ବସି ରହିଥିଲେ। ସିଡିପିଓ ଉତ୍‌କ୍ଷିପ୍ତ ହୋଇ ହାତ ଉଠାଇବା ସହ ସନ୍ତୋଷୀଙ୍କୁ ଚେୟାରରୁ ଠେଲିଦେଇଥିବା ଭିଡିଓ ଭାଇରାଲ ହେଉଛି। ଏ ନେଇ ସନ୍ତୋଷୀଙ୍କୁ ପଚାରିବାରୁ ଦରମା ପାଇଁ କହୁଥିବାବେଳେ ସିଡିପିଓ ସିଧାସଳଖ ହାତ ଉଠାଇଲେ। ମୋ ନାମରେ ଏତଲା ଦେବେ ବୋଲି ଧମକ ଦେଇଥିବା ସନ୍ତୋଷୀ କହିଛନ୍ତି। ପୂର୍ବରୁ ଜିପିଏଫ୍ ଓ ଦରମା କରୁ ନ ଥିବାରୁ ସିଡିପିଓଙ୍କ ବିରୋଧରେ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ ବୋଲି ସେ କହିଛନ୍ତି। ସିଡିପିଓଙ୍କୁ ବଦଳି କରିବାକୁ ସେ ଦାବି କରିଛନ୍ତି। ଏନେଇ ସିଡିପିଓ ଗୀତାଞ୍ଜଳି ମହାରଣାଙ୍କୁ ପଚାରିବାରୁ ସେ ମାଡ଼ ମରିଥିବା ଘଟଣାକୁ ଖଣ୍ଡନ କରିଛନ୍ତି। ସନ୍ତୋଷୀ ଦରମା କାହିଁକି ହେଉନାହିଁ ବୋଲି କନିଷ୍ଠ କିରାଣିଙ୍କ ସହ ପାଟିକରୁଥିଲେ। ପାଟି ନ କରି ଅଫିସରୁ ଚାଲିଯିବାକୁ ତାଙ୍କୁ କହିଥିଲି। ଛୁଟିରେ ଯାଇଥିବା କିରାଣିଙ୍କ ଦରମା ହେବା ପରେ ତାଙ୍କ ଦରମା କରାଯିବ ବୋଲି ସନ୍ତୋଷୀଙ୍କୁ କହିବା ପରେ ବି ସେ ପାଟି କରିଥିଲେ। ସନ୍ତୋଷୀ କିଛି କାମ କରୁ ନ ଥିବାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନାହିଁ। ଏ ନେଇ ଜିଲାପାଳଙ୍କୁ ୨ଥର ଅଭିଯୋଗ କରାଯାଇଛି ବୋଲି ସିଡିପିଓ କହିଛନ୍ତି।

ଭିଡିଓ ଭାଇରାଲ



ସିଡିପିଓ ବରିଷ୍ଠ କିରାଣି ସନ୍ତୋଷୀଙ୍କୁ ଠେଲି ଦେବାବେଳର ଭାଇରାଲ ଭିଡିଓର ଦୃଶ୍ୟ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧନାଧିପଙ୍କ କର୍ମଭାବକୁ ଦୃଷ୍ଟି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ, ସମ୍ମାନ ଓ ସହାନୁଭୂତି ଲାଭ କରିବେ। ଆଜିର କାମ ବିଳମ୍ବ ହେବାର ସୂଚନା ରହିଛି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ଅବଶ୍ୟ କିଛି ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ।

**ବୃଷ** ନିଜର ଲୋକଙ୍କ ସହ କଳହର ସମ୍ମୁଖୀନ ହେବେ। ବୁଧ ଓ ଶୁକ୍ରଙ୍କ ସୁପ୍ରଭାବରୁ ପ୍ରକାଶନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ଭଲ ରହିବ। ସାଙ୍ଗସାଥୀ କହିବେ ବହୁତ, କଲା ବେଳକୁ ସବୁ କିଛି ଓଲଟା କରିପାରନ୍ତି। ଜମିଜମା, କଳ କାରଖାନା, ହୋଟେଲ ଶିଳ୍ପ, ରେଷ୍ଟୁରାଣ୍ଟ ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** ଆଜି ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆରଦ୍ରା ନକ୍ଷତ୍ର ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବାଣିଜ୍ୟ, ବ୍ୟବସାୟ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତ ମାନର ଫଳ ମିଳିବ।

**କର୍କଟ** ଧନାଧିପ ଲାଭଭାବସ୍ଥ ଯୋଗୁ ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ଓ ପଦସ୍ଥ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସୃଷ୍ଟି ହେବ। ପାରିବାରିକ କ୍ଷେତ୍ରରେ ସଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ସଭା ସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ରାଜନୀତି, ସାଙ୍ଗଠନିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। କର୍ମ କ୍ଷେତ୍ରରେ ବାଧା ଉପୁଜିବ। ତଥାପି ବ୍ୟସ୍ତ ହୁଅନ୍ତୁ ନାହିଁ, କାମ ଅଟକିବ ନାହିଁ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ଆଜି ଯାହାକୁ ଯାହା କହିବେ ସବୁକିଛି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଧନାଧିପ ଧନାଭାବରୁ କର୍ମସ୍ଥ ହେତୁ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜିହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ବନ୍ଧୁଙ୍କ ସହାୟତାରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ଗୁରୁଚଣ୍ଡାଳ ଯୋଗଜନିତ ସମସ୍ୟା ଲାଗି ରହିଲେ ମଧ୍ୟ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ଆପଣଙ୍କ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

**ବିଛା** ଗୁରୁ ଦୃଷ୍ଟି ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣାଧୀନ ରହିବ। କିନ୍ତୁ ସାଧାରଣ କଥାରେ ଝଗଡ଼ା ସାଙ୍ଗକୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ଧନୁ** ରାଶ୍ୟାଧିପ ପାପଯୁକ୍ତଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହଛି। କଳା ସାହିତ୍ୟ, ସଙ୍ଗୀତ ତଥା ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ଚତୁର୍ଥସ୍ଥାନ ପାପଯୁକ୍ତ ହେତୁ ପରିବାରରେ ଭୁଲ ବୁଝାମଣା ନେଇ ଅଶାନ୍ତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ।

**କୁମ୍ଭ** ଆଜି କର୍ମଭାବସ୍ଥ ଚନ୍ଦ୍ର ହେତୁ ଅଭିଳଷିତ ଜିନିଷ ପ୍ରାପ୍ତି ହେବା ସାଙ୍ଗକୁ ବନ୍ଧୁଙ୍କ ଆଦରଣୀୟ ହେବେ। ନିଜର ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରି ଯାଇପାରେ।

**ମୀନ** ପାପଗ୍ରହ ଦୃଷ୍ଟିବର୍ଜିତ ହେତୁ କର୍ମକ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଗତକାଲିଠାରୁ ଚେଷ୍ଟା କରୁଥିବା କାମଗୁଡିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, ହୋମିଓପାଥିକ ଚିକିତ୍ସାର ଜନକ ହାନିମ୍ୟାନଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦିବା ଘ.୦୧।୧୮ ଗତେ, ଧନୁ ଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ୦୭।୦୦ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୬ ଗତେ ଘ.୦୩।୫୫ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ବସ୍‌ରେ ନିଆଁ, ଜଳିଗଲେ ...

ଓଲଟି ପଡ଼ିଲା ବୋଲି ସେ କହିଛନ୍ତି। ଦୁର୍ଘଟଣା ଏତେ ଜୋର୍‌ରେ ଥିଲା ଯେ,ବସ୍‌ର ଆଗ ଏକ୍ସିଲ ବାହାରିଯିବାରୁ ଏହା ରାସ୍ତାରେ ଘଷିହୋଇ ନିଆଁ ଲାଗିଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମର୍ମନ୍ତୁଦ ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଶିନ୍ଦେ ମୃତକମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ବିପଦ ଡାକିଲାଣି ...

ଟେଷ୍ଟ ହୋଇଥିବାବେଳେ ଚଳିତବର୍ଷ ୧୦ହଜାର ୭୮୧ ଟେଷ୍ଟ କରାଯାଇଛି। ଗତବର୍ଷ ଏହି ସମୟରେ ପ୍ରାୟ ୩ଶହ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ୧୭୫ ଜଣ ଚିହ୍ନଟ ହୋଇଛନ୍ତି। ଚଳିତ ବର୍ଷ ଟେଷ୍ଟିଂ ବଢିଥିଲେ ବି ପଜିଟିଭ ସଂଖ୍ୟା କମିଛି। ତେବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବାବେଳେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ବିଭିନ୍ନ ଜିଲାରେ ମାଗଣା ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ଜ୍ୱର, ଘୋଳାବିନ୍ଧା, ମୁଣ୍ଡ ବିନ୍ଧା ହେବା ହେଉଛି ଡେଙ୍ଗୁର ଲକ୍ଷଣ। ଏପରି ଲକ୍ଷଣ ଦେଖାଦେଲେ ଏଲିସା ପଦ୍ଧତିରେ ଟେଷ୍ଟିଂ କରାଯିବାକୁ ପରାମର୍ଶ ଦିଆଯାଇଛି। ଡେଙ୍ଗୁ ମୁଖ୍ୟତଃ ଏକ ଭାଇରାଲ ରୋଗ ହୋଇଥିବାରୁ ଏହା ୯୦% ଆପେଆପେ ଭଲ ହୋଇଥାଏ। ମୁଖ୍ୟତଃ ଡିହାଇଡ୍ରେଶନ ଏହି ରୋଗ ପାଇଁ ସବୁଠୁ ଅଧିକ ବିପଦ ସାବ୍ୟସ୍ତ ହୋଇଥାଏ। ଏପରି ହେଲେ ଯଥେଷ୍ଟ ପରିମାଣର ପାଣି ଓ ଓଆର୍‌ଏସ୍ ପିଇବା ଉଚିତ୍। ପ୍ଲେଟଲେଟ କମିଲେ ବ୍ଲିଡିଂ ହେବାର ଆଶଙ୍କା ରହୁଛି। ଏପରି ହେଲେ ତୁରନ୍ତ ଆଡମିଟ ହେବା ଆବଶ୍ୟକ। ତେବେ ଏହାକୁ ନେଇ ଅଧିକ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର ପରାମର୍ଶ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ସଂକ୍ରମଣ ଅଧିକ ରହୁଥିବାରୁ ଜିଲାର ୪ଟି ଜାଗାରେ ମାଗଣା ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲା ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲ, ଏମ୍ସ ହସ୍ପିଟାଲ ଓ ଆର୍‌ଏମ୍‌ଆର୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ରୋଗୀଙ୍କ ପାଇଁ ମେଡିକାଲରେ ବେଡ୍ ରଖିବାକୁ ସବୁ ଜିଲାକୁ ଚିଠି କରାଯାଇଛି। ଏଥିସହ ପର୍ଯ୍ୟାପ୍ତ ପରିମାଣର ଔଷଧ, ରକ୍ତ, ପ୍ଲେଟ୍‌ଲେଟ୍ ମହଜୁଦ ରଖିବାକୁ ସମସ୍ତଙ୍କୁ କୁହାଯାଇଛି। ସତର୍କତାମୂଳକ ପଦକ୍ଷେପ ନେବାକୁ ସବୁ ଜିଲାକୁ ଏସ୍‌ଓପି ଜାରି କରାଯାଇଥିବାବେଳେ ଚିକିତ୍ସାରେ ଯେପରି ଅବହେଳା ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ରାଜ୍ୟରେ ଡେଙ୍ଗୁର ସ୍ଥିତି ଭଲ ରହିଛି। ଏଯାବତ୍ ୪୭ଜଣ ରୋଗୀ ହସ୍ପିଟାଲକୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୪୨ଜଣ ସୁସ୍ଥ ହୋଇ ଘରକୁ ଫେରି ଗଲେଣି। ଏବେ ମାତ୍ର ୫ଜଣ ରୋଗୀ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ପ୍ରତିଦିନ ଏଠାରେ ୩୫ରୁ ୪୦ଜଣଙ୍କ ଟେଷ୍ଟିଂ କରାଯାଉଛି ଏବଂ ୪/୫ଜଣ ପଜିଟିଭ୍ ବାହାରୁଛନ୍ତି। ଭୁବନେଶ୍ୱରରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସେଲ୍ କରାଯାଇଛି। ୧୦ଟି ବେଡ୍ ସେମାନଙ୍କ ପାଇଁ ମହଜୁଦ୍ ରହିଛି। ଆବଶ୍ୟକ ପଡିଲେ ଅଧିକ ସଂଖ୍ୟକ ବେଡ୍ ମଧ୍ୟ ପ୍ରସ୍ତୁତ କରାଯିବ ବୋଲି ଡାକ୍ତର ସାହୁ କହିଛନ୍ତି। ସେହିପରି ରାଜଧାନୀର ଆଇଆର୍‌ସି ଭିଲେଜ୍ ଅଞ୍ଚଳରେ ସର୍ବାଧିକ ସଂକ୍ରମିତ ରହିଥିବା ବିଏମ୍‌ସି ସିଟି ହେଲ୍‌ଥ ଅଫିସର ଦୀପକ ବିଶୋଇ ସୂଚନା ଦେଇଛନ୍ତି। ଗତ ବର୍ଷ ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର ଅଞ୍ଚଳରେ ସଂଖ୍ୟାଧିକ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ଆଇଆର୍‌ସି ଭିଲେଜରୁ ସର୍ବାଧିକ ୨୨ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ବିଏମ୍‌ସି ପକ୍ଷରୁ ଏବେ ଡୋର୍ ଟୁ ଡୋର୍ ସର୍ଭେଲାନ୍ସ କରିବା ସହ ଫଗିଙ୍ଗ୍ ଏବଂ ଟାୟାର, ପଇଡ ଖୋଳ, ଡ୍ରେନ, ଡଷ୍ଟବିନ, କୁଲରରେ ଜମି ରହୁଥିବା ପାଣିକୁ କଢ଼ା ଯାଉଛି। ୩ ତାରିଖରୁ ସହରର ପ୍ରତ୍ୟେକ ୱାର୍ଡରେ ନିୟମିତ ଫଗିଙ୍ଗ୍ କରାଯିବ। ଏଥିସହ ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି। ପ୍ରତିବର୍ଷ ବର୍ଷାଦିନ ଆସିଲେ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗର ପ୍ରାଦୁର୍ଭାବ ବଢିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ବେଳହୁଁ ସାବଧାନ ହେବା ସହ ଟେଷ୍ଟିଂ ଓ ଟ୍ରିଟ୍‌ମେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବିନା ଚକରେ ଚାଲୁଛି ...

ଇଞ୍ଜିନିୟର ଏହାକୁ ତିଆରି କରିଛନ୍ତି। କାର୍‌ରେ ଲାଗିଥିବା କାଠପଟା ଦେହରେ ଏକ ରୋବୋ ଖଞ୍ଜାଯାଇଛି, ଯାହା କାର୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଛି। ସମ୍ପୂର୍ଣ୍ଣ କାର୍‌ଟି ରୋବୋ ଦ୍ୱାରା ନିୟନ୍ତ୍ରିତ ହେଉଥିବାବେଳେ ଏଥିରେ ଗୋପ୍ରୋ କ୍ୟାମେରା ଫିଟ୍ କରାଯାଇଛି। କ୍ୟାମେରା ଜରିଆରେ ରାସ୍ତାର କ୍ଲିୟର ଭ୍ୟୁ ରୋବୋ ପାଖରେ ପହଞ୍ଚୁଛି, ଯାହା ଦ୍ୱାରା ଜନଗହଳି ରାସ୍ତାରେ ମଧ୍ୟ କାର୍‌ଟି ଗଡ଼ିପାରୁଛି। ଟାୟାର ଓ ଡୋର୍ ବିହୀନ ଏକ ସିଆନ୍ (ସବୁଜ ଓ ନୀଳ ମିଶ୍ରିତ) ରଙ୍ଗର କାର୍ ରାସ୍ତାରେ ଯାଉଥିବାର ଭିଡିଓ ଟୁଇଟରରେ ମଧ୍ୟ ବହୁଳ ପ୍ରସାର ହେବାରେ ଲାଗିଛି। ଅଦ୍ୟାବଧି ୩୮ ନିୟୁତ ଲୋକ ଏହାକୁ ଦେଖିସାରିଥିବାବେଳେ ଭିଡିଓକୁ ୧୧.୪ ଲକ୍ଷ ଲାଇକ୍ ମିଳିସାରିଲାଣି।

## ଜୁଲାଇ ୨୦ରୁ ...

ସେବା ପ୍ରଶାସନ ଉପରୁ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ ହଟାଇବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିଲେ। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ମଣିପୁର ହିଂସା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିବେ।

## ସଂକ୍ଷେପରେ

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ତିର୍ତ୍ତୋଲ,୧୭ (ଗୌରାଙ୍ଗ ସ୍ୱାଇଁ): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାମୋଦରପାଟଣାର ଆଦର୍ଶ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର(୭୮)ଙ୍କ ପରଲୋକ ଘଟିଛି। ସେ ଏକାଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଏବଂ ଅଭିନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶୁକ୍ରବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ଶିକ୍ଷକତାକୁ ପେସା କରିଥିଲେ ମଧ କଳା ପ୍ରତି ତାଙ୍କ ମନରେ ଥିଲା ଅହେତୁକ ଦୁର୍ବଳତା। ତାଙ୍କ ଚର୍ଚ୍ଚିତ ନାଟକଗୁଡ଼ିକ ମଧରେ 'କାହାକୁ କରିବି ପର, କିଏ ତୁମେ ବ୍ରାହ୍ମଣ, ନ କହିଲେ କୁଳ ଭାସିଯାଉଛି, ପୋଡ଼ା ବେଦୀ ଓ ଛ' ମାଣ ଆଠ ଗୁଣ୍ଠ ନାଟକ ବେଶ୍ ସୁନାମ ଅର୍ଜନ କରିଥିଲା। ସେ ବିଭିନ୍ନ କଳା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତଥିବାବେଳେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ତଥା 'ଧରିତ୍ରୀ'ର ସହ-ସମ୍ପାଦକ ଶୁଭ୍ରପ୍ରକାଶ ମହାପାତ୍ର ମୁଖାଗ୍ନି ଦେଇଥିଲେ।


ସୁରେନ୍ଦ୍ର କୁମାର ମହାପାତ୍ର

### ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ୨ ଶିଶୁ ମୃତ

କୋରାପୁଟ,୧୭(ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ): ଖେଳୁଥିବା ସମୟରେ ପୋଖରୀରେ ବୁଡ଼ି ୨ଶିଶୁଙ୍କର ମୃତ୍ୟୁ ଘଟିଛି। ଏପରି ଅଭାବନୀୟ ଘଟଣା କୋରାପୁଟ ଜିଲା ଲମତାପୁଟ ବ୍ଲକ ତୁଷୁବା ପଞ୍ଚାୟତର କଞ୍ଚଣା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଖବର ଗ୍ରାମରେ ଆଲୋଡନ ଖେଳାଇ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବରରୁ ଜଣାପଡ଼ିଛି, ଉକ୍ତ ଗ୍ରାମର ଅର୍ଜୁନ କିର୍ଷାଣିଙ୍କ ସ୍ତ୍ରୀ ଶାନ୍ତି ଏବଂ ଲବ କିର୍ଷାଣିଙ୍କ ସ୍ତ୍ରୀ ଚନ୍ଦ୍ରମା ଶନିବାର ଗ୍ରାମ ପୋଖରୀ ନିକଟସ୍ଥ ବିଲକୁ ଧାନ ରୋଇବାକୁ ଯାଇଥିଲେ। ଉଭୟଙ୍କ ପୁଅ ଅମିର (୮) ଓ କପିନ୍ଦ୍ର (୬) ସେମାନଙ୍କ ମାଆଙ୍କ ପଛରେ ଯାଇ ପୋଖରୀ ନିକଟରେ ଖେଳୁଥିଲେ। ଏହି ସମୟରେ ଉଭୟେ ପାଣି ଭିତରକୁ ଚାଲିଯାଇଥିଲେ। ସେମାନେ ପୋଖରୀରେ ବୁଡ଼ିଯାଇଥିଲେ। ଚନ୍ଦ୍ରମା ଓ ଶାନ୍ତି ଧାନରୁଆ କାମ ସାରି ପୋଖରୀକୁ ଆସି ପିଲାଙ୍କୁ ଖୋଜିଥିଲେ। ପିଲାମାନେ ଘରକୁ ଚାଲିଯାଇଥିବେ ଭାବି ଉଭୟେ ଘରକୁ ଯାଇଥିଲେ। ମାତ୍ର କେହି କାହା ଘରକୁ ଯାଇ ନ ଥିବାରୁ ପୁଣି ଥରେ ସେମାନେ ପୋଖରୀ ନିକଟକୁ ଫେରିଥିଲେ। ପୋଖରୀ ପାହାଚରେ ଉଭୟଙ୍କ ଚପଲ ଥିବା ଦେଖି ପିଲା ଦୁହେଁ ବୁଡ଼ିଯାଇଥିବା ଆଶଙ୍କା କରି କାନ୍ଦିବାକୁ ଲାଗିଲେ। ସେମାନଙ୍କ କାନ୍ଦ ଶୁଣି ଆଖପାଖରୁ ଲୋକମାନେ ପହଞ୍ଚି ପୋଖରୀରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଅମିର ଓ କପିନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, କପିନ୍ଦ୍ର ଚନ୍ଦ୍ରମାଙ୍କ ପୁଅ ହୋଇଥିବା ବେଳେ ଅମିର ଶାନ୍ତିଙ୍କ ପୁଅ ବୋଲି ଜଣାପଡ଼ିଛି।

## ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ

# ପୁଣେରୁ ଆଉ ଜଣେ ଗିରଫ

### ସଫ୍ଟୱେର୍ କମ୍ପାନୀରେ କାର୍ଯ୍ୟ କରୁଥିଲେ

### ଦୀର୍ଘ ଦିନ ଧରି ପାକିସ୍ତାନ ଗୁପ୍ତଚର ଓ ସେନା ସମ୍ପର୍କରେ ଥିଲେ

ଭୁବନେଶ୍ୱର,୧୭(ସୂର୍ଯ୍ୟକାନ୍ତ ବେହେରା)

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଆଉ ଜଣେ ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରର ପୁଣେରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଅଭିଜିତ ସଞ୍ଜୟ ଜାମ୍ବୁର। ସେ ଏକ ସଫ୍ଟୱେର କମ୍ପାନୀର କର୍ମଚାରୀ ବୋଲି ଶନିବାର ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଜିତଙ୍କୁ ଜୁନ ୨୯ତାରିଖ ଗୁରୁବାର ପୁଣେରୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ପରେ କୋର୍ଟଙ୍କ ଅନୁମତିରେ ତାଙ୍କୁ ତିନିଦିନିଆ ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱରକୁ ଅଣାଯିବା ପରେ ଶନିବାର ଏଠାକାର କୋର୍ଟରେ ହାଜର କରାଯାଇଛି। ଅଭିଜିତ୍ ଗୁଜରାଟର ଆନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଶ୍ୱବିଦ୍ୟାଳୟରୁ ପରିସଂଖ୍ୟାନ (ଷ୍ଟାଟିଷ୍ଟିକ୍ସ)ରେ ସ୍ନାତକୋତ୍ତର କରିଥିବା ବେଳେ ପୁଣେର ଏକ ସଫ୍ଟୱେର୍ କମ୍ପାନୀରେ କାର୍ଯ୍ୟ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି।


ଅଭିଯୁକ୍ତ ଅଭିଜିତ ସଞ୍ଜୟ ଜାମ୍ବୁର

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ସୂଚନାନୁସାରେ ଅଭିଜିତ୍ ଦୀର୍ଘ ଦିନ ଧରି ୨ ପାକିସ୍ତାନୀ ଗୁପ୍ତଚର ଓ ପାକିସ୍ତାନ ଆର୍ମି ଗୁପ୍ତଚରଙ୍କ ସହ ନିୟମିତ ଯୋଗାଯୋଗରେ ରହୁଥିଲେ। ୨୦୧୮ରେ ସେ ଫେସ୍‌ବୁକ ମେସେଞ୍ଜର ମାଧ୍ୟମରେ ପାକିସ୍ତାନର ଫୈସାଲବାଦ ଖାନ୍‌କିର ସୟଦ ଦାନିଶ ଅଲି ନାକଭିଙ୍କ ସହ ପରିଚିତ ହୋଇଥିଲେ। ଏପରି କି ଅଭିଜିତ୍ ଆମେରିକାର ଏକ ଶିକ୍ଷା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଚେଗ୍'ରେ ଜଣେ ଫ୍ରିଲାନ୍ସର ଭାବେ କାମ କରୁଛନ୍ତି ବୋଲି ଦାନିଶଙ୍କୁ କହିଥିଲେ। ଏହାପରେ ଅଭିଜିତ ତାଙ୍କ ୟୁଜର୍ ଆଇଡି ଏବଂ ପାସୱାର୍ଡକୁ ଦାନିଶଙ୍କୁ ଶେୟାର କରିଥିଲେ। ଫଳରେ ଅଭିଜିତଙ୍କ ନାମରେ ଦାନିଶ ଚେଗ୍‌ରେ କାମ କରୁଥିଲେ। ସେଥିରୁ ମିଳୁଥିବା ଟଙ୍କା ଅଭିଜିତ୍‌ଙ୍କ ଆକାଉଣ୍ଟକୁ ଆସୁଥିଲା। କିଛି ଦିନ ପରେ ଦାନିଶ ଅଭିଜିତଙ୍କୁ ମିଳୁଥିବା ଟଙ୍କାର କେତେ ପ୍ରତିଶତ ଦେବାକୁ କହିବା ସହ ତାଙ୍କ ସହଯୋଗୀଙ୍କ ସହ ପରିଚିତ କରାଇଥିଲେ। ପରେ ଦାନିଶ ପାକିସ୍ତାନ କରାଚିରେ ଥିବା ବନ୍ଧୁ ଖୁରାମ ଓରଫ ଅବଦୁଲ ହମିଦଙ୍କ ସହ ପରିଚିତ କରାଇଥିଲେ। ଖୁରାମ ପାକିସ୍ତାନ ସେନାର ଜଣେ ବରିଷ୍ଠ ଗୁପ୍ତଚର ଅଧିକାରୀ। ଖୁରାମଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଭାରତରେ କାର୍ଯ୍ୟ କରୁଥିବା ବିଭିନ୍ନ ପିଆଇଓକୁ ଟଙ୍କା ଟ୍ରାନ୍ସଫର କରୁଥିଲେ ବୋଲି ଏସଟିଏଫ୍ ଜାଣିବାକୁ ପାଇଛି। ଅଭିଜିତ୍ ହ୍ୱାଟ୍‌ସଆପ ମାଧ୍ୟମରେ ୭ ଜଣ ପାକିସ୍ତାନୀ ନାଗରିକ ଏବଂ ୧୦ ଜଣ ନାଇଜେରିଆ ନାଗରିକଙ୍କ ସହ ମଧ୍ୟ କଥା ହେଉଥିଲେ। ଅପରପକ୍ଷେ ଏହି ମାମଲାରେ ଅଭିଜିତଙ୍କୁ ମିଶାଇ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର ଓ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ସରୋଜ କୁମାର ନାୟକଙ୍କ କ୍ରିପ୍ଟୋ ଟ୍ରେଡିଂରେ ଲିଙ୍କ୍‌ର ପ୍ରମାଣ ପାଇବା ପରେ ଉଭୟ ଅଭିଯୁକ୍ତଙ୍କ ଦୁଇଟି କ୍ରିପ୍ଟୋ ଆକାଉଣ୍ଟରେ ଥିବା ୧ କୋଟିରୁ ଅଧିକକକକକ ବ୍ଲକ୍ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଚଳଚ୍ଚିତ୍ରରେ ହରିଜନ ଶବ୍ଦ: ଅଡୁଆରେ ମନ୍ତ୍ରୀଙ୍କ ସ୍ତ୍ରୀ ଝିଲ୍ଲିକ

### ଥାନାରେ ଦଳିତ ମଞ୍ଚର ଏତଲା

ଯାଜପୁର,୧୭ (ହର୍ଷବର୍ଦ୍ଧନ ବେହେରା)

ସୁକିନ୍ଦା ବିଧାୟକ ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ପ୍ରାୟୋଜିତ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ର ଏକ ସଂଳାପରେ ହରିଜନ ଶବ୍ଦ ବ୍ୟବହାରକୁ ନେଇ ସୁକିନ୍ଦା ଥାନାରେ ଦଳିତ ମଞ୍ଚ ପକ୍ଷରୁ ଶନିବାର ଏତଲା ଦିଆଯାଇଛି। ସମଗ୍ର ରାଜ୍ୟରେ ମେ ୨୯ ତାରିଖରେ ମୁକ୍ତିଲାଭ କରିଥିବା ଉକ୍ତ ଚଳଚ୍ଚିତ୍ରରେ ନାୟିକା ନାୟକଙ୍କୁ 'ତୁ ଜଣେ ହରିଜନ ପିଲା ଆଉ ମୁଁ ଜଣେ ସାମନ୍ତ ଘର ଝିଅ' କହିଛନ୍ତି। ଏହାକୁ ନେଇ ବିବାଦ ଜୋର ଧରିଛି। ହରିଜନ ଶବ୍ଦ ବ୍ୟବହାର ନ କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ଏଥିରେ ଅବମାନନା କରାଯାଇଛି। ତେଣୁ ସୁକିନ୍ଦା ଦଳିତ ମଞ୍ଚ ପକ୍ଷରୁ ଥାନାରେ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ଅଭିନେତ୍ରୀଙ୍କ ନାମରେ ଏତଲା ଦିଆଯିବା ସହିତ ଫିଲ୍ମକୁ ବନ୍ଦ କରିବା ଏବଂ ସେମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି । ନଚେତ୍ ଖୁବ୍‌ଶୀଘ୍ର ସେମାନେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ଦଳିତ ମଞ୍ଚ ସଭାପତି ସୁଶାନ୍ତ ମଲିକଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅନୁସୂଚିତ ଜାତିର ବ୍ୟକ୍ତିମାନେ ଏତଲା ଦେଇଛନ୍ତି। କିନ୍ତୁ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ସୁକିନ୍ଦା ଥାନା ଆଇଆଇସି କାବୁଲି ବାରିକ କହିଛନ୍ତି ଯେ, ମଞ୍ଚ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ଗ୍ରହଣ କରାଯାଇଛି ଏବଂ ତାହାର ତର୍ଜମା କରାଯାଉଛି।

## ଲାଲ୍‌ବାହିନୀର ଲଙ୍କାକାଣ୍ଡ

# ମୁନିଗୁଡ଼ାରେ ୯ ଗାଡ଼ି ଜାଳିଦେଲେ ମାଓବାଦୀ


ମାଓବାଦୀମାନେ ପୋଡ଼ିଦେଇଥିବା ଗାଡ଼ି।

ମୁନିଗୁଡ଼ା/ବିଷମକଟକ,୧୭ (ରାଧେଶ୍ୟାମ ଅଗ୍ରୱାଲ/ ବିଭୂତି ଭୂଷଣ ନାୟକ)

କିଛିଦିନର ନୀରବତା ପରେ ରାୟଗଡ଼ା ଜିଲା ମୁନିଗୁଡ଼ାରେ ପୁଣି ମାଓବାଦୀମାନେ ବଡ଼ ଧରଣର ଲଙ୍କାକାଣ୍ଡ ଘଟାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। ମାଓବାଦୀମାନେ ଶୁକ୍ରବାର ବିଳମ୍ବିତ ରାତିରେ ଦେଓକୁପୁଲି ଛକ ନିକଟସ୍ଥ କ୍ରଶରରେ ଥିବା ୨ଟି ପୋକ୍‌ଲିନ ମେଶିନ, ୫ଟି ହାଇୱା ଏବଂ ୨ଟି ଲୋଡର ସମେତ ୯ ଗାଡ଼ି ପୋଡ଼ିଦେଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ମହିଳା କ୍ୟାଡରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଶୁକ୍ରବାର ବିଳମ୍ବିତ ରାତିରେ ଦେଓକୁପୁଲି ଛକ ନିକଟରେ ଥିବା ରେଲୱେ ଠିକା ସଂସ୍ଥା ଆଇଟେଲ କମ୍ପାନୀର କ୍ରଶରରେ ପହଞ୍ଚିଥିଲେ। ପ୍ରଥମେ ୫ ମାଓବାଦୀ କ୍ରଶରରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଗେଟ୍ ପାଖରେ ଅଟକ ରଖି ସେମାନଙ୍କଠାରୁ ମୋବାଇଲ ଛଡ଼ାଇନେଇଥିଲେ। ପରେ ଅନ୍ୟ ମାଓବାଦୀମାନେ କ୍ରଶରରେ ଥିବା ୯ଟି ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ମାଓବାଦୀମାନେ ଯିବା ସମୟରେ ସେଠାରେ ପୋଷ୍ଟର ଛାଡ଼ି ଯାଇଛନ୍ତି। କ୍ରଶର ଦ୍ୱାରା ପରିବେଶ ପ୍ରଦୂଷଣ ସହ ଚାଷକାର୍ଯ୍ୟରେ କ୍ଷତି, ଭାରିଯାନ ଯାତାୟାତ ଯୋଗୁ ରାସ୍ତା ନଷ୍ଟ, ପଥର ବ୍ଲାଷ୍ଟିଂ ଯୋଗୁ ପିଲାଙ୍କ ଶ୍ରବଣଶକ୍ତି ନଷ୍ଟ ହେଉଥିବା ପୋଷ୍ଟରରେ ଲେଖାଯାଇଛି। ଏହି ଘଟଣା ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ ତରଫରୁ ଘଟାଯାଇଥିବା ଉଲ୍ଲେଖ ରହିଛି। ଖବରପାଇ ଘଟଣାସ୍ଥଳରେ ମୁନିଗୁଡ଼ା ପୋଲିସ ପହଞ୍ଚି ପୋଷ୍ଟର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଥିବା ରାୟଗଡା ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

# ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ

ନୂଆପଡ଼ା,୧୭(ମକାରୁ ବେମାଲ)

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ଜିଲା ସିନାପାଲି ଥାନା ଖୋଲାପଡା ନିକଟ ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଘଟଣାସ୍ଥଳରେ ପୋଲିସ ହାତ ତିଆରି ଗ୍ରେନେଡ ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛି। ଏହା ପରେ ସ୍ଥାନୀୟ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି ବୋଲି ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସିନାପାଲି ଥାନା ଅନ୍ତର୍ଗତ ପାଟଦର୍ହା ସଂରକ୍ଷିତ ଜଙ୍ଗଲ ଖୋଲାପଡା ଗାଁ ନିକଟରେ ମାଓବାଦୀମାନେ ଲୁଚି ରହିଥିବା ପୋଲିସ ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମେନପୁର-ନୂଆପଡା ଡିଭିଜନର ସଶସ୍ତ୍ର ମାଓବାଦୀ ମେଳି କରିଥିଲେ। ସେଠାରେ ମାଓବାଦୀମାନେ ମେଳି ବାନ୍ଧି ବଡଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଓଜି, ସିଆର୍‌ପିଏଫ୍ ଓ ଡିଭିଏଫ୍ ଯବାନଙ୍କ ମିଳିତ ଭାବେ କୋମ୍ବିଂ ଅପରେଶନ କରାଯାଇଥିଲା।


ଜବତ ମାଓବାଦୀ ସାମଗ୍ରୀ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

### କୋମ୍ବିଂ ଅପରେଶନ ଜୋର୍‌ଦାର

କୋମ୍ବିଂ ଅପରେଶନ ଖବର ପାଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ଜୀବନ୍ତ ହାତ ତିଆରି ଗ୍ରେନେଡ, ରେଡିଓ, ସୋଲଡିଂ ଆଇରନ, ବ୍ୟାଟେରି, ମାଓବାଦୀ ପୋଷାକ, ବିଭିନ୍ନ ପ୍ରକାର ଔଷଧ, ନିତିଦିନିଆ ବ୍ୟବହାର୍ଯ୍ୟ ସାମଗ୍ରୀ ଏପରି ୨୧ ପ୍ରକାର ସାମଗ୍ରୀ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ୨୧୬ ବାଟାଲିଆନ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ଓ ଦେବାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିପୁଳ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିର,୧୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ବାହିନୀ ଦ୍ୱାରା ଚିତ୍ରକୋଣ୍ଡା ବ୍ଲକ ଜଡାମ୍ବ ଥାନା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଗତ ୨୯ ତାରିଖରେ ଜବତ କରାଯାଇଥିଲା। ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ନୀତୀଶ୍ ୱାଧୱାନି ଶନିବାର ଦେଇଥିବା ସୂଚନା ଅନୁସାରେ ଅପରେଶନ ଖୋଜ୍ ଯୋଜନାରେ ଜିଲା ପୋଲିସ ଓ ବିଏସ୍‌ଏଫ୍ ମିଳିତ ଭାବେ ଜଡାମ୍ବ ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ଜଡ଼ାମ୍ବ ଥାନା ନିକଟ ଡାବୁଗୁଡ଼ା ଓ ଅରିଙ୍ଗିପଡ଼ା ଗ୍ରାମ ଜଙ୍ଗଲର ଗୋଟିଏ ସ୍ଥାନରେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଥିବା ଜାଣି ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଦୁଇଟି କଣ୍ଟ୍ରି ମେଡ୍ ଗନ୍, ୧୨ଟି ବୋର୍ ଇମ୍ୟୁନେଶନ, ଗୋଟିଏ ଏସ୍‌ଏଲ୍‌ଆର୍ ଇମ୍ୟୁନେଶନ, ତିନୋଟି ଆଇଡି, ୫୫ଜିଲୋଟିନ୍ ଷ୍ଟିକ୍, ବିଦ୍ୟୁତ୍ ତାର, ମୋବାଇଲ ଚାର୍ଜର, ମହିଳାଙ୍କ ବ୍ୟବହୃତ ହେୟାର ପିନ୍, ରବର ବ୍ୟାଣ୍ଡ, ପାନିଆ, ପେନ୍ ଓ ପେନ୍‌ସିଲ ଇତ୍ୟାଦି ସହ ୬୨ଟି ସାମଗ୍ରୀ ଜବତ କରିଛନ୍ତି। ସାମଗ୍ରୀଗୁଡ଼ିକ ଆନ୍ଧ୍ର-ଓଡ଼ିଶା ବୋର୍ଡର ଜୋନାଲ କମିଟି ତରଫରୁ ଜନସାଧାରଣ ଓ ପୋଲିସକୁ ଟାର୍ଗେଟକରି ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ୱାଧୱାନି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।


ଜବତ କରାଯାଇଥିବା ମାଓବାଦୀ ସାମଗ୍ରୀ।

ସେ ଆହୁରି ମଧ ସୂଚନା ଦେଇଛନ୍ତି, ପୂର୍ବରୁ ଅପରେଶନ ଘର ୱାପ୍‌ସି ଯୋଜନାରେ ବିଗତ ଦିନରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜୁନ୍ ୨, ୨୦୨୨ରେ ୪୭ଜଣ ମିଲିସିଆ ଯନ୍ତ୍ରୀଠାରେ ଆତ୍ମସମର୍ପଣ କରିଥିବା ବେଳେ ଜୁନ୍ ୧୧, ୨୦୨୨ରେ ୧୮୦ ଓ ଅଗଷ୍ଟ ୨୨, ୨୦୨୨ରେ ଜାନବାଇଠାରେ ୫୫୦ଜଣ ଆତ୍ମସମର୍ପଣ କରିଥିଲେ। ସେହିପରି ସେପ୍ଟେମ୍ବର ୧୭, ୨୦୨୨ରେ ଅଣ୍ଡ୍ରାହାଲଠାରେ ୩୦୦ ମିଲିସିଆଙ୍କ ସହ ମୋଟ ୭୦୦ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ସେହିପରି ନଭେମ୍ବର ୫, ୨୦୨୨ରେ ୪୧୦ ମିଲିସିଆଙ୍କ ସହ ମୋଟ ୬୫୦ ମାଓବାଦୀ ସମର୍ଥକ, ଡିସେମ୍ବର ୨୦, ୨୦୨୨ରେ ୪୬୭ ମିଲିସିଆଙ୍କ ସହ ମୋଟ ୯୦୭ ମାଓବାଦୀ ସମର୍ଥକ ଆତ୍ମସମର୍ପଣ କରିଥିଲେ। ସେହିପରି ଜାନୁୟାରୀ ୨୦୨୨ଠାରୁ ଜାନୁୟାରୀ ୨୦୨୩ ମଧ୍ୟରେ ମୋଟ ୨୦ ମାଓବାଦୀ କ୍ୟାମ୍ପ ଠାବକରି ବିପୁଳ ପରିମାଣର ସାମଗ୍ରୀ ଯଥା ଆଇଡି, ବନ୍ଧୁକ, ତାର, ଟିଫିନ୍ ବୋମା, ଜିଲୋଟିନ୍ ଷ୍ଟିକ୍, ଡିଟୋନେଟର ଓ ଅଫୁଟା ଗୁଳି ଇତ୍ୟାଦି ଜବତ କରିଥିବା ୱାଧୱାନି ସୂଚନା ଦେଇଛନ୍ତି।

# ଓଡ଼ିଶାର ଜମିପଟ୍ଟାକୁ ଗ୍ରାମବାସୀଙ୍କଠାରୁ ନେଇଯାଇଛି ଆନ୍ଧ୍ର

## ରାଇପାହାଡ଼ରେ ସୀମା ଡେଇଁଛି

- ୧୫ ପରିବାରକୁ ବାଣ୍ଟିଛି ଜଙ୍ଗଲ ଜମି ପଟ୍ଟା
- ରାଜସ୍ୱ ଜମିରେ ଏଯାଏ ଆନ୍ଧ୍ର କୌଣସି ନିର୍ମାଣ କରିନାହିଁ: ତହସିଲଦାର

ନନ୍ଦପୁର, ୧୭ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଗ୍ରାମରେ ଆନ୍ଧ୍ର ପ୍ରଦେଶର ଅନୁପ୍ରବେଶ ଯାଞ୍ଚ ପରେ ସ୍ପଷ୍ଟ ହୋଇଛି। ଆନ୍ଧ୍ର ତା'ର ସୀମା ଡେଇଁ ଓଡ଼ିଶା ସୀମାର ପ୍ରାୟ ଦେଢ଼ କି.ମି.ରୁ ଊର୍ଦ୍ଧ୍ୱ ଅଞ୍ଚଳରେ ଅନୁପ୍ରବେଶ କରିଛି। ଆନ୍ଧ୍ର ପ୍ରଶାସନ ଓଡ଼ିଶା ଜଙ୍ଗଲ ଜମିକୁ ନିଜର କହି ରାଇପାହାଡ ଗ୍ରାମର ୧୫ ପରିବାରକୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରିଥିବା ଜଣାପଡ଼ିଛି। ଏହି ଜଙ୍ଗଲ ଜମି ପଟ୍ଟାଧାରୀଙ୍କୁ ହିତାଧିକାରୀ ଦର୍ଶାଇ ପରିବାରର ସମସ୍ତ ସଦସ୍ୟଙ୍କୁ ଆନ୍ଧ୍ର ତା'ର ବିଭିନ୍ନ ଯୋଜନାରେ ସାମିଲ କରିବାକୁ ପ୍ରଲୋଭନ ଦେଖାଇ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଜାରି ରଖିଛି। ତେବେ ରାଇପାହାଡ ଗ୍ରାମବାସୀଙ୍କଠାରୁ ଆନ୍ଧ୍ର କୌଶଳକ୍ରମେ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ଜମି ପଟ୍ଟା ନେଇଯାଇଛି।

ତେବେ ସୀମାନ୍ତ ଅଞ୍ଚଳର କେତେକ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରିବା ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପରେ ଜିଲା ଓ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କୋରାପୁଟ ଜିଲାପାଳ ଆନ୍ଧ୍ରର ଆଲୁରି ସିଥାରମନ ଜିଲାର ଜିଲାପାଳଙ୍କୁ ୨୭।୬।୨୩ରେ ଚିଠି ଲେଖି ତୁରନ୍ତ ଏହି ଅନୁପ୍ରବେଶ ବନ୍ଦ କରିବା ଏବଂ ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଓ ଶନିବାର ସୀମାନ୍ତ ଅଞ୍ଚଳ ଯାଞ୍ଚ କରିବାକୁ ନନ୍ଦପୁର ବ୍ଲକ ପ୍ରଶାସର ଏକ ଟିମ୍ ଯାଇଥିଲା। ଏଥିରେ ତହସିଲଦାର ନରସିଂହ ଗାଦବା, ପାଡୁଆ ରାଜସ୍ୱ ନିରୀକ୍ଷକ ଅକ୍ଷୟ କ୍ଷତ୍ରୀ, ଅମିନ ଶଙ୍କର ବାବୁ, ବାଲଡା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି ଓ ପାଡୁଆ ବନପାଳ ସାମିଲ ହୋଇଥିଲେ। ଯାଞ୍ଚ ବେଳେ ଏହି ଟିମ୍ ହାତରେ ଆନ୍ଧ୍ର ପ୍ରଦତ୍ତ ଜଙ୍ଗଲ ଜମି ପଟ୍ଟା ଏବଂ ଆନ୍ଧ୍ର ଦ୍ୱାରା ହୋଇଥିବା ବିଭିନ୍ନ ପ୍ରକଳ୍ପର ପ୍ରମାଣ ଲାଗିଛି। ଓଡ଼ିଶା ସରକାରଙ୍କ ପ୍ରଦତ୍ତ ଜମି ପଟ୍ଟାଗୁଡ଼ିକୁ ଆନ୍ଧ୍ର ଅଧିକାରୀମାନେ ରାଇପାହାଡ ଗ୍ରାମବାସୀଙ୍କଠାରୁ ବିଭିନ୍ନ କାମ ବାହାନାରେ ନେଇଯାଇଥିବା ଯାଞ୍ଚ ବେଳେ ଏହି ଟିମ୍ ଗ୍ରାମବାସୀଙ୍କଠାରୁ ଜାଣିବାକୁ ପାଇଛି। ତହସିଲଦାର ରାଇପାହାଡ ଗ୍ରାମବାସୀଙ୍କୁ ନନ୍ଦପୁର ତହସିଲ ପକ୍ଷରୁ ପ୍ରଦତ୍ତ ଜମିପଟ୍ଟା ମାଗିବାରୁ ଗ୍ରାମବାସୀ ନିଜ ନିଜର ଆନ୍ଧ୍ର ପ୍ରଦତ୍ତ ଜଙ୍ଗଲ ଜମିପଟ୍ଟା ଦେଖାଇଥିଲେ। ଓଡ଼ିଶା ଜମି ପଟ୍ଟା ଗ୍ରାମକୁ ଆସୁଥିବା ଆନ୍ଧ୍ର କର୍ମଚାରୀ ନେଇ ଯାଇଥିବା ଗ୍ରାମବାସୀ କହିଥିଲେ। ଫଳରେ ଆନ୍ଧ୍ର ପ୍ରଶାସନ ଆଗାମୀ ଦିନରେ ଓଡ଼ିଶାର ଏହି ଜମିର ପଟ୍ଟାକୁ ନେଇ କିଛି ବଡ ଧରଣର ଯୋଜନା କରୁଥିବା ଆଶଙ୍କା ପ୍ରକାଶ ପାଇଛି। ଏହି ଟିମ୍ ଯାଞ୍ଚ ସମୟରେ ଆନ୍ଧ୍ର ଓଡ଼ିଶାର ସୀମାସୂଚକ ପଥର ଡେଇଁ ଅନୁପ୍ରବେଶ କରୁଥିବା ଜଣାପଡିଛି। ରାଜସ୍ୱ ଜମିରେ ଏଯାଏ ଆନ୍ଧ୍ର କୌଣସି ନିର୍ମାଣ କରିନାହିଁ। ତେବେ ଜଙ୍ଗଲ ଜମିକୁ ଅକ୍ତିଆର କରିବାକୁ ଆନ୍ଧ୍ର ସବୁପ୍ରକାର ଉଦ୍ୟମ କରୁଥିବା ତହସିଲଦାର ଗାଦବା କହିଛନ୍ତି।


ନନ୍ଦପୁର ବ୍ଲକ ପ୍ରଶାସନର ଅଧିକାରୀମାନେ ସୀମାନ୍ତ ଅଞ୍ଚଳ ଯାଞ୍ଚ କରୁଛନ୍ତି।


ଓଡ଼ିଶାର ସୀମା ସୂଚକ ପଥର।

# ବରଫ ଅତଡ଼ା ଖସି ସେନା କର୍ମଚାରୀ ମୃତ

- ସୈନ୍ୟବାହିନୀରେ ସିଭିଲ ଇଞ୍ଜିନିୟର ଥିଲେ ଦେବୀ ପ୍ରସନ୍ନ
- ମୃତ୍ୟୁର କିଛି ସମୟ ପୂର୍ବରୁ ବଡ଼ ଭାଇଙ୍କ ସହ ଫୋନରେ କଥା ହୋଇଥିଲେ

ପାଟକୁରା,୧୭(ରବୀନ୍ଦ୍ରନାଥ ବାରିକ)

ଲଦାଖରେ ବରଫ ଅତଡା ଧସିବାରୁ ଶହୀଦ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ଦେବୀ ପ୍ରସନ୍ନ ସୂତାର। ସେ ଭାରତୀୟ ସୈନ୍ୟବାହିନୀରେ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଦିନ ପ୍ରାୟ ସାଢ଼େ ୧୦ଟା ସମୟରେ ସେ ଲଦାଖ ଅଞ୍ଚଳରେ ଏକ ସଡ଼କ କାର୍ଯ୍ୟ ତଦାରଖ କରୁଥିବା ବେଳେ ତାଙ୍କ ଉପରେ ବରଫ ଅତଡା ଖସିପଡିଥିଲା। ଏହି ଅଘଟଣର କିଛି ସମୟ ପୂର୍ବରୁ ସେ ତାଙ୍କ ବଡ଼ ଭାଇ ଉମେଶଙ୍କୁ ଫୋନ କରି ଭଲମନ୍ଦ ପଚାରି ବୁଝିଥିଲେ। ଉମେଶ ବି ଲଦାଖ ଥଣ୍ଡା ଅଞ୍ଚଳ ହେତୁ ଛୋଟ ପୁଅର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସେଠାରେ ଏବେ କ'ଣ କରୁଛୁ ବୋଲି ପଚାରିବାରୁ ସେ କାର୍ଯ୍ୟସ୍ଥଳରେ ଅଛନ୍ତି ବୋଲି କହିଥିଲେ। ଏହାର ଘଣ୍ଟାଏ ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ବୁଧବାର ଦେବୀ ପ୍ରସନ୍ନଙ୍କ ସ୍ତ୍ରୀ ଜ୍ୟୋସ୍ନାମୟୀ ଓ ୩ ବର୍ଷର ପୁତ୍ର କେନ୍ଦ୍ରାପଡ଼ାରୁ ଲଦାଖ ଯାଇ ତାଙ୍କ ପାଖରେ ପହଞ୍ଚିଥିଲେ। ଗରଦପୁର ବ୍ଲକ ଅଧୀନ ପାଟକୁରା ଗ୍ରାମ ପଞ୍ଚାୟତର ଜଗଦଲପୁର ଗ୍ରାମରେ ଦେବୀ ପ୍ରସନ୍ନଙ୍କ ଜନ୍ମ। ପାଟକୁରା ଅଞ୍ଚଳର ଜଣାଶୁଣା ଶିକ୍ଷକ ସ୍ୱର୍ଗତ ନାରାୟଣ ସୂତାରଙ୍କ ସେ ସାନ ପୁଅ। ଦେବୀ ପ୍ରସନ୍ନଙ୍କ ଶହୀଦ ଖବର ଜଣାପଡିବା ପରେ ପାଟକୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦେବୀ ପ୍ରସନ୍ନଙ୍କୁ ଜନ୍ମ ମାଟିରେ ଶେଷ ସମ୍ମାନ ଜଣାଇବା ପାଇଁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।


ଦେବୀ ପ୍ରସନ୍ନ ସୂତାର

"ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖ୍– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। —ଶ୍ରୀମା

# କର୍ତ୍ତବ୍ୟରେ ଅବହେଳା



ଆକାର ପଟେଲ

ଜାତୀୟ ସୁରକ୍ଷାକୁ 'ନାଗରିକତ୍ୱର ସୁରକ୍ଷା ଓ ପ୍ରତିରକ୍ଷା ପାଇଁ କୌଣସି ଦେଶର କ୍ଷମତା ଏବଂ ହିଂସା ଓ ଆକ୍ରମଣଜନିତ ବିପଦରୁ ନିଜକୁ ରକ୍ଷାକରିବାର ଦକ୍ଷତା' ବୋଲି ବର୍ଣ୍ଣନା କରାଯାଇଛି। ତେବେ ନୂତନ ଭାରତର ସୁରକ୍ଷା ସିଦ୍ଧାନ୍ତକୁ ବୁଝିବାକୁ ହେଲେ ଜଣେ ଡୋଭାଲଙ୍କ ସିଦ୍ଧାନ୍ତକୁ ଦେଖିବାକୁ ପଡ଼ିବ। ତାଙ୍କ ସିଦ୍ଧାନ୍ତ ଏକ ଲିଖିତ ବିଷୟ ନୁହେଁ କି ଏହାକୁ କୌଣସି ପୁସ୍ତକରେ ସ୍ପଷ୍ଟ କରାଯାଇନାହିଁ। ଏହାକୁ ଏକ ଭିଡିଓରେ ପ୍ରକାଶ କରାଯାଇଛି। ଭିଡିଓରେ ପ୍ରକାଶ କରାଯିବାର କାରଣ ହେଉଛି, ଭାରତରେ ହେନେରୀ କିଶିଙ୍ଗଙ୍କ ଗୋଷ୍ଠୀର କେହି ଜଣେ ହେଲେ ବୁଦ୍ଧିମାନ୍ ସୁରକ୍ଷା ପରାମର୍ଶଦାତା ନାହାନ୍ତି। ଏକ ପ୍ରୋଫାଇଲରେ ଆଇନଜୀବୀ ତଥା ରାଜନୈତିକ ସମାଲୋଚକ ଏ.ଜି. ନୁରାନି ଲେଖିଥିଲେ, ଡୋଭାଲ ସବୁବେଳେ କଠିନ କାମରେ ଦ୍ୱନ୍ଦ୍ୱରେ ନ ରହି ସକ୍ରିୟ ଭାବେ ତାହା ଆରମ୍ଭ କରିଦିଅନ୍ତି। ଆଇସି କବଳରେ ପଣବନ୍ଦୀ ଭାବେ ଥିବା ଭାରତୀୟଙ୍କୁ ଉଦ୍ଧାର କରିବା ଲାଗି ସେ ଇରାକ ଯାଇଥିଲେ। କ୍ରୋଧିତ ଓ ଅପମାନିତ ହୋଇ ନୂଆଦିଲ୍ଲୀରେ ପାକିସ୍ତାନ ହାଇକମିଶନରଙ୍କୁ ଫୋନ୍ କରିଥିଲେ ଏବଂ ଇସ୍‌ଲାମବାଦରେ ତାଙ୍କ ପ୍ରତିପକ୍ଷକୁ ଏଲ୍‌ଓସିରେ ଗୁଳି ବିନିମୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏମିତି ଆହୁରି ଘଟଣା ଅଛି। କାର୍ଯ୍ୟାନୁଷ୍ଠାନ ନେବାରେ ଏ ହେଉଛନ୍ତି ଜଣେ ବାସ୍ତବ ମଣିଷ। ନୁରାନିଙ୍କ ଉକ୍ତ ଲେଖା ନଭେମ୍ବର ୨୦୧୫ରେ ପ୍ରକାଶ ପାଇଥିଲା। ସେବେଠାରୁ ଡୋଭାଲ ଅନ୍ୟ ସାହସିକ କାର୍ଯ୍ୟରେ ଜଡ଼ିତ ରହିଆସିଛନ୍ତି। ବ୍ୟକ୍ତିଗତ ଭାବେ ନିଜାମୁଦ୍ଦିନରେ ତବଲିଗ୍ ଜମାତ ଖାଲି କରିଥିଲେ। କଶ୍ମୀରରେ ସ୍ୱାଭାବିକ ସ୍ଥିତିର ସଙ୍କେତ ଦେବାକୁ ଯାଇ ସେଠାକାର ରାସ୍ତାରେ ବିରିୟାନି ଖାଇବାର ଫଟୋ ଉଠାଇବାକୁ ପସନ୍ଦ କରିଥିଲେ। କିନ୍ତୁ ସେ ଏଯାବତ ମଣିପୁର ଯାଇନାହାନ୍ତି। ବଡ଼କଥା ହେଉଛି, ବସ୍ ଯେତେବେଳେ ସବୁ ଶ୍ରେୟ ନେଉଛନ୍ତି ସେତେବେଳେ ଦୃଶ୍ୟମାନ ବିପର୍ଯ୍ୟୟରେ ଅଧସ୍ତନ ଦୋଷ ମୁଣ୍ଡେଇବାକୁ ଆଗକୁ ଆସିବା ଉଚିତ କି? ଯଦି ଏହା ନୁହେଁ, ତେବେ ନାଗରିକତ୍ୱର ସୁରକ୍ଷା ଓ ପ୍ରତିରକ୍ଷାକୁ ଜାତୀୟ ସୁରକ୍ଷା ବୋଲି ଯାହା କୁହାଯାଉଛି, ବାସ୍ତବରେ ତାହାର ମୂଲ୍ୟ କିଛି ନାହିଁ।

ଏହାର ଅନ୍ୟ ଏକ ଦିଗ ହେଉଛି, ଯେଉଁଠି ସବୁ ନିଷ୍ପତ୍ତି କେନ୍ଦ୍ରୀଭୂତ ଢାଞ୍ଚାରେ ନିଆଯାଇ ପରେ ଅପ୍ରତ୍ୟାଶିତ ଓ ଐତିହାସିକ ଘଟଣା ଭାବେ ଘୋଷଣା କରାଯାଉଛି, ସେ କ୍ଷେତ୍ରରେ ସେଗୁଡ଼ିକର ବିପରୀତ ପରିଣାମର ବୋଝ କନିଷ୍ଠମାନେ କାହିଁକି ବହନ କରିବେ? ସେଥିପାଇଁ ଗମ୍ଭୀର ବିପଦରେ ଯେଭଳି କାର୍ଯ୍ୟ କରିବା କଥା ସେଥିରେ ଆମ ସମୟର ମହାନ୍ ଗୁପ୍ତଚରଙ୍କର ସେଭଳି ଯୋଗଦାନ ନାହିଁ। ଅଥଚ ତାଙ୍କ କାର୍ଯ୍ୟକଳାପ ଉପରେ ଜୁନ୍ ୨୯ର ଏକ ରିପୋର୍ଟରେ ଶୀର୍ଷକ ହେଉଛି, ୱାଗ୍‌ନର ବିଦ୍ରୋହ ପରେ ରୁଷୀୟ ସୁରକ୍ଷା ପରିଷଦ ସଚିବ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭଲଙ୍କୁ କଲ୍ କରିଥିଲେ। ଏନ୍‌ଏସ୍‌ଏ ଅଜିତ ଡୋଭାଲ ଓମାନର ଶୀର୍ଷ ନେତୃତ୍ୱଙ୍କୁ ସାକ୍ଷାତ କରି ସୁରକ୍ଷା ଚୁକ୍ତି ମଜଭୁତ କରିବା ଲାଗି ଆଲୋଚନା କରିଥିଲେ ବୋଲି ଏକ ଶୀର୍ଷକ ଜୁନ୍ ୨୬ରେ ପ୍ରକାଶ ପାଇଥିଲା। ଜୁନ୍ ୧୭ରେ ଏକ ବୈଠକରେ ସେ ଜଣେ ଐତିହାସିକ ଭାବେ ତାଙ୍କ ଜ୍ଞାନ ପ୍ରକାଶ କରିଥିଲେ। ଏହାକୁ ନେଇ ଏକ ଶୀର୍ଷକ ପ୍ରକାଶ ପାଇଥିଲା ଯାହା ଥିଲା 'ନେତାଜୀ ସୁଭାଷ ବୋଷ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା: ଏନ୍‌ଏସ୍‌ଏ ଅଜିତ ଡୋଭାଲ'। ତାଙ୍କ ପାଇଁ ଖୁସିର କଥା ଯେ, ଅଧିକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକରେ ତାଙ୍କର ଅନୁପସ୍ଥିତିକୁ ନେଇ କୌଣସି ଶୀର୍ଷକ ଖବର ନାହିଁ। କାରଣ ଏହି ପ୍ରଶାସନରେ ବିଫଳତା ପାଇଁ କୌଣସି ଉତ୍ତରଦାୟିତ୍ୱ ନାହିଁ। ମଣିପୁର ତାଙ୍କ ଦାୟିତ୍ୱର ଅଂଶ ନୁହେଁ ଭାବି ଡୋଭାଲ ଆଗକୁ ବଢ଼ିପାରନ୍ତି। ଏଭଳି କର୍ତ୍ତବ୍ୟରେ ଅବହେଳା ଅନ୍ୟ କ୍ଷେତ୍ରରେ ବି ଦେଖାଯାଇଛି। ୨୦୧୮ରେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ପ୍ରତିରକ୍ଷା ଯୋଜନା କମିଟି ଦାୟିତ୍ୱରେ ରଖାଯାଇଥିଲା। ଏଥିରେ ଡୋଭାଲ ଅଧ୍ୟକ୍ଷତା କରିବାର ପ୍ରାବଧାନ ଥିଲା ଏବଂ ଏହି କମିଟିରେ ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ତିନି ବାହିନୀର ମୁଖ୍ୟ ଏବଂ ଅର୍ଥ ମନ୍ତ୍ରଣାଳୟର ସଚିବମାନେ ରହିଥିଲେ। ଜାତୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ପ୍ରାଥମିକତା, ବୈଦେଶିକ ନୀତିର ଆବଶ୍ୟକତା, ପ୍ରାସଙ୍ଗିକ ରଣନୀତିକ ତଥା ସୁରକ୍ଷା ସମ୍ବନ୍ଧୀୟ ସିଦ୍ଧାନ୍ତ, ପ୍ରତିରକ୍ଷା ଅଧିଗ୍ରହଣ ଏବଂ ଭିତ୍ତିଭୂମି ବିକାଶ ଯୋଜନା, ଜାତୀୟ ସୁରକ୍ଷା ରଣନୀତି, ରଣନୀତିକ ପ୍ରତିରକ୍ଷା ସମୀକ୍ଷା ଏବଂ ସିଦ୍ଧାନ୍ତ ଇତ୍ୟାଦିର ଦାୟିତ୍ୱ ତୁଲାଇବାର ଥିଲା। ହେଲେ ୩ ମେ ୨୦୧୮ରେ ଏହି କମିଟିର ଥରେ ମାତ୍ର ବୈଠକ ବସିଥିଲା ଓ ତା' ପରେ ଅର୍ଥାତ୍ ଏବେ ୫ ବର୍ଷ ମଧ୍ୟରେ ଆଉ କେବେ ବୈଠକ ହେବା ଦେଖାଯାଇନାହିଁ।

ଲଦାଖ ଘଟଣା ପରେ ଏଥିପ୍ରତି ଆଗ୍ରହର ଅଭାବ ଦେଖାଯାଇଛି କାରଣ ଡୋଭାଲଙ୍କ ମୂଳ ଚିନ୍ତା ରହିଛି ପାକିସ୍ତାନ ଓ ମୁସଲମାନଙ୍କଠାରେ। ଲଗାତର ଘଟିଥିବା ତାଙ୍କ କାର୍ଯ୍ୟକଳାପକୁ ନୁରାନି ଯେଭଳି ବର୍ଣ୍ଣନା କରିଛନ୍ତି ତାହାକୁ ଲକ୍ଷ୍ୟକଲେ ଏହା ସହଜରେ ବୁଝିହେବ। ଡେଭାଲଙ୍କ ସିଦ୍ଧାନ୍ତ କହେ, ସନ୍ତ୍ରାସବାଦ ଜାତୀୟ ସୁରକ୍ଷା ପ୍ରତି ବିପଦ ଏବଂ ପାକିସ୍ତାନ ପ୍ରଥମ ଶତ୍ରୁ। ୨୦୨୦ର ଘଟଣା ପରେ ସରକାର ମଧ୍ୟ ଏହାକୁ ଅସତ୍ୟ ବୋଲି ସ୍ୱୀକାର କଲେ। ଗଲ୍‌ୱାନ ପୂର୍ବରୁ ସେନାର ୩୮ ଡିଭିଜନ ମଧ୍ୟରୁ ୧୨ଟି ଚାଇନା ସୀମାରେ, ୨୫ଟି ଭାରତ-ପାକିସ୍ତାନ ସୀମାରେ ମୁତୟନ ହୋଇଥିଲେ ଏବଂ ଗୋଟିଏ ରିଜର୍ଭ ରହିଥିଲା। ପୁନଃ ମୁତୟନ ପରେ ୧୬ ଡିଭିଜନ ଚାଇନାର ମୁହାଁମୁହିଁ ହୋଇ ରହିଛନ୍ତି। ତେବେ ପୂର୍ବ ସ୍ଥିତିର କାରଣ କ'ଣ ରହିଥିଲା ଏବଂ ପରିବର୍ତ୍ତନର କାରଣ କ'ଣ ଥିଲା? ଏ ବିଷୟରେ ଆମେ ଜାଣୁନାହୁଁ। ଯଦି ଡୋଭାଲ ନୂଆ ସିଦ୍ଧାନ୍ତ ଲେଖନ୍ତି କିମ୍ବା ଏ ସମ୍ପର୍କରେ କିଛି କୁହନ୍ତି, ତେବେ ହୁଏତ ଆମେ ଏ ସମ୍ପର୍କରେ ଜାଣିପାରିବା। ୨୦୧୪ ପରଠାରୁ ଯାହାସବୁ ଘଟି ଆସିଛି ତାହାକୁ ଯଦି ଲକ୍ଷ୍ୟ କରାଯାଏ ତେବେ ତଥାକଥିତ ନୂତନ ଭାରତ ପ୍ରୋଜେକ୍ଟରେ ବିଚାରର ମାନ, ଦକ୍ଷତା ଏବଂ କାର୍ଯ୍ୟାନ୍ୱୟନ କ'ଣ ରହିଛି ତାହା ଜଣେ ସହଜରେ ଅନୁଭବ କରିପାରିବେ।

Email:aakar.patel@gmail.com

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 5 | | | 1 | |
| 7 | 9 | | | | | | 2 | |
| 1 | | | 2 | 8 | | | | |
| 4 | | | | | 5 | | | |
| | 1 | 9 | 4 | | | | | |
| | 2 | 6 | | 7 | | | 3 | |
| | | 4 | | 6 | 7 | 1 | | |
| | | | | | 2 | | 7 | 6 |
| | | 7 | | | | 9 | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 4 | 5 | 6 | 3 | 1 | 8 |
| 6 | 1 | 4 | 3 | 9 | 8 | 5 | 7 | 2 |
| 8 | 3 | 5 | 7 | 1 | 2 | 9 | 4 | 6 |
| 2 | 4 | 1 | 9 | 3 | 5 | 6 | 8 | 7 |
| 9 | 8 | 3 | 1 | 6 | 7 | 4 | 2 | 5 |
| 5 | 7 | 6 | 2 | 8 | 4 | 1 | 3 | 9 |
| 1 | 6 | 7 | 8 | 4 | 9 | 2 | 5 | 3 |
| 4 | 2 | 9 | 5 | 7 | 3 | 8 | 6 | 1 |
| 3 | 5 | 8 | 6 | 2 | 1 | 7 | 9 | 4 |

ଗତ କାଲିର ଉତ୍ତର

# ଓଡ଼ିଶା ରାଜନୀତିରେ ସାମାଜିକ ନ୍ୟାୟ ପ୍ରସଙ୍ଗ



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶା ରାଜନୀତିରେ ସାମାଜିକ ନ୍ୟାୟକୁ ଏକ ରାଜନୈତିକ ଇସ୍ୟୁ ଭାବେ ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ଭାରତବର୍ଷର ଅନେକ ରାଜ୍ୟରେ ଏହାକୁ ନେଇ ରାଜନୀତି ହୋଇଛି ଏବଂ ସଫଳତା ମଧ୍ୟ ମିଳିଛି। ରାଷ୍ଟ୍ରୀୟ ସ୍ତରରେ ମଣ୍ଡଳ କମିଶନ ସୁପାରିସର କାର୍ଯ୍ୟକାରିତା ପରେ ଏ ବିଷୟ ରାଜନୀତିର ପରିସରକୁ ଆସିଛି। ପୂର୍ବରୁ ବାମପନ୍ଥୀମାନେ ଓ ସମାଜବାଦୀମାନେ ଏ ବିଷୟକୁ ଶ୍ରମିକଶ୍ରେଣୀ ସହିତ ମିଶାଇ ଭିନ୍ନ ରୂପରେ ଉପସ୍ଥାପନ କରିଆସିଥିଲେ। ଫଳରେ ଏହାର ସ୍ୱତନ୍ତ୍ର ସ୍ଥିତି ନଥିଲା। ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପରେ ଏହା ଏକ ସ୍ୱତନ୍ତ୍ର ରାଜନୈତିକ ପ୍ରସଙ୍ଗଭାବେ ଆତ୍ମପ୍ରକାଶ କରିଛି। ହେଲେ ଓଡ଼ିଶା ରାଜନୀତିରେ ଏ ବିଷୟ କାହିଁକି ଦାନା ବାନ୍ଧିପାରିନାହିଁ ତାହା ଅନୁଧ୍ୟାନର ବିଷୟ। ଉତ୍ତର ଭାରତରେ ଏହା ଦାନା ବାନ୍ଧିଛି। ଦକ୍ଷିଣ ଭାରତରେ ଏହା ପୂର୍ବରୁ ଦାନା ବାନ୍ଧି ସାରିଛି। ହେଲେ ଓଡ଼ିଶା ପରି ଗରିବ ଓ ସାମାଜିକ ଭାବେ ସର୍ବାଧିକ ଉପେକ୍ଷିତ ଲୋକ ବସବାସ କରୁଥିବା ରାଜ୍ୟରେ ଏହା ରାଜନୈତିକ ଭାବେ ଆଗେଇ ନ ପାରିବା ଆଶ୍ଚର୍ଯ୍ୟର ବିଷୟ।

ଓଡ଼ିଶାରେ ସାମାଜିକ ନ୍ୟାୟକୁ ଆଧାର କରି ରାଜନୈତିକ ବାତାବରଣ ତିଆରି ହୋଇ ନ ପାରିବା ପଛରେ ଦୁଇଟି କାରଣ ରହିଛି। ଗୋଟିଏ ହେଉଛି ଦୃଢ଼ ନେତୃତ୍ୱର ଅଭାବ ଓ ଅନ୍ୟଟି ହେଉଛି ରାଜନୈତିକ ସଚେତନତାର ଅଭାବ। ଦେଶରେ ବ୍ୟାପକ ପ୍ରତିକ୍ରିୟାଶୀଳ ନେତୃତ୍ୱର ତିଆରି ଜରୁରିକାଳୀନ ପରିସ୍ଥିତିରୁ ପ୍ରାରମ୍ଭ ହୋଇଥିଲା। ଏହି ସମୟରେ ଯେଉଁ ନେତୃମଣ୍ଡଳୀ ତିଆରି ହୋଇଥିଲା, ତାଙ୍କ ମଧ୍ୟରୁ କିଛି ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ପକ୍ଷଧର ଥିଲେ। ଏହା କାର୍ଯ୍ୟକାରୀ କରାଯିବାର ଘୋଷଣା ପରେ ଏହାକୁ ପ୍ରତିରୋଧ କରିବା ପାଇଁ ଯେଉଁ କମଣ୍ଡଳ ରାଜନୀତି ଆସିଲା ଓ ତର୍କବିତର୍କର ପରିବେଶ ତିଆରି ହେଲା, ତାହାରି ଭିତରୁ ସାମାଜିକ ନ୍ୟାୟ ପ୍ରସଙ୍ଗ ରାଜନୈତିକ ରୂପ ନେଲା ଏବଂ ଏହାର ପୃଷ୍ଠପୋଷକ ଭାବେ ରାଷ୍ଟ୍ରୀୟ ଓ ପ୍ରାନ୍ତୀୟ ନେତାଙ୍କ ମଧ୍ୟ ଆବିର୍ଭାବ ହେଲା। ଏମାନଙ୍କ ମଧ୍ୟରୁ କେତେକେ ନିଜ ନିଜ ରାଜ୍ୟରେ ପ୍ରମାଣ କରି ଦେଇଛନ୍ତି ଯେ ସାମାଜିକ ନ୍ୟାୟ ଏକ ଦୃଢ଼ ରାଜନୈତିକ ପ୍ରସଙ୍ଗ ଓ ଏହାକୁ ନେଇ କ୍ଷମତା ଦଖଲ କରାଯାଇ ପାରିବ।

ଓଡ଼ିଶାରେ ପ୍ରତିକ୍ରିୟାଶୀଳ ରାଜନୀତିର ପ୍ରାରମ୍ଭ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜରୁରିକାଳୀନ ପରିସ୍ଥିତିରେ ହୋଇ ଯାଇଥିଲା। କିନ୍ତୁ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ



ଏହା ମଣ୍ଡଳ ବିରୋଧୀ ସ୍ୱରୂପକୁ ବଦଳି ଯାଇଥିଲା। ସେ ସମୟରେ ବିଜୁ ପଟ୍ଟନାୟକ ଗରିବର କୌଣସି ଜାତି ନାହିଁ କହି ଏହାକୁ ବିରୋଧ କରିଥିଲେ। କିନ୍ତୁ ସେ ସମୟର କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ଦୃଢ଼ ସମର୍ଥନ କରିଥିଲେ, ଯାହାଫଳରେ ଦୁହିଁଙ୍କ ମଧ୍ୟରେ ଏକ ମୁକାବିଲାର ବାତାବରଣ ତିଆରି ହୋଇଥିଲା। କିନ୍ତୁ ସେ ସମୟରେ ଜେନା ଖୋଲାଖୋଲି ଭାବେ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ଆଧାର କରି ରାଜ୍ୟରେ ଏକ ବିକଳ୍ପ ରାଜନୀତିର ସମ୍ଭାବନା ତିଆରି କରିବାକୁ ବୋଧହୁଏ ସାହସ କରିପାରିଲେ ନାହିଁ, ଯଦିଓ ରାଜ୍ୟରେ ମଣ୍ଡଳ ସପକ୍ଷରେ ଏକ ପ୍ରଭାବଶାଳୀ ସମର୍ଥକ ଗୋଷ୍ଠୀ ତିଆରି ହୋଇସାରିଥିଲା। ତେବେ ନେତୃତ୍ୱ ଅଭାବରେ ଏ ଆନ୍ଦୋଳନ ରାଜନୈତିକ ରୂପ ନେଇପାରି ନାହିଁ ବୋଲି ଅନେକେ ବିଶ୍ୱାସ କରନ୍ତି। ଏହା ସତ୍ୟ ଯେ, ଏ ଦିଗରେ ନେତୃତ୍ୱର ଅଭାବ ରହିଲା। ଆଉ କେହିବି ଏହାର ନେତୃତ୍ୱ ନେଇପାରି ଥାଆନ୍ତେ। ସେପରି ନେତୃତ୍ୱ ଆଉ ଉଭା ହେଲେ ନାହିଁ।

ଦ୍ୱିତୀୟ କାରଣ ହେଉଛି ସଚେତନତାର ଅଭାବ। ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଯେଉଁ ପ୍ରକାର ରାଜନୈତିକ ସଚେତନତା ରହିଛି, ନିଜ ଭାଗୀଦାରି ପ୍ରତି ସତର୍କତା ରହିଛି, ସେ ତୁଳନାରେ ଓଡ଼ିଶାରେ ଏହା ଥିବାପରି ମନେହୁଏ ନାହିଁ। ରାଜ୍ୟରେ ସଂଖ୍ୟାଧିକ ଅଧିବାସୀ ନିଜ ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହନ୍ତି। ସେଇଥିପାଇଁ ରାଜ୍ୟର ୪୦% ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ତାଙ୍କ ସଂଖ୍ୟାନୁପାତିକ ଭାବେ ଶିକ୍ଷାରେ ସଂରକ୍ଷଣ ନ ମିଳି ୨୦% ମିଳୁଥିଲେବି ସେମାନେ ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ସେହିପରି ରାଜ୍ୟର ୫୪% ଓବିସିଙ୍କୁ ଶିକ୍ଷା ଓ ଚାକିରିରେ ୨୭% ସଂରକ୍ଷଣ ମିଳିବା ପରିବର୍ତ୍ତେ କେବଳ ଚାକିରିରେ ୧୧.୨୫% ମିଳୁଥିଲେ ହେଁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଯଦି ସଚେତନ ଥାଆନ୍ତେ, ତେବେ ଓଡ଼ିଶାରେ କେବେଠାରୁ ଅଭୂତପୂର୍ବ ଆନ୍ଦୋଳନ ଠିଆ ହୋଇ ସାରନ୍ତାଣି। ତେଣୁ ଏହା ସ୍ପଷ୍ଟ ଯେ, ରାଜ୍ୟରେ ସଚେତନତା ଅଭାବରୁ ସାମାଜିକ ନ୍ୟାୟ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହୋଇ ପାରିନାହିଁ।

ରାଜନୈତିକ ସଚେତନତା ଓଡ଼ିଶାରେ ମନ୍ଥର ହେଲେବି ଚଳମାନ ଅବସ୍ଥାରେ ଅଛି। ସାମାଜିକ ନ୍ୟାୟ ସଚେତନତା ବୃଦ୍ଧି ଦିଗରେ ବିଭିନ୍ନ ସଙ୍ଗଠନ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ଏହାକୁ ରାଜନୈତିକ ପ୍ରସଙ୍ଗ କରିବାକୁ ଆଗଭର ହେଲେଣି। ନିକଟରେ ଭାଜପା ଓ ବିଜେଡିକୁ ଛାଡ଼ି ୧୦ଟି ବିରୋଧୀ ଦଳର ପ୍ରତିନିଧିମାନେ 'ସାମାଜିକ ନ୍ୟାୟ ଅଭିଯାନ' ମଞ୍ଚର ଆନୁକୂଲ୍ୟରେ ଏ ବାବଦରେ ସଚେତନତା ସଭା କରିଛନ୍ତି ଏବଂ 'ଯାହାର ସଂଖ୍ୟା ଯେତେ, ଭାଗ ପାଇବେ ସେମାନେ ସେତେ'ର ନାରା ଦେଇଛନ୍ତି। ଏମାନଙ୍କ ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବରିଷ୍ଠ ସଂଗଠକଙ୍କ ସମେତ ଯୁବ ଓ ଛାତ୍ର ନେତୃତ୍ୱଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହପ୍ରଦ କରିଛି।

ସମସ୍ତେ ଦୁଇଟି ବିନ୍ଦୁ ଉପରେ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଗୋଟିଏ ହେଉଛି ରାଜ୍ୟରେ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପ୍ରଦାନ କରାଯାଉ। ଅନ୍ୟଟି ହେଉଛି ଏସ୍‌ଟି ଓ ଏସ୍‌ସିଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ଶିକ୍ଷା କ୍ଷେତ୍ରରେ ୪୦% ସଂରକ୍ଷଣ ପ୍ରଦାନ କରାଯାଉ। ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସମସ୍ତ ଅଣବିଜେଡି ଓ ଅଣଭାଜପା ବିରୋଧୀ ଦଳ ମିଳିତ ଭାବେ ପଦକ୍ଷେପ ନେବାର ସମ୍ଭାବନା ତିଆରି ହୋଇଛି। ଆନ୍ଦୋଳନକୁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ପହଞ୍ଚାଇବାର ଦୃଢ଼ ଘୋଷଣା ନେତାମାନେ କରିଛନ୍ତି। ଆଗକୁ ଦେଖାଯିବ ଆନ୍ଦୋଳନ କେତେ ଦୃଢ଼ତାର ସହିତ ବଢୁଛି ଅଥବା ପୂର୍ବ ସ୍ଥିତିକୁ ଫେରିଆସୁଛି।

ଓଡ଼ିଶାରେ ସାମାଜିକ ନ୍ୟାୟ ଆନ୍ଦୋଳନର ଆବଶ୍ୟକତା ରହିଛି। ଏହି ଅଭାବକୁ ଏ ମଞ୍ଚ କେତେ ପୂରଣ କରିପାରିବ, ତାହା ଭବିଷ୍ୟତ କହିବ। ଯେଉଁ ଦୁଇଟି ବିନ୍ଦୁକୁ ନେଇ ଆନ୍ଦୋଳନ କରିବାର ଘୋଷଣା ଆୟୋଜକମାନେ କରିଛନ୍ତି, ତାହାର ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସପକ୍ଷରେ ଅନୁକୂଳ ବାତାବରଣ ତିଆରି ହେଉଥିବା ପରି ମନେହେଉଛି। ଏ ଆନ୍ଦୋଳନ ଆଗାମୀ ଦିନରେ କେଉଁ ପ୍ରକାର ରାଜନୈତିକ ପ୍ରଭାବ ପକାଇବ ତାହା ଜାଣିବା ମଧ୍ୟ ସମୟସାପେକ୍ଷ। ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ୨୦୨୪ ସାଧାରଣ ନିର୍ବାଚନରେ କିଛି ଚମତ୍କାରିତା ହେବାର ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇନପାରେ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଏ ଧରଣୀ ସୁଖ ମଣି, ବଇକୁଣ୍ଠ ନାହିଁ ଭଲ ଲାଗେ...



ଡ. ହୃଷୀକେଶ ମଲ୍ଲିକ

କବି କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଓଡ଼ିଆ 'ସବୁଜ ଗୋଷ୍ଠୀ'ର କବିଙ୍କ ମଧ୍ୟରେ ମଧ୍ୟମଣି। ସେ ଏକାଧାରରେ ଥିଲେ କବି, କଥାକାର ଓ ଯୁଗପ୍ରବର୍ତ୍ତକ ଔପନ୍ୟାସିକ। ସବୁଜ ପାଞ୍ଚଜଣଙ୍କ ମଧ୍ୟରେ ଯୁଗକୁ ଅତିକ୍ରମ କରି ଯୁଗାନ୍ତରରେ ତାଙ୍କ ପ୍ରବେଶର ପଥ ପ୍ରଶସ୍ତ କରିଦେଇଥିଲା 'ମାଟିର ମଣିଷ' ଉପନ୍ୟାସ। ଫକୀରମୋହନଙ୍କ ପରେ ଅନ୍ୟତମ ଶକ୍ତିଶାଳୀ ଉପନ୍ୟାସ ଭାବେ ସମାଲୋଚକମାନେ ଏହି ଉପନ୍ୟାସକୁ ଯେପରି ଗୁରୁତ୍ୱ ଦିଅନ୍ତି, ତା'ର ସମାନ୍ତରାଳ ଓଡ଼ିଆ ଉପନ୍ୟାସ ଜଗତରେ ବିରଳ। ପ୍ରଖ୍ୟାତ ସମାଲୋଚକ ଡ. ମାୟାଧର ମାନସିଂହ ଲେଖିଥିଲେ: "Kalindi Charan Panigrahi's novel 'Matir Manisha (Man of the Soil) written In the heyday of the group and many of his stories have been widely deservedly popular..." (Contemporary Indian Literature, edited by Dr. Nagendra: Published by Sahitya Akademi) ଓଡ଼ିଆ ସବୁଜ ସାହିତ୍ୟ ଯେତେବେଳେ ମଧ୍ୟାକାଶରେ ତେଜୋଦୀପ୍ତ, ତା'ରି ଜ୍ୟୋତିରୂପ 'ମାଟିର ମଣିଷ', ଯାହା କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅମୂଲ୍ୟ ରତ୍ନ ପରି ଆଜି ବି ସାଇତା।

୧୯୬୬ରେ ପ୍ରକାଶିତ ବିଶିଷ୍ଟ ବଙ୍ଗୀୟ ସମାଲୋଚକ ସୁଧାକର ଚଟ୍ଟୋପାଧ୍ୟାୟ ତାଙ୍କର "ରବୀନ୍ଦ୍ରନାଥ ଓ ଭାରତୀୟ ସାହିତ୍ୟ" (କୌତୂହଳର ବିଷୟ ଯେ ବହିଟି ବଙ୍ଗଭାଷାର ବିଶିଷ୍ଟ ଲେଖକ 'ବନଫୁଲ' ଓ ଓଡ଼ିଆ ଭାଷାର ମହାରଥୀପ୍ରତିମ ଲେଖକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ମିଳିତ ଭାବେ ଉତ୍ସର୍ଗିତ)ରେ କାଳିନ୍ଦୀଚରଣଙ୍କ କବିତା ସମ୍ପର୍କରେ ମତ ଦେବାକୁ ଯାଇ କହିଛନ୍ତି: "ଆଧୁନିକ ଓଡ଼ିଶାର ଲବ୍ଧପ୍ରତିଷ୍ଠ କଥା ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ଏକ କାଳେ କବିତା ରଚନା କରେଛିଲେନ୍, ଏବଂ କୋନଓ କୋନଓ ସମାଲୋଚକ ସେ-ସକଲ କବିତାର ବିଶେଷ କାବ୍ୟମୂଲ୍ୟ ସ୍ୱୀକାର ନା କରଲେଓ ଆମାଦେର କାଛେ କୟେକଟି କବିତା ନାନା କାରଣେ ଉଲ୍ଲେଖଯୋଗ୍ୟ ବଲେ ମନେ ହଛେ।" (ପୃ: ୬୮)। ଏହାର କାରଣ ସ୍ୱରୂପ ସେ କହିଥିଲେ, ପ୍ରଥମତଃ କାଳିନ୍ଦୀଙ୍କ କବିତା ନିଛକ୍ ପଦ୍ୟ ନୁହେଁ, କବିତା। ଦ୍ୱିତୀୟତଃ ସବୁଜ ସାହିତ୍ୟିକଙ୍କ ପ୍ରସଙ୍ଗରେ ସବୁଜ କବିତାର ସମ୍ପାଦକ କାଳିନ୍ଦୀଚରଣଙ୍କ ଆଲୋଚନାକୁ କଦାପି ବାଦ୍ ଦେଇହେବ ନାହିଁ। ତୃତୀୟତଃ ରବୀନ୍ଦ୍ରନାଥଙ୍କ ଭାବ-ଭାଷା ଓ ଛନ୍ଦର ଧାରାନୁସରଣର ପ୍ରୋଜ୍ଜ୍ୱଳ ଉଦାହରଣ ଥିଲେ କାଳିନ୍ଦୀ। ଏଇ ମତ ସହ କେବଳ ଗୋଟିଏ ଧାଡ଼ି ଯୋଗ କରିବାକୁ ଏଇ ଲେଖକ ଅପରିହାର୍ଯ୍ୟ ମଣେଯେ, କାଳିନ୍ଦୀଚରଣ କେବଳ ରବୀନ୍ଦ୍ର କାବ୍ୟଧାରାର ଉଜ୍ଜ୍ୱଳତମ ଅନୁଗାମୀ ନ ଥିଲେ, ଥିଲେ ଅବିଶ୍ୱସନୀୟ ଭାବେ ଅତିକ୍ରମୀ ବି।

ରବୀନ୍ଦ୍ରନାଥ ଲେଖିଛନ୍ତି: "ଥାକୋ, ସ୍ୱର୍ଗ, ହାସ୍ୟମୁଖେ କରୋ ସୁଧାପାନ,/ ଦେବଗଣ! ସ୍ୱର୍ଗ ତୋମାଦେରି ସୁଖସ୍ଥାନ,/ ମୋରା ପରବାସୀ। ମର୍ତ୍ତ୍ୟଭୂମି ସ୍ୱର୍ଗ ନହେ,/ ସେ ଯେ ମାତୃଭୂମି..."

**କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ**



କଥା ତାତ୍ତ୍ୱିକ ହେଲେ ବି କେତେ ଗଦ୍ୟ ଗଦ୍ୟ ନ ଲାଗେ ଏସବୁ ଉଚ୍ଚାରଣ, ଯଦିଓ ରବୀନ୍ଦ୍ରଙ୍କ ବିକଳ୍ପ ନାହିଁ ଭାରତୀୟ କବିତାରେ। ଏହି ପ୍ରେକ୍ଷାପଟ୍ଟରେ ଆସନ୍ତୁ ଶୁଣିବା ଆମ କାଳିନ୍ଦୀଚରଣଙ୍କୁ ତାଙ୍କ 'ପୁରୀ ମନ୍ଦିର' କବିତାରୁ: "ବଇକୁଣ୍ଠ ନାହିଁ ଭଲ ଲାଗେ/ ଏ ମର୍ତ୍ତ୍ୟ ଭୁବନ/ ମୋ' ସ୍ନେହ ସଦନ/ଏ ଧରଣୀ / ସୁଖ ମଣି। X X/ ଲଭିଅଛି ଯେ ସମ୍ପଦ ଏ ମର ଜୀବନେ/ ମିଳଇ ସେ କେବେ କେଉଁ ଅମର ଭୁବନେ?/ ଏ ଜୀବନେ ଲଭିଛି ଯେ ନିଧି/ ତୁଚ୍ଛ କରି ଦିଏ ସ୍ୱର୍ଗ ସିଦ୍ଧି;/ ଭୋଗିବାକୁ ତାହା/ ବେଳ ନାହିଁ ଆହା!"

ରବୀନ୍ଦ୍ରନାଥଙ୍କ 'ସ୍ୱର୍ଗ ହତେ ବିଦାୟ' କବିତାରେ ଉପଲବ୍ଧ ପୟାର ଛନ୍ଦର ଯଦିଓ ଏହା ସମ୍ପ୍ରସାରିତ ରୂପ, ତେବେ ଶବ୍ଦ ବିଧାନ ଓ ଧ୍ୱନି-ସଞ୍ଚାରରେ ଓଡ଼ିଆ ଭାଷାର ଯେଉଁ ସ୍ପନ୍ଦିତ ସାମର୍ଥ୍ୟ ନିହିତ କାଳିନ୍ଦୀଙ୍କର ଏ କବିତାରେ, ତା'ର ପୃଥକ୍ ତର୍ଜମା ପ୍ରୟୋଜନୀୟ କି? 'ପୟାର ଛନ୍ଦ' ହୁଏତ ଥିଲା ବଂଗାଗତ (ହିନ୍ଦୀରେ ଯାହା 'ରବର ଛନ୍ଦ' ବା 'କେଞ୍ଚୁଆ ଛନ୍ଦ'), କିନ୍ତୁ କାଳିନ୍ଦୀ ସ୍ୱଭାଷାର ସାମର୍ଥ୍ୟରେ ତାକୁ କରିଦେଲେ 'ପ୍ରବହମାନ ପୟାର'। କବିତାରେ ବଡ଼ କଥା ଛନ୍ଦ ନୁହେଁ, ବଡ଼ କଥା ଅନୁସୃତ ସେଇ ଛନ୍ଦର ପ୍ରବହମାନତା। କାଳିନ୍ଦୀଙ୍କ କବିତାରେ ଓଡ଼ିଆ ଭାଷାଯେ ତାଙ୍କର କେତେ ସାଧ, ଏହାହିଁ ତା'ର ପ୍ରମାଣ।

କାଳିନ୍ଦୀଚରଣଙ୍କ କବିତାର ନିରପେକ୍ଷ ଅଧ୍ୟୟନରୁ ମନେହୁଏ ଯେ, କବିଙ୍କର କବିତା ବଙ୍ଗଳା କବିତାର ପ୍ରଭାବକୁ ଆତ୍ମସାତ୍ କରି ଓଡ଼ିଆ ଭାଷାର ଗରିମା ପ୍ରତିଷ୍ଠାରେ ନିଜକୁ ଯଥେଷ୍ଟ ସକ୍ଷମ ପ୍ରତିପାଦିତ କରିଛି। ଏପରିକି ପାଠ୍ୟପୁସ୍ତକ ରଚନାକାଳରେ କାଳିନ୍ଦୀ ଯେଉଁ କବିତା ସବୁ ଲେଖିଯାଇଛନ୍ତି, ଓଡ଼ିଆ ସାହିତ୍ୟର ଉଦୟରାଗ ସେଥିରେ ଏପରି ପ୍ରତିଭାତ ଯେ ବୟସ୍କମାନଙ୍କ ସ୍ମୃତିରୁ ବି ସେସବୁ ବିସ୍ମୃତ ହୋଇନାହିଁ। ଓଡ଼ିଆ କବିତାରେ ସରଳତା ଓ ସୌକୁମାର୍ଯ୍ୟର ପ୍ରତିଷ୍ଠା ଦିଗରେ କାଳିନ୍ଦୀଚରଣ କବିତା ରଚନାରେ ହାତ ଦେଲାଦିନୁଁ ଯେପରି ପ୍ରଚେଷ୍ଟା କରିଆସିଛନ୍ତି, ତାହା ସମକ୍ଷରେ ତାଙ୍କ ସାହିତ୍ୟର ସବୁଜ କାଳକୁ ନେଇ ବଙ୍ଗୀୟ ପ୍ରଭାବର ଯେଉଁ ମୋହର ମରାଯାଏ, ତାହା ଗ୍ରହଣୀୟ ନୁହେଁ। ଅପର, ପଡୋଶୀ ଭାଷାକୁ ନ୍ୟୂନ ପ୍ରତିପାଦିତ କରିବା ବଙ୍ଗୀୟ ସମାଲୋଚକଙ୍କର ଏକ ଯୋଜନାବଦ୍ଧ ଅଭ୍ୟାସ, ଯହିଁରୁ ସେମାନେ ସହଜରେ ମୁକୁଳିପାରନ୍ତି ନାହିଁ। କେବଳ ଓଡ଼ିଆ କବିତା ନୁହେଁ, ଅହମିୟା କବିତା ସମ୍ପର୍କରେ ବଙ୍ଗୀୟ ଧାରଣା ମଧ୍ୟ ନିଷ୍ପକ୍ଷ ନୁହେଁ।

ପ୍ରଭାବରେ ଥାଇ ବି ଅନେକ ସ୍ଥଳେ ଓଡ଼ିଆ ଓ ଅହମିୟା କବିତା ପ୍ରଭାବକୁ ଅତିକ୍ରମି ଯାଇଛନ୍ତି, ଯାହା ଅବାଞ୍ଛିତ ଭାବେ ଉପରମୁହାଁ କୌଣସି ଭାଷାର ସ୍ୱୀକୃତିକୁ ଅପେକ୍ଷା ରଖେନାହିଁ।

'ନିରୁଦ୍ଦେଶ' ଓ 'ସୁଦୂର' ପ୍ରତି ଆକର୍ଷଣ ସବୁଜ କବିତାର ଅନ୍ୟତମ ବୈଶିଷ୍ଟ୍ୟ ହେଲେ ବି କାଳିନ୍ଦୀଚରଣଙ୍କ କବିତା ଅନ୍ୟ ଭାଷାର ଚାପରେ ପେଷିହୋଇ କଦାପି ସ୍ୱଭାଷାର ଗରିମାକୁ ଭୂଲୁଣ୍ଠିତ କରିନାହିଁ। ଗୋଟିଏ ଉଦାହରଣ ଦେଇ ତାଙ୍କର ପବିତ୍ର ଜନ୍ମଦିନରେ ତାଙ୍କୁ ଅଭିନନ୍ଦନ ଜଣାଇବା:

"ଅସ୍ତଗାମୀ ରବିସମ ନିବିଡ଼ ଏ ଅନ୍ଧାର ମୁଖରେ,
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣକ୍ଳାନ୍ତ କ୍ଷୀଣ ମୟୂଖରେ।
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ ଭାଲ ଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶେ।" (ସନ୍ଧ୍ୟାଲୋକେ)

ଓଡ଼ିଆ କବିତାରେ ଆପଣା ତାକତରେ ଏ ବାଟଚଲା ବେଳେ ଲାଗେ କି କବି କାଳିନ୍ଦୀଚରଣ ଆଉ କାହା ହାତରେ ହାତରଖି ଚାଲିଛନ୍ତି? କାଳିନ୍ଦୀ ମାଟିର କବି, ଷୋଳଣା ମାତୃଭାଷାର କବି। ଖୋଲାମନର ଲେଖକ ହୋଇ ବି କଦାପି ପରବୋଲା ନୁହନ୍ତି।

ମୋ: ୯୮୫୩୨୮୭୭୫୫

## ଏଇ ଭାରତରେ

ଶନିବାର ରାଜସ୍ଥାନର ସିକର ସହରର ଦେବପୁରା ବାଲାଜୀ ମନ୍ଦିରରେ ହନୁମାନଜୀଙ୍କୁ ଏକ ନିଆରା ଭୋଗ ଅର୍ପଣ କରାଯାଇଛି। ଏଥିପାଇଁ ମନ୍ଦିରରେ ଏକ ବିଶାଳ ଚୁଲା ତିଆରି କରାଯାଇ ୨୭୦୦ କିଲୋଗ୍ରାମର ବିରାଟକାୟ ରୁଟି ପ୍ରସ୍ତୁତ କରାଯାଇଛି। ଯୋଧପୁର ଏବଂ ସୁରଟର ୨୦ଜଣ କାରିଗର ଏହାକୁ ପୂର୍ଣ୍ଣାମ ଧାମର ସନ୍ଥ ରାମଦାସ ମହାରାଜଙ୍କ ନିର୍ଦ୍ଦେଶନାରେ ପ୍ରାୟ ୨୩ ଘଣ୍ଟା ପରିଶ୍ରମ କରି ପ୍ରସ୍ତୁତ କରିଥିଲେ। ଅଖଣ୍ଡ ରାମଧୁନ ମଧ୍ୟରେ ତିଆରି ଏହି ଭୋଗକୁ ଅର୍ପଣ କରିବା ପରେ ଏହାର ଚୁର୍ମା ତିଆରି କରାଯାଇ ଶନିବାର ବଣ୍ଟନ କରାଯାଇଥିଲା। ଦେବପୁରା ବାଲାଜୀ ମନ୍ଦିରରେ ଏହି ରୁଟି ତିଆରି ପ୍ରକ୍ରିୟା ଶୁକ୍ରବାର ଭୋର ୪ଟା ୧୫ରେ ଆରମ୍ଭ ହୋଇଥିଲା। ୨୦ କାରିଗର ପ୍ରଥମେ ଏକ କ୍ରେନ୍ ସାହାଯ୍ୟରେ ଅଟାକୁ ଚକଟି ଥିଲେ। ଏହା ପରେ କ୍ରେନ୍‌ରେ ଏକ ରୋଲର୍ ବ୍ୟବହାର କରି ରୁଟି ବେଲାଯାଇଥିଲା ଓ ଏହାକୁ କ୍ରେନ୍‌ରେ ଉଠାଇ ବିଶାଳ ଚୁଲି ଉପରେ ଥିବା ତାୱାରେ ରଖାଯାଇଥିଲା। ଶନିବାର ସକାଳ ୮ଟା ୧୫ ମିନିଟରେ ହନୁମାନଜୀଙ୍କୁ ଏହି ରୁଟି ଭୋଗଲାଗି କରାଯାଇଥିଲା। ଏହା ପରେ ଥ୍ରେସର ସାହାଯ୍ୟରେ ଚୁର୍ମା ତିଆରି କରି ପ୍ରସାଦ ବଣ୍ଟନ କରାଯାଇଥିଲା। ଦେବପୁର ବାଲାଜୀ ଧାମର ମହନ୍ତ ଓମ୍ ପ୍ରକାଶ କହିଛନ୍ତି, ଏହି ମହାଭୋଗର ପ୍ରସାଦ ପ୍ରାୟ ୨୫ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୯୮

- ଜର୍ଜିଆର ଲୋକପ୍ରିୟ ରାଷ୍ଟ୍ରପତି ଏଡୁଆର୍ଡ ଶେଭାର୍ଦ୍ଦନାଦ୍‌ଜେଙ୍କ ନାମାନୁସାରେ ଏକ ନୂଆ ଆବିଷ୍କୃତ ନକ୍ଷତ୍ରକୁ ନାମିତ କରାଯାଇଛି।
- ଦେଶର ବିଦେଶୀ ମୁଦ୍ରା ଆକାଉଣ୍ଟଗୁଡ଼ିକ ଉପରେ ପାକିସ୍ତାନ ସରକାର ଲାଗୁ କରିଥିବା ଅଚଳ ଆଦେଶ ପ୍ରତ୍ୟାହୃତ।
- ପୂର୍ବତନ ହକି ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜୟୀ ଭି.ଜେ. ପିଟରଙ୍କ ୬୨ ବର୍ଷ ବୟସରେ ଦେହାନ୍ତ।

## ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ!
(ଅମର ଆଶା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବସ୍‌ବାଲା ଭଡ଼ା ଚାର୍ଟ ଟାଙ୍ଗୁନାହାନ୍ତି

ମହାଶୟ,
ଓଡ଼ିଶା ସରକାରଙ୍କର ବହୁତ ଦିନରୁ ନିର୍ଦ୍ଦେଶ ଅଛି ବସ୍‌ବାଲା ଭଡ଼ା ଚାର୍ଟ ଟାଙ୍ଗିବେ। ଗନ୍ତବ୍ୟ ପଥରେ କେତେଟା ଷ୍ଟପେଜ୍ ଅଛି ତାହା ଦର୍ଶାଇବା ସହ ଭଡ଼ା ଓ କି.ମି. କେତେ ଉଲ୍ଲେଖ କରିବେ। କିନ୍ତୁ ପ୍ରାୟ ବସ୍‌ବାଲା ଭଡ଼ାଚାର୍ଟ ଟାଙ୍ଗୁନାହାନ୍ତି। ଫଳରେ ଭଡ଼ାକୁ ନେଇ କଣ୍ଡକ୍ଟରଙ୍କ ସହିତ ଯାତ୍ରୀମାନଙ୍କର ଝଗଡ଼ା ହେଉଛି। ଏଣଉ ଏହି ସମସ୍ୟା ସମାଧାନ କରିବା ଲାଗି ଉଚ୍ଚ ପଦାଧିକାରୀମାନେ ଦୃଷ୍ଟି ଦେବା ଆବଶ୍ୟକ।

**– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପରିବେଶ ସଚେତନତା, ଔଷଧୀୟ ଚାରା ରୋପଣ**

ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ): ତିର୍ତ୍ତୋଲସ୍ଥିତ ପର୍ଣ୍ଣଗ୍ରାମଜାଉ ତୀର୍ଥ ମଠ ପରିସରରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ପରିବେଶ ସଚେତନତା ଏବଂ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠାନ ତରଫରୁ ୩୦ ହଜାର ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦ ସଭାପତି ପ୍ରେମ ଚରଣ ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ପରେ ବିଭିନ୍ନ ଔଷଧୀୟ ଓ ଫଳ ଚାରା ମଠାଧୀଶ ଦିବ୍ୟକୃଷ୍ଣ ଦାସଙ୍କ ଜରିଆରେ ଲୋକଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ସ୍ୱାଇଁ, ଲୋକନାଥ ବଡ଼ପଣ୍ଡା, ଶିବ ପ୍ରସାଦ ସାହୁ, ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଅଗଷ୍ଟ ୧ରୁ ରାଜକନିକା ପ୍ରିମିୟର ଲିଗ୍ ଫୁଟବଲ

**କେନ୍ଦ୍ରାପଡ଼ା,୧୭(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ରାଜକନିକା ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରାଜକନିକା ପ୍ରିମିୟର ଲିଗ ଫୁଟବଲ ଟୁର୍ଣ୍ଣାମେଣ୍ଟ -୨୦୨୩ ଅଗଷ୍ଟ ୧ରୁ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଭାଗ ନେବା ପାଇଁ ୮ ଜଣ ଫ୍ରାଞ୍ଚାଇଜଙ୍କୁ ନିମନ୍ତ୍ରଣ କରାଯାଇଛି । ରାଜକନିକା, ଆଳି ଓ ଚାନ୍ଦବାଲି ବ୍ଲକର ଫ୍ରାଞ୍ଚାଇଜମାନେ ଏହାର ସୁଯୋଗ ନେଇ ପାରିବେ । ଏଥିରେ ୧୦୦ରୁ ଅଧିକ ଖେଳାଳୀଙ୍କୁ ପଞ୍ଜୀକୃତ କରାଯାଇଛି। ଖେଳାଳିମାନଙ୍କୁ ନିଲାମ ମାଧମରେ ଫ୍ରାଞ୍ଚାଇଜମାନେ ମନୋନୀତ କରିବେ । ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ଟିମ୍‌କୁ ୫୦ ହଜାର ଟଙ୍କା, ଦ୍ୱିତୀୟ ଟିମ୍‌କୁ ୩୦ ହଜାର ଟଙ୍କା ଏବଂ ତୃତୀୟ ଟିମକୁ ୨୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଭାବେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଫ୍ରାଞ୍ଚାଇଜମାନେ ଜୁଲାଇ ୨ ରବିବାର ଦିନ ରାଜକନିକା ଆଥଲେଟିକ ଆସୋସିଏଶନ ସଭାଗୃହରେ ଉପସ୍ଥିତ ରହ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି ।

### ସୁଭାଷ ରାଉତଙ୍କୁ ସମ୍ବର୍ଦ୍ଧନା

**ଜଗତ୍‌ସିଂହପୁର,୧୭(ପ୍ରମୋଦ ନାୟକ):** ଜଗତ୍‌ସିଂହପୁର ଜିଲା ଶିକ୍ଷା ବିଭାଗରେ ଜଣେ ଜଣାଶୁଣା ନାଁ ହେଉଛନ୍ତି ସୁଭାଷ ଚନ୍ଦ୍ର ରାଉତ। ସେ ଦୀର୍ଘ ବର୍ଷ ଧରି ଜିଲା ବିଜ୍ଞାନ ପରିଦର୍ଶକ ଭାବେ ଦାୟିତ୍ୱ ତୁଲାଇ ଅବସର ପୂର୍ବରୁ ସ୍ଥାନୀୟ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ଜଣେ ଦକ୍ଷ ଉପସ୍ଥାପକ, ସୁଲେଖକ ଓ ଶିକ୍ଷକ ଭାବେ ପରିଚିତ। ଶୁକ୍ରବାର ତାଙ୍କୁ ଯେଉଁଭଳି ଭାବରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଗଲା ତାକୁ ନେଇ ଆଲୋଚନା ଜୋର ଧରିଛି । ଏନେଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସୁଚିତ୍ରା ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟବକ୍ତା ସେବା ନିବୃତ୍ତ ଅଧାପକ ତଥା ଜଗତ୍‌ସିଂହପୁର ସାରସ୍ୱତ ପରିଷଦର ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ, ଜଗତ୍‌ସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ କନକଲତା ଦାଶ, ଜଗତ୍‌ସିଂହପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଓ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଯୋଗ ଦେଇଥିଲେ । କେବଳ ଏତିକି ନୁହେଁ ସଭାରେ ଜିଲାର ଅନେକ ପ୍ରଧାନ ଶିକ୍ଷକ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ, ପୁରୁଣା ବିଦ୍ୟାର୍ଥୀ ପରିଷଦର ସଭ୍ୟାସଭ୍ୟ ଓ ବହୁ ଉଚ୍ଚ ପଦାଧିକାରୀ ଯୋଗଦେଇ ରାଉତଙ୍କ କୃତି ଓ କୃତିତ୍ୱକୁ ବଖାଣିଥିଲେ । ବରିଷ୍ଠ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ସତ୍ୟଜିତ ଶତପଥୀ ବେଦପାଠ କରିଥିଲେ।

# ଭିତରକନିକା ଆର୍ଦ୍ରଭୂମିକୁ ଉଜାଡ଼ିବ ପ୍ରଦୂଷିତ ଜଳ

**କେନ୍ଦ୍ରାପଡ଼ା,୧୭ (ଜଗନ୍ନାଥ ଧଳ)**

- ଜାତୀୟ ଉଦ୍ୟାନର ୩ ନଦୀ ସିଷ୍ଟମ କାମ କରୁନାହିଁ
- ବ୍ରାହ୍ମଣୀ ନଦୀ ସର୍ବାଧିକ ପ୍ରଦୂଷିତ

ଓଡ଼ିଶାରେ ମୌସୁମୀ ବାୟୁ ପ୍ରବେଶ କରିଛି । ତେବେ କେନ୍ଦ୍ରାପଡ଼ା ଜିଲାରେ ଆଶାନୁରୂପକ ବର୍ଷା ହୋଇନାହିଁ । ଫଳରେ ଜିଲାରେ ଉତ୍କଟ ଜଳାଭାବ ଦେଖାଦେଇଛି। ଏପରି କି ଭିତରକନିକା ଆର୍ଦ୍ରଭୂମିକୁ ସଂଲଗ୍ନ ଥିବା ୩ ନଦୀ ସିଷ୍ଟମ ଜଳାଭାବରୁ ଶୁଖିଲା ପଡିଛି । ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା ୭ନଦୀରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି। ଏହି ଜଳ ଜାତୀୟ ଉଦ୍ୟାନର ବହୁ କ୍ଷତି ଘଟାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି, ଭିତରକନିକା ଆଦ୍ରଭୂମିରେ ପ୍ରଦୂଷିତ ଜଳକୁ ନେଇ ହାଇକୋର୍ଟରେ ଉଦ୍‌ବେଗ ପ୍ରକାଶ କରାଯାଇଛି । ନିକଟରେ ଏହି ମାମଲାର ହାଇକୋର୍ଟ ପକ୍ଷରୁ ରହିଥିବା ଆମିସକ୍ୟୁରୀ ମୋହିତ ଅଗ୍ରୱାଲ ଆଶଙ୍କା କରିଛନ୍ତି, ବ୍ରାହ୍ମଣୀ ନଦୀ ଜଳ ଭିତରକନିକାକୁ ସର୍ବାଧିକ ପ୍ରଦୂଷିତ କରୁଛି। ନାଲ୍‌କୋ ଓ ଅନ୍ୟ ରାସାୟନିକ ସାର କାରଖାନାରୁ ନିର୍ଗତ ରାସାୟନିକ ଦ୍ରବ୍ୟ ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କରୁଛି । ଏହି ଶିଳ୍ପଗୁଡିକ କୋଇଲା ସହିତ ଫ୍ଲୋରାଇଡ, ନାଇଟ୍ରୋଜେନ, ସିଆନାଇଡ, କ୍ରୋମିୟମ, ଫ୍ଲାଏ ଆସ୍ ସହିତ ଅନ୍ୟ ସାମଗ୍ରୀ ବ୍ୟବହାର କରୁଥିବାରୁ ଏହାର ଉଦ୍‌ବୃତ୍ତ ଅଂଶ ବ୍ରାହ୍ମଣୀରେ ମିଶୁଛି । ଭିତରକନିକା ଜଳ ପ୍ରଦୂଷଣରେ ବେଆଇନ ଚିଙ୍ଗୁଡି ଘେରି, ଅବାଧ ନୌଚଳାଚଳ, ବେଆଇନ ଭାବେ ରହିଥିବା ବାଂଲାଦେଶୀଙ୍କ ଦ୍ୱାରା ବନ କ୍ଷୟ ଓ ଚିଙ୍ଗୁଡ଼ି ଘେରି ଆଦି ନିର୍ମାଣ ସହିତ ନଦୀ ଜଳ ପ୍ରଦୂଷଣର କାରଣ ହୋଇଛି । ଅପରପକ୍ଷେ ଏହି ଆଦ୍ରଭୂମିକୁ ଆଗାମୀ ଦିନରେ ମଧୁର ଜଳ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ନାଳ ଭିତରକନିକାର ହେନ୍ତାଳ ବଣକୁ ବଞ୍ଚାଇ ରଖୁଛି । ତେବେ ବିଭିନ୍ନ ସ୍ଥାନରେ ମଧୁର ପାଣି ଅଟକ ଓ ଉତ୍ତୋଳନ ଜୈବ ବିବିଧତାକୁ ନଷ୍ଟ କରିବ ବୋଲି ଅଧ୍ୟାପକ ସିଂହ ମତ ଦେଇଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ମଧୁର ଜଳ ଅଭାବ ହେନ୍ତାଳବଣ ନଷ୍ଟର କାରଣ ହେବ । ୬୦ ପ୍ରତିଶତ ଲୁଣା ଓ ୪୦ ପ୍ରତିଶତ ମଧୁର ଜଳର ମିଶ୍ରଣ ଅଞ୍ଚଳରେ ସାଧାରଣରେ ହେନ୍ତାଳବଣ ସୃଷ୍ଟି ହୋଇଥାଏ ।


ଭିତରକନିକାରେ ନଦୀ ଓ ହେନ୍ତାଳ ବନ।

ମଧୁର ଜଳ ନ ଥିବାରୁ ସମୁଦ୍ର ତଟରେ କେବଳ ଝାଉଁବଣ ଦେଖିବାକୁ ମିଳେ । ଭିତରକନିକାକୁ ମଧୁର ଜଳ ଯୋଗାଉଥିବା ମୁଖ୍ୟତଃ ମହାନଦୀ, ବୈତରଣୀ ଓ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତା ଏବେ ଅକାମୀ ହେବାକୁ ଯାଉଛି । ଛତିଶଗଡ଼ ରାଜ୍ୟରେ ବନ୍ଧ ନିର୍ମାଣ ପରେ ମହାନଦୀ ଜଳକୁ ନେଇ ଓଡ଼ିଶା ସରକାରଙ୍କ ସହିତ ଦ୍ୱନ୍ଦ ଦେଖାଯାଇଛି। ଅଣମୌସୁମୀରେ ମହାନଦୀର ତଳ ମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲାରେ ଜଳସ୍ରୋତ କମି ଯାଇଛି । ଶିକ୍ଷାବିତ୍ ଭୁବନମୋହନ ଜେନା ଦର୍ଶାଇଛନ୍ତି, ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ସନ୍ତରାଠାରେ ମହାନଦୀରେ ଏକ ବୃହତ୍ ଜଳାଶୟ ନିର୍ମାଣ କରାଯାଇ କେନ୍ଦ୍ରାପଡ଼ା ଜିଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେବାକୁ ଯାଉଛି।

ଜଳାଶୟରୁ ଉଦ୍‌ବୃତ ଜଳ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୨ଟି ମେଗା ପ୍ରକଳ୍ପ ନିର୍ମାଣାଧୀନ ଅଛି । ଫଳରେ ମହାନଦୀର ଜଳ ତଳମୁଣ୍ଡରେ ଥିବା ଭିତରକନିକାକୁ ମଧୁର ଜଳ ପହଞ୍ଚିବା ଆଶା କ୍ଷୀଣ ହୋଇଛି । ସେହିପରି ଗତ କିଛି ବର୍ଷ ଧରି ଅଣମୌସୁମୀ ସମୟରେ ବୈତରଣୀର ମଧୁର ଜଳ ଭିତରକନିକାକୁ ପହଞ୍ଚୁ ନାହିଁ। ମୌସୁମୀ ସମୟରେ ଭିତରକନିକା ଆସୁଥିବା ଜଳକୁ ଏବେ ଯାଜପୁର ସହର ନିକଟ ନିର୍ମାଣାଧୀନ ଜଳାଶୟରେ ରଖିବାକୁ ଯୋଜନା ହୋଇଛି। ବ୍ରାହ୍ମଣୀ ସିଷ୍ଟମରେ ବ୍ରାହ୍ମଣୀ ଓ ଶାଖାନଦୀ ଖରସ୍ରୋତା ଅଛି । ଏବେ ଖରସ୍ରୋତାରେ କେନ୍ଦ୍ରାପଡ଼ା ଜିଲାର ୨ଟି ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ୨ଟି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିସହିତ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଆଯିବ। ଏହି ୫ ପ୍ରକଳ୍ପର ଆବଶ୍ୟକ ଜଳକୁ ଖରସ୍ରୋତାରେ ଏକ ବ୍ୟାରେଜ ଦ୍ୱାରା ଅଟକାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନ ହେଉଛି । ବ୍ୟାରେଜ ପରେ ଉଦବୃତ ଜଳ ଭିତରକନିକାରେ ପହଞ୍ଚାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି । କେବଳ ବ୍ରାହ୍ମଣୀର ସ୍ୱଳ୍ପଧାରା ଭିତରକନିକାର ପ୍ରାକୃତିକ ବିଭବକୁ ବଞ୍ଚାଇବା ସମ୍ଭବ ନୁହେଁ ବୋଲି ପ୍ରାଧ୍ୟାପକ ଜେନା କହିଛନ୍ତି।

# ତାଳଦଣ୍ଡା ମୁଖ୍ୟ କେନାଲରେ ଜଳ ପ୍ରବାହକୁ ନେଇ ଅନିଶ୍ଚିତତା


ତାଳଦଣ୍ଡା କେନାଲର ମଉଗଜପୁରଠାରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି।

**କଟକ ସଦର,୧୭ (ସୁଶାନ୍ତ କୁମାର ଜେନା)**

ଚଳିତବର୍ଷ ଜୁଲାଇ ୧ ତାରିଖ ସୁଦ୍ଧା ବର୍ଷାର ଅଭାବ ଦେଖାଦେଇଛି। ଏହାଛଡ଼ା ଗରମ ଓ ଗୁଳୁଗୁଳି ଲାଗି ରହିଛି। ଗଜା ମରୁଡି ଆଶଙ୍କାରେ କଟକ ସଦର ବ୍ଲକ ସମେତ ଜଗତ୍‌ସିଂହପୁର ଜିଲାର ଚାଷୀମାନେ ଏପର୍ଯ୍ୟନ୍ତ ତଳି ପକାଇବାକୁ ସାହସ କରିପାରୁନାହାନ୍ତି। କାରଣ ଉଭୟ ଅଞ୍ଚଳର ଜଳସେଚନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ତାଳଦଣ୍ଡା ମୁଖ୍ୟ କେନାଲରେ ଜଳ ପ୍ରବାହକୁ ନେଇ ଅନିଶ୍ଚିତତା ଲାଗିରହିଛି। ଯୋବ୍ରା ଆନିକଟଠାରୁ ବିରିବାଟୀ ମଧ୍ୟରେ ଥିବା ମୁଖ୍ୟ କେନାଲର ୧୨ କିମି ଅଂଶରେ ୫ଟି ପୋଲ, ମଉଗଜପୁରଠାରେ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ପାଣି ଛାଡ଼ିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ଜଳସମ୍ପଦ ବିଭାଗକୁ ଦିଆଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ମହାନଦୀ ଦକ୍ଷିଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ରାଜେଶ କୁମାର ମହାନ୍ତି ବାରମ୍ବାର ପୂର୍ତ୍ତ ବିଭାଗକୁ ପତ୍ର ଲେଖିଥିଲେ ମଧ୍ୟ କେନାଲ ଶଯ୍ୟାରେ ପଡ଼ିଥିବା ନିର୍ମାଣ ସାମଗ୍ରୀକୁ ଉଠାଯାଇନାହିଁ। ୨୦୨୨ ଡିସେମ୍ବର ୧ରୁ ୫ଟି ପୋଲ ନିର୍ମାଣ ସହ କେନାଲ ବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇଥିବାରୁ ଜଳପ୍ରବାହ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଚାଉଳିଆଗଞ୍ଜ, କଣ୍ଟିଲୋ, ଡିହସାହି, ମଉଗଜପୁର, ବିରିବାଟୀଠାରେ ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ ବିନା ଏନ୍‌ଓସିରେ ପାଣି ଛଡାଗଲେ ଠିକା ସଂସ୍ଥା କେସ୍ କରିବା ସମ୍ଭାବନା ରହିଛି। ଜୁନ୍ ପ୍ରଥମ ସପ୍ତାହରୁ କେନାଲ ଶଯ୍ୟା ସଫା ପାଇଁ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି କହିଛନ୍ତି। ହେଲେ ଏ ନେଇ କଟକସ୍ଥିତ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ଡିଜେ ଶବ୍ଦରେ ସହରବାସୀ ଅତିଷ୍ଠ

**କେନ୍ଦ୍ରାପଡ଼ା,୧୭ (ଜଗନ୍ନାଥ ଧଳ)**

ଡିଜେ ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରେ ଏହାର ପାଳନ ହେଉନାହିଁ । ବିଭିନ୍ନ ରାଜନୈତିକ, ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟ ସମୟରେ ବାହାରୁଥିବା ଶୋଭାଯାତ୍ରାରେ ଡିଜେର ଉଚ୍ଚଶବ୍ଦରେ ସହର ପ୍ରକମ୍ପିତ ହେଉଛି । ସହରବାସୀଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି । କ୍ରମବର୍ଦ୍ଧିଷ୍ଣୁ ପଟ୍ଟାମୁଣ୍ଡାଇ ସହରରେ ବିଭିନ୍ନ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟର ମାହୋଲ ଦେଖିବାକୁ ମିଳୁଛି । ମାସର ଅଧିକାଂଶ ସମୟରେ କିଛି ନା କିଛି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ସହରରେ ୧୦ଟିରୁ ଉର୍ଦ୍ଧ୍ୱ ବିଭିନ୍ନ ମଣ୍ଡପ ରହିଛି । ଏଥିସହିତ ୫ରୁ ଉର୍ଦ୍ଧ୍ୱ ମନ୍ଦିରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଲୋକମାନେ ବିଭିନ୍ନ ସଭାସମିତି, ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମ ପାଇଁ ମଣ୍ଡପ ଓ ମନ୍ଦିରଗୁଡିକ ଉପରେ ନିର୍ଭର କରୁଛନ୍ତି। ତେବେ ନିର୍ଦ୍ଦିଷ୍ଟ ମଣ୍ଡପ ଓ ମନ୍ଦିରରେ ପହଞ୍ଚିବା ପୂର୍ବରୁ ଲୋକମାନେ ବାଜା ବାଣ ରୋଷଣୀରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିବା ଏକପ୍ରକାର ପରମ୍ପରାରେ ପରିଣତ ହୋଇଗଲାଣି। ତେବେ ୬୫ ଡିସେମେଲ ଶବ୍ଦରେ ବାଜା କିମ୍ବା ଡାକବାଜି ଯନ୍ତ୍ର ବାଜିବା ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପଟ୍ଟାମୁଣ୍ଡାଇରେ କାର୍ଯ୍ୟକାରୀ ହେଉନାହିଁ। ଶୋଭାଯାତ୍ରା ସମୟରେ ଯେ ଯେପରି ଚାହିଁଲେ ସେତେ ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବିଶେଷ କରି ଡିଜେ ବଜାଇ ସହର ପରିକ୍ରମା କରିବା ମାମୁଲି ଘଟଣାରେ ପରିଣତ ହେଲାଣି । ସହରରେ ରହୁଥିବା ଲୋକମାନେ ଏଭଳି ଉଚ୍ଚ ଶବ୍ଦରେ ଅତିଷ୍ଠ ହୋଇ ପଡୁଥିବା ବେଳେ ବିଦ୍ୟାର୍ଥୀମାନଙ୍କ ପାଇଁ ଏହା ପାଠପଢାରେ ସମସ୍ୟା ସୃଷ୍ଟି କରୁଛି । ଅନ୍ୟପକ୍ଷେ ବୃଦ୍ଧାବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତି ବିଶେଷକରି ହୃଦ୍‌ରୋଗୀମାନଙ୍କ ପାଇଁ ଅନେକ ସମୟରେ ଡିଜେ ଘାତକ ସାବ୍ୟସ୍ତ ହେଉଛି । ପୁନଶ୍ଚ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳୀରେ ଥିବା ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ରୋଗୀ ସେବାଉପରେ ଏହାର ଗଭୀର ପ୍ରଭାବ ପଡୁଛି । ନବଜାତକଶିଶୁ ଓ ଗର୍ଭବତୀମାନଙ୍କ ଉପରେ ଡିଜେ ବାଜିବା ଦ୍ୱାରା ନକରାତ୍ମକ ପ୍ରଭାବ ପଡୁଥିବା ଡାକ୍ତରମାନେ ମତ ଦେଇଛନ୍ତି। ଏସବୁ ପ୍ରତି ପ୍ରଶାସନର ନିଘା ନ ଥିବା ଭଳି ପ୍ରତୀୟମାନ ହେଉଛି । ଡିଜେ ବାଜା ସହିତ ଉଚ୍ଚ ଶବ୍ଦରେ ବିଭିନ୍ନ ଅଶ୍ଳୀଳସଙ୍ଗୀତ ବାଜୁଥିବାରୁ ସହରର ଭଦ୍ର ପରିବେଶ ନଷ୍ଟ ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ସେ କୁହନ୍ତି, ଏଭଳି ଉଚ୍ଚ ଶବ୍ଦରେ ବାଜା ରୋଷଣୀ ନେଇ ଯାଉଥିବା ଶୋଭାଯାତ୍ରା ଓ ଡିଜେ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ରହିଛି । ଅଭିଯୋଗ ହେଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ**



## ତୈଳ ବିଶୋଧନାଗାର ପକ୍ଷରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ

**ପାରାଦୀପ,୧୭ (ଶରତ ରାଉତ)**

ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଶନିବାର ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏ ନେଇ ଏକ ସଚେତନତା ରଥ ଆରମ୍ଭ କରାଯାଇଛି। ଉକ୍ତ ରଥ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ସଚେତନ କରିବ ବୋଲି କୁହାଯାଇଛି। ଏହାକୁ ତୈଳ ବିଶୋଧନାଗାର ପ୍ରମୁଖ ମୁକେଶ ମୋହନ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମସ୍ତ କର୍ମଚାରୀ ଶ୍ରମିକଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ ।



ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି ।

## ସାପ କାମୁଡ଼ାରେ ମହିଳା ମୃତ

**ବଡ୍ଡା, ୧୭ (ହରିଶଙ୍କର ପାଢ଼ି)**

ବଡ୍ଡା ଥାନା ବସନ୍ତପୁର ଗାଁରେ ଜଣେ ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି । ଶନିବାର ସକାଳେ ଏହି ଗାଁର ସୁକାନ୍ତ ହେମ୍ବ୍ରମଙ୍କ ସ୍ତ୍ରୀ ଚିତ୍ରାଙ୍କୁ ଘରେ ଏକ ନାଗ ସାପ କାମୁଡ଼ି ଦେଇଥିଲା। ଏହାପରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଡ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କୋହଳ ଦଫା ଲଗାଇ ମାମଲାକୁ ଦୁର୍ବଳ କରୁଛି ପୋଲିସ

**ରଘୁନାଥପୁର,୧୭ (ରାଜେନ୍ଦ୍ର ନାରାୟଣ ସିଂହ)**

**ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

- ମୁଖ୍ୟ ଅଭିଯୁକ୍ତଙ୍କ ନାମ କାଟିବାକୁ କୁହାଯାଇଛି
- ପର ଘରେ ଆଶ୍ରୟ ନେଇଛନ୍ତି ବୃଦ୍ଧ ଦମ୍ପତି

ରଘୁନାଥପୁର ଥାନା କୋଟକଣା ଗ୍ରାମର ଶରତ ଚନ୍ଦ୍ର ସ୍ୱାଇଁ(୭୫)ଙ୍କୁ ଜୁନ ୧୫ରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ସମ୍ପର୍କରେ ସ୍ତ୍ରୀ ସରୋଜିନୀ ରଘୁନାଥପୁର ଥାନାରେ ପୁତୁରା କୃତ୍ତିବାସ ସ୍ୱାଇଁଙ୍କ ସହାୟତାରେ ଅଭିଯୋଗ କରିଥିଲେ । ମାତ୍ର ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇ ଦେବା ସହ ଅନ୍ୟ ୨ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇଛି ବୋଲି ସ୍ତ୍ରୀ ସରୋଜିନୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେ ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି। ଇତିମଧ୍ୟରେ ୧୪ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳୁ ନାହିଁ ବୋଲି ସରୋଜିନୀ କହିଛନ୍ତି। ଜୀବନରୁ ମାରିଦେବାକୁ ଧମକ ମିଳିଥିବାରୁ ସରୋଜିନୀ ପରଘରେ ଆଶ୍ରୟ ନେଇଥିବାବେଳେ ସ୍ୱାମୀ ଶରତ ଝିଅଘରେ ରହି ଚିକିତ୍ସିତ ହେଉଛନ୍ତି।

ସରୋଜିନୀଙ୍କ କହିବା ଅନୁଯାୟୀ, ପୁଅ ମନୋଜଙ୍କ ମୃତ୍ୟୁ ପରେ ବୋହୂ ବିଭିନ୍ନ ସମୟରେ ସେମାନଙ୍କୁ ହଇରାଣ କରୁଥିଲେ । ଏପରିକି ଶ୍ୱଶୁର ପାଇଥିବା ଇନ୍ଦିରା ଆବାସ ଘରେ ବୋହୂ ରହୁଥିବା ବେଳେ ସରୋଜିନୀ ଓ ଶଙ୍କର ଏକ ଭଗ୍ନ ଚାଳଘରେ ରହୁଥିଲେ। ବୃଦ୍ଧ ଦମ୍ପତି ଉକ୍ତ ଘରକୁ ଛପର କରିବାକୁ ଉଦ୍ୟମ କରିବାରୁ ସେମାନଙ୍କୁ ଧମକ ଦିଆଯାଇ ଏହା କରିବାକୁ ଦିଆଯାଇ ନ ଥିଲା। ଫଳରେ ସେମାନେ ପଡ଼ୋଶୀ ମିନତୀ ପୃଷ୍ଟିଙ୍କ ଘରେ ରହିବାକୁ ବାଧ୍ୟ ହୋଇଥିଲେ। ଗତ ରଜ ସଂକ୍ରାନ୍ତିରେ ସକାଳୁ ବୋହୂ ଓ ବୋହୂର ଭାଇ ସଞ୍ଜୟ ରାଉତ ଓ ବାପା ଘନିଆ ରାଉତ ମିଳିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଶରତଙ୍କୁ ଘୋଷାଡ଼ି ତାଙ୍କ ଉପରେ ଚଢ଼ିଯିବା ସହ ମୁଣ୍ଡକୁ କଂକ୍ରିଟ୍ ରାସ୍ତାରେ ଛେଚି ଦେଇଥିଲେ।

ଏହାଦେଖି ସରୋଜିନୀ ଚିତ୍କାର କରି ଡାକିବାରୁ ବୋହୂ ତାଙ୍କୁ ମାରିଥିଲେ ବୋଲି ଏସପିଙ୍କୁ ଦେଇଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ଥାନାରେ ବୃଦ୍ଧ ଦମ୍ପତି ୩ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ବୋହୂଙ୍କ ନାମ ଅଭିଯୋଗରୁ କାଟି ଦେବା ପାଇଁ କହିଥିଲେ ବୋଲି ସରୋଜିନୀ ଓ ସାଙ୍ଗରେ ଯାଇଥିବା ପୁତୁରା କୃତ୍ତିବାସ ଅଭିଯୋଗ କରିଛନ୍ତି। ଏହାଛଡା ଜଣେ ବୃଦ୍ଧଙ୍କ ମୁଣ୍ଡକୁ ରାସ୍ତାରେ ଛେଚି ମାରିଦେବା ପାଇଁ ଉଦ୍ୟମ କରାଯାଇଥିବାବେଳେ ପୋଲିସ ୩୦୭ ଦଫା ନ ଲଗାଇ ମାମଲା (ନଂ. ୧୭୦/୨୩) ରୁଜୁ କରିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ବିଜୟ କୁମାର ବାରିକ, ରଞ୍ଜନ କୁମାର ସ୍ୱାଇଁ, ଶମ୍ଭୁନାଥ ଜେନା, ସରୋଜ ସ୍ୱାଇଁ ଓ ମିନତୀ ପୃଷ୍ଟି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ପଚାରିବାରେ, ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତଙ୍କ ନାମରେ ମାମଲା କରାଯାଇଛି। ତଦନ୍ତ ସମୟରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କ ନାମ ମଧ୍ୟ ଯୋଡାଯାଇପାରିବ। ଏହାଛଡା ବୃଦ୍ଧ ଦମ୍ପତିଙ୍କୁ ଆହତ ସମ୍ପର୍କିତ ରିପୋର୍ଟ ଦେବାକୁ କୁହାଯାଇଛି। ଏହାପରେ ଅଧିକ ଦଫା ମଧ୍ୟ ଲଗାଯାଇପାରିବ ବୋଲି ଆଇଆଇସି ସେଠୀ ପ୍ରକାଶ କରିଛନ୍ତି।

# ହିତାଧିକାରୀଙ୍କୁ ୩ ମାସର ରାଶନ ସାମଗ୍ରୀ ମିଳିନି

**ମହାକାଳପଡ଼ା,୧୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଳିପାଳ ପଞ୍ଚାୟତ ପାତ୍ରଗଡ, ସିଚନପୁର, ବଳିପାଳ ଗ୍ରାମର କେତେଜଣ ରାଶନ କାର୍ଡ ହିତାଧିକାରୀଙ୍କୁ ୩ମାସର ଚାଉଳ ମିଳି ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଶନିବାର ସମ୍ପୃକ୍ତ ହିତାଧିକାରୀମାନେ ପଞ୍ଚାୟତ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନ୍ୟାୟ ଦାବି କରିଛନ୍ତି । ଉପରୋକ୍ତ ଅଞ୍ଚଳର ରିଟେଲର ଠିକ ଭାବେ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ହିତାଧିକାରୀମାନେ କହିଛନ୍ତି, ଆମକୁ ରିଟେଲର ସାମଗ୍ରୀ ବଣ୍ଟନ ନ କରି ଆଜି ଆସ,କାଲି ଆସ କହି ଦିନ ଗଡ଼ାଇ ଚାଲିଛନ୍ତି । କାଳିନ୍ଦୀ ମଲିକ, ପୁରୁଷୋତ୍ତମ ମଲିକ, ହୃଷୀକେଶ ମଲିକ, ନୃସିଂହ ମଲିକ, ଧରଣୀ ମଲିକ, ସୁବାସ ମଲିକ ଓ ବାବୁଲି ମଲିକଙ୍କ ସମେତ ବହୁ ହିତାଧିକାରୀ ଏନେଇ ଗୁରୁତର ଅଭିଯୋଗ କରିଛନ୍ତି। ଆମକୁ ନ୍ୟାୟ ନ ମିଳିଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।


ହିତାଧିକାରୀମାନେ ପଞ୍ଚାୟତ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

**ପଞ୍ଚାୟତ ଅଫିସ ସମ୍ମୁଖରେ ବିକ୍ଷୋଭ**

ସୂଚନା ଅନୁଯାୟୀ,ଜୁନ୍ ୨୭ରେ ଏହି ପଞ୍ଚାୟତର ବାଲିସାହି, ପୋସେଇ, ଗୋଡ଼ିସାହି ଓ ଜସୁଆପଲ୍ଲୀ ଆଦି ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ରାଶନକାର୍ଡ ହିତାଧିକାରୀଙ୍କୁ ସମ୍ପୃକ୍ତ ରିଟେଲର ୩ ମାସର ରାଶନ ସାମଗ୍ରୀ ବଣ୍ଟନ କରି ନ ଥିବା ଅଭିଯୋଗ ହୋଇଥିଲା । ଏହି ନେଇ ତଦନ୍ତରେ ଆସିଥିବା ଜିଲା ସହକାରୀ ଯୋଗାଣ ଅଧିକାରୀଙ୍କ ଗାଡ଼ି ସାମ୍ନାରେ ଶୋଇ ହିତାଧିକାରୀମାନେ ବାବୁ ଆମକୁ ଆମ ଚାଉଳ ଦିଅ ବୋଲି ଏକ ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଥିଲେ। ଏହାର ୪ ଦିନ ପରେ ଏହି ପଞ୍ଚାୟତରୁ ଆସିଛି ଏପରି ସଙ୍ଗୀନ ଅଭିଯୋଗ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ କୁହନ୍ତି, ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ରିଟେଲରଙ୍କ ବିରୋକ୍ଷରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

# ଆବାସ ଯୋଜନା ଘର ପାଇଁ ରାସ୍ତାରୋକୋ

ଫୁଲବାଣୀ, ୧୭(ରାକେଶ କୁମାର ରାଉତ )



ଘର ପାଇଁ ଜଣେ ହିତାଧିକାରୀ ପରିବାର ସହ ରାସ୍ତାରେ ଧାରଣା ଦେଇଛନ୍ତି।

ପ୍ରକୃତ ଗରୀବ ହିତାଧିକାରୀ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ ପଡୁଛନ୍ତି। ଥିବା ଲୋକଙ୍କୁ ଆବାସ ଗୃହ ମିଳୁଛି। ଏହାର ପ୍ରତିବାଦରେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଆବାସ ଯୋଜନାରେ ବଞ୍ଚିତ ଜଣେ ହିତାଧିକାରୀ ପରିବାର ସହ ରାସ୍ତାରୋକୋ କରିଛନ୍ତି। ଗତ କିଛି ଦିନ ତଳେ ସରକାର ପ୍ରଧାନ ମନ୍ତ୍ରୀ ଅବାସ ଯୋଜନାରେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଡିଣ୍ଡିରା ଗାଁ ପଞ୍ଚାୟତରେ ସମୁଦାୟ ୭୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ପଞ୍ଚାୟତର ବନ୍ଧସାହିରେ ରହୁଥିବା ସୁନିଲ କୁମାର ନାଏକ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଘର ଖଣ୍ଡେ ପାଇବା ପାଇଁ ବହୁ ବାର ଆବେଦନ କରି ଆସୁଥିଲେ ମଧ୍ୟ ତାଲିକାରୁ ବାଦ ପଡ଼ିଛନ୍ତି। ଏହାର ପ୍ରତିବାଦରେ ସୁନିଲ ଓ ତାଙ୍କ ପରିବାର ଶନିବାର ସକାଳ ଆଠଟାରୁ ୧୧ଟା ପର୍ଯ୍ୟନ୍ତ ଫୁଲବାଣୀ–ଫିରିଙ୍ଗିଆ ମୁଖ୍ୟରାସ୍ତାର ଡିଣ୍ଡିରା ଗାଁ ସ୍କୁଲ ନିକଟରେ ବସି ରହିଥିଲେ। ଫଳରେ ଦୀର୍ଘ ତିନିଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଯିବା ଆସିବା କରୁଥିବା ଗାଡି ସବୁ ଅଟକି ରହିଥିଲା। ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀ ପରିବାର ରାସ୍ତାରୋକରୁ ହଟିଥିଲେ । ହିତାଧିକାରୀ ସୁନିଲ କୁହନ୍ତି ମୁଁ ଜଣେ ଗରିବ ଶ୍ରେଣୀର, ଦିନ ମଜୁରି କରି ପରିବାର ପ୍ରତିପୋଷଣ କରିଆସୁଛି । ଏକ ଭଙ୍ଗା ଦଦରା ଖଟିମାଟି କୁଟିଆରେ ପରିବାର ସହ ପଲିଥିନ ଟାଣି ରହୁଛି। ବହୁ ଆସୁବିଧାରେ ପରିବାର ସହ ରହୁଥିବା ସତ୍ତ୍ୱେ ମୋତେ ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ। ଅନେକ ହିତାଧିକାରୀଙ୍କ ପକ୍କା ଘର ଥାଇ ମଧ୍ୟ ସେମାନଙ୍କୁ ଘର ଦିଆଯାଇଛି। ଏପରିକି ଗୋଟିଏ ପରିବାରର ଏକାଧିକ ଲୋକଙ୍କୁ ଆବସ ଯୋଜନାରେ ସାମିଲ କରାଯାଇ ଘର ଦିଆଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଝୁଲିଲତା ସାହୁଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ କହିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କୁ ପଚାରିବାରୁ ୨୦୧୩/୧୪ ଆର୍ଥିକ ବର୍ଷରେ ସମ୍ପୃକ୍ତ ହିତାଧିକାରୀଙ୍କ ମାଙ୍କ ନାଁରେ ଆବାସ ଯୋଜନାରେ ଏକ ଘର ମିଳିସାରିଥିବାରୁ ତାଙ୍କ ନା ତାଲିକାରୁ ବାଦ ପଡିଥିବା କହିଛନ୍ତି। ତେବେ ଆଗାମୀ ଦିନରେ ସମ୍ପୃକ୍ତ ହିତାଧିକରୀଙ୍କୁ ଏକ ଘର ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୧୭(ପ୍ରଶାନ୍ତ ମିଶ୍ର):ଗଞ୍ଜାମ ଜିଲାର ସର୍ବପ୍ରାଚୀନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ଏକ ଅବସରକାଳୀନ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାସଙ୍ଗେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିମଳ ପ୍ରସାଦ ସାହୁଙ୍କ ଚାକିରୀ ଅବଧି ପୂର୍ଣ୍ଣ ହେଉଥିବା ବେଳେ କାର୍ଯ୍ୟାଳୟର ବରିଷ୍ଠ କିରାଣି ସନ୍ତୋଷ କୁମାର ବିଷୋୟୀଙ୍କ ମଧ ଥିଲା ଚାକିରୀ ଜୀବନର ଅନ୍ତିମ ଦିବସ। ଏହି ଅବସରରେ ମହାବିଦ୍ୟାଳୟର ଉଭୟ ଶିକ୍ଷକ ଓ ଅଣଶିକ୍ଷକଙ୍କ ମିଳିତସଂଘ ତରଫରୁ ମହାବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ କକ୍ଷରେ ଏକ ବିଦାୟ ଉତ୍ସବ ଆୟୋଜନ କରାଯାଇଥିଲା। ରସାୟନ ବିଜ୍ଞାନ ବିଭାଗର ପ୍ରାଧାପକ ଡା ସୁରେନ୍ଦ୍ର ସ୍ୱାଇଁ ଏହି ସଭାରେ ସଭାପତି ଭୂମିକା ତୁଲାଇଥିଲେ। ସମ୍ପାଦକ ତ୍ରିନାଥ ସାହୁ ଦିବସର ଆଭିମୁଖ୍ୟ ସମ୍ପର୍କରେ ସାମାନ୍ୟ ସୂଚନା ଦେଇଥିଲେ। ମାନପତ୍ର ଓ ଉପଢ଼ୌକନ ଦେଇ ଡକ୍ଟର ସାହୁ ଏବଂ ବିଷୋୟୀଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ପରିଚାଳନା ସହସମ୍ପାଦକ କାମେଶ୍ୱର ସାହୁ କରିଥିବା ବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପିକା ଫାଲଗୁନୀ ହେମ୍ବ୍ରମ। ନୂତନ ଅଧକ୍ଷ ପଦବୀରେ ଡକ୍ଟର ସୁରେନ୍ଦ୍ର ସ୍ୱାଇଁ ଅବସ୍ଥାପିତ ହୋଇଥିବାବେଳେ କାର୍ଯ୍ୟାଳୟର ଭାର ରାଜୀବ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଗୁଡା,୧୭(ସଞ୍ଜୟ କୁମାର ପାଣିଗ୍ରାହୀ)- ବାଲିଗୁଡା ବ୍ଲକ ବାଟାଗୁଡ଼ା ପଞ୍ଚାୟତ ପୁଷାଙ୍ଗିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସର ଓ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ କୁମାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରାଧିକା ପ୍ରଧାନ ଅବସର ଗ୍ରହଣ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ କୁନ୍ତଳା କହଁର ବଦଳି ହୋଇ ଅନ୍ୟ ବିଦ୍ୟାଳୟକୁ ଚାଲିଯାଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶୀଧର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସିଆରସିସି ଚନ୍ଦ୍ରଭାନୁ ଭୋଇ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଉତ୍କଳ କେଶରୀ ବିବବାର ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ତରଫରୁ ଦୁଇ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟର ଗାୟତ୍ରୀ ମଲ୍ଲିକ, ତନୁଶ୍ରୀ ସାହୁ, ବିଦ୍ୟୁତ ପ୍ରଭା ନାୟକ, ସୌଦାମିନୀ ସାହୁ, ଅଶୋକ ପଟ୍ଟନାୟକ, ବିଦ୍ୟୁତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା ଦିବସ

ଆସିକା,୧୭ (ସୁରେନ୍ଦ୍ର ନାଥ ସାହୁ): ଆସିକା କଳିଙ୍ଗା ରୋଡସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ଷ୍ଟେଟ ବ୍ୟାଙ୍କର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ଏତଦ ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ। ଜ୍ୟୋତ୍ସ୍ନାରାଣୀ ମହାରଣା ଏହି ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ପେନସନଧାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡାକ୍ତର ବିଜୟ କୁମାର ଭୂୟାଁ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶାଖାର ମୁଖ୍ୟ ପରିଚାଳକ ବୈକୁଣ୍ଠ ଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହପରିଚାଳକ ସୀତାରକାନ୍ତ ବେହେରା ଓ ୟୁନିଟ ସେକ୍ରେଟାରୀ ଚନ୍ଦ୍ରମଣି ପ୍ରଧାନ ଶିବିର ପରିଚାଳନା କରିଥିଲେ ।

# ମାଟି ତଳୁ ବାହାରିଲା ଶିବଲିଙ୍ଗ

ମୋହନା,୧୭(ମନ୍ମଥ ମିଶ୍ର)


ଶିବଲିଙ୍ଗ

ଗଜପତି ଜିଲା ମୋହନା ବ୍ଲକ ମୁଡୁମୁଡିଆ ଗ୍ରାମରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ରାମୀମୀରା ପାହାଡ଼ ନିକଟସ୍ଥ ମାଟିତଳୁ ଏକ ଶିବଲିଙ୍ଗ ଆବିର୍ଭାବ ହୋଇଛି। ଗ୍ରାମବାସୀଙ୍କ ସୂଚନା ପ୍ରକାରେ କିଛି ଦିନଧରି ରାମଗିରି ଅଞ୍ଚଳର ଜଣେ ମାଳି ମୁଡୁମୁଡିଆ ଆସି ରାମୀମୀରା ପାହାଡ଼ ନିକଟରେ ଥିବା ଏକ ଉଇହୁଙ୍କା ନିକଟରେ ପୂଜାର୍ଚ୍ଚନା କରିବା ସହ ଗ୍ରାମବାସୀଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ସେବେଠାରୁ ଲୋକେ ସେହି ସ୍ଥାନରେ ପୂଜାର୍ଚ୍ଚନା କରୁଥିଲେ। ତେବେ ଗତ ବୁଧବାର ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡା ଯାତ୍ରା ରାତିରେ ଗ୍ରାମର ରୋହିତ ନାୟକଙ୍କୁ ରାତିରେ ସ୍ୱପ୍ନାଦେଶ ହୋଇଥିଲା। ସ୍ୱପ୍ନରେ ଜଣେ ବୃଦ୍ଧ ତାଙ୍କୁ ଉଠେଇବା ସହ ଉକ୍ତ ପାହାଡ଼ର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶିବଲିଙ୍ଗ ଥିବା କହିଥିଲେ। ସ୍ୱପ୍ନାଦେଶ ପ୍ରକାରେ ରୋହିତ ପରଦିନ ଭୋର ସମୟରେ ଉକ୍ତ ସ୍ଥାନକୁ ଯିବା ସହ ସେଠାରେ ଏକ ନାଗ ସାପ ଦେଖିଥିଲେ। ସାତଜଣ ଅବିବାହିତ ଝିଅଙ୍କୁ ଦ୍ୱାରା ସାତ ଗରା ପାଣି ଉକ୍ତ ସ୍ଥାନରେ ଅଭିଷେକ କରିଥିଲେ। ଏହାପରେ ସେଠାରେ ବୃଷଭ ସଦୃଶ ଶିବଙ୍କର ଲିଙ୍ଗ ଦୃଶ୍ୟମାନ ହୋଇଥିଲା। ଉକ୍ତ ପୀଠକୁ ମୁକ୍ତେଶ୍ୱର ମହାଦେବ ଭାବେ ନାମକରଣ କରାଯାଇଛି। ଆଖପାଖ ଅଞ୍ଚଳର ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି।

# ଆସିକା କଲେଜରେ ବାସୁଦେବ ଟପ୍ପର

## ଯୁକ୍ତ ୩ ସ୍ନାତକ ପରୀକ୍ଷା

ଆସିକା,୧୭ (ସୁରେନ୍ଦ୍ର ନାଥ ସାହୁ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ଟପ୍ପର ତାଲିକାରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ପ୍ରଥମ ଦଶ ଜଣଙ୍କ ମଧ୍ୟରେ ୧୧ଜଣ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଥମ ସ୍ଥାନରେ ୯୧.୫୭ ପ୍ରତିଶତ ମାର୍କ ରଖି ଏ. ବାସୁଦେବ ପାତ୍ର ଟପ୍ପର ହୋଇଥିଲା ବେଳେ ଦ୍ୱିତୀୟ ସ୍ଥାନରେ ପ୍ରତିଭା ନାହାକ, ତୃତୀୟ ସ୍ଥାନରେ ଉମାଦେବୀ ବିଷୋୟୀ, ଚତୁର୍ଥ ସ୍ଥାନରେ ଜସ୍ମିନ ରାଉତ, ପଞ୍ଚମ ସ୍ଥାନରେ ସୁଜ୍ଞାନୀ ନାହାକ, ଷଷ୍ଠ ସ୍ଥାନରେ ତାରିଣୀ ଚରଣ ସ୍ୱାଇଁ ଏବଂ ନିବେଦିତା ଗୌଡ଼, ସପ୍ତମ ସ୍ଥାନରେ ସୁଶାନ୍ତ ପାତ୍ର, ଅଷ୍ଟମ ସ୍ଥାନରେ ଅର୍କେଶ କୁମାର ଶତପଥୀ, ନବମ ସ୍ଥାନରେ ଶୁଭମ କାମ୍ପ ଏବଂ ଦଶମ ସ୍ଥାନରେ ଦୁର୍ଗାମାଧବ ପାଢୀ ରହିଥିବା ଜଣାପଡିଛି । ବାସୁଦେବ ଆସିକା ବ୍ଲକ ଗୋଲାପଲ୍ଲୀ ଗ୍ରାମର ଏ. ଭୀମ ପାତ୍ର ଓ ସାବିତ୍ରୀ ପାତ୍ରଙ୍କ ସନ୍ତାନ। ସୂଚନା ଯୋଗ୍ୟ, ଗତ ୧୩ ବର୍ଷ ଧରି ବିଶ୍ୱବିଦ୍ୟାଳୟ ସ୍ତରରେ ହିନ୍ଦୀ ବିଭାଗର ଟପ୍ପର ତାଲିକାରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ରେକର୍ଡ ସୃଷ୍ଟି କରି ଆସିଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ଲାଗି ମହାବିଦ୍ୟାଳୟ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଏବଂ ହିନ୍ଦୀ ବିଭାଗର ଅଧାପକ ରାଜେଶ କୁମାର ସାହୁ, ଅଧାପିକା ଜିନିତ ସବା, ଅଧାପିକା କୁନିକା ଦାସଙ୍କୁ ଶ୍ରେୟ ଅର୍ପଣ କରିଛନ୍ତି। ଏତଦ ବ୍ୟତୀତ ଏହି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବାଂଛାନିଧି ଶବର ଚତୁର୍ଥ ସ୍ଥାନ ଏବଂ ସ୍ମିତା ମହାନ୍ତି ଷଷ୍ଠ ସ୍ଥାନରେ ରହିଥିବା ବେଳେ ଇଂଲିଶ ବିଭାଗର ଦେବାଶିଷ ଜେନା ଦ୍ୱିତୀୟ ସ୍ଥାନରେ ଏବଂ ବାଣିଜ୍ୟ ବିଭାଗର ପ୍ରଦୀପ୍ତ ରଞ୍ଜନ ପାଢୀ ବିଶ୍ୱବିଦ୍ୟାଳୟ ସ୍ତରରେ ଦଶମ ସ୍ଥାନରେ ରହିଛନ୍ତି।

# 'ମଣିଷ ଚିହ୍ନିବା ବାକି ରହିଛି' ମଞ୍ଚସ୍ଥ

ବୁଗୁଡା,୧୭(କାଳି ଚରଣ ଦାଶ)


ନାଟକର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

ସ୍ଥାନୀୟ ନିକୁଞ୍ଜ ମୋହନ ଯୁବକ ସଂଘ ପକ୍ଷରୁ ପବିତ୍ର ଏକାଦଶୀ ଉପଲକ୍ଷେ ଗୁରୁବାର ରାତିରେ ବଡଦାଣ୍ଡଠାରେ ସାମାଜିକ ନାଟକ ମଣିଷ ଚିହ୍ନିବା ବାକିରହିଛି ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥ ତଥା ଉଦ୍‌ଘାଟକ ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, କେ.ତ୍ରିଲୋଚନ ଦୋରା, ନୀଳ ମାଧବ ଆଚାରୀ, ମଦନ ଗୋପାଳ ଦୋରାଙ୍କ ସମେତ ସମେତ ଏନ୍‌ଏସି କାଉନସିଲରବୃନ୍ଦ ଯୋଗ ଦେଇ ନାଟ୍ୟ କଳାକାର ଏବଂ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ନାଟ୍ୟକାର ଧ୍ରୁବ ଚରଣ ଖୁଣ୍ଟିଆଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବାବୁନି ପାତ୍ରଙ୍କ ଦ୍ୱାରା ପରିଚାଳିତ ଉକ୍ତ ନାଟକର ପୁରୁଷ ଭୂମିକାରେ ହରି, ଶିବ, ଶମ୍ଭୁ, ଜଗା, ଗଣେଶ, ଶ୍ରୀତମ, ମହେଶ୍ୱର, ତପନ, ଦେବବାବୁ ଏବଂ ନାରୀ ଚରିତ୍ରରେ ଝୁମୁରୀ, ଖୁସି, ମିତା, ହେନା, ଉଷା ପ୍ରମୁଖ ଅଭିନୟ କରିଥିବା ବେଳେ ଦର୍ଶକ ନାଟକଟିକୁ ମନଭରି ଉପଭୋଗ କରିଥିଲେ।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧରାକୋଟ,୧୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକର ଓଳମ୍ବସ୍ଥିତ ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶିଶିର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧରାକୋଟ ଏବିଇଓ ଓ ଉମାଚରଣ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଗୁଗୁମୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଚିରାଓ ଦୋରା, ସମ୍ମାନିତ ଅତିଥି ଭାବେ ଅବସରପାପ୍ରାପ୍ତ ଶିକ୍ଷକ ଗୋପାଳକୃଷ୍ଣ ସ୍ୱାଇଁ, ପୂର୍ବତନ ସଭାପତି ସୁଧାକର ସ୍ୱାଇଁ, ପୂର୍ବତନ ସମ୍ପାଦକ ପ୍ରସନ୍ନ ସ୍ୱାଇଁ ଯୋଗଦେଇ ଥିଲେ। ଏହି ଅବସରରେ ଅତିଥିମାନେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିଶାକର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓ କ୍ରୀଡ଼ା ଶିକ୍ଷକ ମଙ୍ଗୁଲୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ମହୋତ୍ସବ ସପ୍ତାହ ପାଳିତ

ପାରଳାଖେମୁଣ୍ଡି,୧୭(ଗିରିଧାରୀ ପରିଛା):



ଚାରା ବଣ୍ଟନ ଗାଡ଼ିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ଜିଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶନିବାର ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଜିଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ଉଦଘାଟନ କରିଥିଲେ। ଜନସାଧାରଣ ଉଦ୍ଦେଶ୍ୟରେ ଜିଲା ବନଖଣ୍ଡ ଅଧିକାରୀ ୭ଟି ଚାରା ବଣ୍ଟନ ଗାଡ଼ିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ'କୁ ଆଧାର କରି ୧ ତାରିଖରୁ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣଙ୍କୁ ଗଛ ଲଗାଇବା ପାଇଁ କୁହାଯାଇଛି। ଏହି ଅବସରରେ ଜିଲାର ୪ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ପାରଳାଖେମୁଣ୍ଡି ପାଇଁ ଗୋପାଳ ଚନ୍ଦ୍ର ଶତପଥି, ମୋହନା ବ୍ଲକ ପାଇଁ ପ୍ରେମାନନ୍ଦ ପୂଜାରୀ, ରାୟଗଡ଼ ବ୍ଲକ ପାଇଁ ଏମ.ଭେଙ୍କଟର ଆପାନା ଓ ଗୁମ୍ମା ବ୍ଲକ ପାଇଁ ନାଗେଶ୍ୱର ମହାପାତ୍ରଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କା ରାଶି ପୁରସ୍କୃତ କରାଯାଇଛି। ବୃକ୍ଷ ରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ କରିବା ପାଇଁ ବନଖଣ୍ଡ ଅଧିକାରୀ ଅନୁରୋଧ କରିଛନ୍ତି। ଏହି ଉତ୍ସବରେ ବନ ବିଭାଗର ପାରଳାଖେମୁଣ୍ଡି ଏସିଏଫ ଅରୁଣ କୁମାର ସାହୁ, ବନାଞ୍ଚଳ ଅଧିକାରୀ ଏନ.ଡି.ଶର୍ମା ସମେତ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ରୋଗୀଙ୍କ ପାଇଁ ସାହାଯ୍ୟ ମାଗିଲେ ସାମାଜିକ କର୍ମୀ

ଆର.ଉଦୟଗିରି,୧୭(ମନୋଜ ପାଢ଼ୀ)

ମୋହନା ପଞ୍ଚାୟତ ଭାଲିଆଗୁଡ଼ା ଗ୍ରାମର ପିତର ନାୟକ(୧୮)ଙ୍କ ଦୁର୍ଘଟଣାରେ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ତାଙ୍କ ଗୋଡ଼ରେ ରଡ଼ ପକାଇ ଦିଆଯାଇଥିଲା। ବର୍ତ୍ତମାନ ସେହି ରଡ଼କୁ କାଢ଼ିବା ପାଇଁ ପାଖରେ ଟଙ୍କାଟିଏ ନାହିଁ। ଡାକ୍ତର ଠିକ୍ ଭାବେ ସେହି ହାଡ଼କୁ ଯୋଡି ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି ପରିବାର ଲୋକେ। ସେହି ରଡ଼କୁ ନ କାଢ଼ିବା ଫଳରେ ଗୋଟିଏ ଗୋଡ଼ ପଚିଗଲାଣି। ଯଦି ପିତରଙ୍କୁ ଅତିଶୀଘ୍ର ଡାକ୍ତରଖାନାକୁ ନ ନିଆଯାଏ, ତେବେ ତାଙ୍କର ଗୋଟିଏ ଗୋଡ଼ କାଟିବାକୁ ପଡ଼ିପାରେ। ସାମାଜିକ କର୍ମୀ ଆହ୍ୱାନ ନାୟକ ଡାକ୍ତରଖାନାରେ ପିତରଙ୍କୁ ଭେଟି ତାଙ୍କର ଦୁଃଖ ଶୁଣିଛନ୍ତି। ପ୍ରଶାସନ ପିତରଙ୍କ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଦାବି କରିବା ସହ ସାଧାରଣ ଲୋକଙ୍କୁ ମଧ୍ୟ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବା ପାଇଁ ଆହ୍ୱାନ ଅନୁରୋଧ କରିଛନ୍ତି।

# ୪ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜି.ଉଦୟଗିରି,୧୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକର ବିଭିନ୍ନ ବିଦ୍ୟାଳୟର ୪ ପ୍ରଧାନ ଶିକ୍ଷୟିତ୍ରୀ ଶୁକ୍ରବାର ଅବସର ନେଇଛନ୍ତି। ସେମାନଙ୍କୁ ନିଜ ନିଜ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈକୁଣ୍ଠ ସାହୁ। ଶ୍ରୀରାମପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାମନ୍ତରାୟ, ନନ୍ଦଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁ ନାୟକ, ଡମେଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପାତ୍ର ଓ ସୁଜେଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ନାୟକ ଅବସର ନେଇଛନ୍ତି ବୋଲି ସେ କହିଛନ୍ତି। ସେହିପରି ଦୀର୍ଘଦିନ ଧରି ଜି.ଉଦୟଗିରି ବ୍ଲକରେ ଶିକ୍ଷକତା କରି ବର୍ତ୍ତମାନ ଚକାପାଦ ବ୍ଲକରେ ଏବିଇଓ ଭାବେ ଅବସର ନେଇଥିବା ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ ଜି.ଉଦୟଗିରି ଠାରେ ଶିକ୍ଷକ ଓ ବୁଦ୍ଧିଜୀବୀମାନଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ବେଳେ ଜି.ଉଦୟଗିରି ଏବିଇଓ ବୈକୁଣ୍ଠ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ, ଲୋକନାଥ ବାରିକ, ଗୋଲକ ବିହାରୀ ପଟ୍ଟନାୟକ, ହବାକ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଜୟ ମିଶ୍ର, ଶିକ୍ଷକ ଜିତେନ୍ଦ୍ର ସାମଲ, ଦଣ୍ଡପାଣି ପାଢ଼ୀ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ହବାକ୍ ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ କାଶେନ୍ଦ୍ରି ନାୟକ ଅବସର ନେଇଥିବା ଯୋଗୁ ତାଙ୍କୁ ହବାକ୍ ହାଇସ୍କୁଲ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି ପ୍ରଧାନ ଶିକ୍ଷକ ବିଜୟ ମିଶ୍ର କହିଛନ୍ତି।

# ସର୍ବଭାରତୀୟ ନାଟକ ପ୍ରତିଯୋଗିତା ପାଇଁ ବହିପୂଜା

ଚିକିଟି,୧୭(ପ୍ରକାଶ ଚନ୍ଦ୍ର ସାହୁ)


ବହି ପୂଜା କାର୍ଯ୍ୟକ୍ରମରେ କଳାକାରମାନେ।

ଝାଡଖଣ୍ଡର ଧାନବାଦଠାରେ ଚଳିତ ମାସ ୨୧ରୁ ୨୩ ତାରିଖ ଯାଏ ସର୍ବଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଗଞ୍ଜାମ ଜିଲା ଚିକିଟିଗଡ଼ ଶ୍ରୀଜଗନ୍ନାଥ କଳା ପରିଷଦର କଳାକାରମାନେ ଅଲ ଇଣ୍ଡିଆ ଥିଏଟର କାଉନସିଲର ରାଷ୍ଟ୍ରୀୟ ଉପାଧକ୍ଷ ତଥା ଆଶିଷ ଅଂଶୁମାନ ସୌଖିନ କଳାକାର ସଂଘର ସଭାପତି ରାଜଗୋପାଳ ପାଢ଼ୀଙ୍କ ନେତୃତ୍ୱରେ ଧାନବବାଦରେ ଦିବଂଗତ ନାଟ୍ୟକାର ରଣଜିତ ପଟ୍ଟନାୟକଙ୍କ ରଚିତ ନାଟକ ଉଭା କୁବେର ପୋତା ସପନ ମଞ୍ଚସ୍ଥ କରିବେ। ଏଥିପାଇଁ ଶନିବାର ଚିକିଟି ଗଡ଼ ହନୁମାନ ମନ୍ଦିର ପରିସରରେ ନାଟକ ବହିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଟକରେ ରାମଶଙ୍କର ପଟ୍ଟନାୟକ, ନିଳାଞ୍ଚଳ ପାତ୍ର, ଅଶୋକ ପାଣିଗ୍ରାହୀ, କାହ୍ନୁଚରଣ ଜେନା ଓ ନାଟକର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ରାଜଗୋପାଳ ପାଢ଼ୀ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା ବେଳେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନାରେ ରହିଛନ୍ତି। ବହିପୂଜନ ବେଳେ ନାଟକର ନିର୍ଦ୍ଦେଶକ, ସମସ୍ତ କଳାକାରଙ୍କ ସହ ପ୍ରଦୀପ କୁମାର ପାଣି, ବିଷ୍ଣୁ ପ୍ରସାଦ ପଣ୍ଡା ଓ ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ୨୦ ତାରିଖ କଳାକାର ମାନେ ଧାନବବାଦ ଅଭିମୁଖେ ଗସ୍ତ କରିବେ। ଏହି ଗସ୍ତରେ ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଶତପଥୀ, ସିଏଚ.ଦେବଦାସ, ଶ୍ୟାମ ସୁନ୍ଦର ମହାପାତ୍ର, ନିରୁପାରାଣୀ ପାଢ଼ୀ ଓ ଅଂଶିକା ଅନ୍ୱିତା ପାଢ଼ୀ ପ୍ରମୁଖ ଯାଉଥିବା ଜଣାପଡିଛି।

### ଲିଙ୍ଗାଗଡ଼ ବିଦ୍ୟାଳୟକୁ ଯୁକ୍ତ ୨ କଳା ବିଦ୍ୟାଳୟ ଘୋଷଣା

ଜି.ଉଦୟଗିରି,୧୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ଼ ଗ୍ରାମଠାରେ ରାଜ୍ୟ ସରକାର ୫-ଟି ଉପକ୍ରମରେ ଲିଙ୍ଗାଗଡ଼ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ କଳା ମହାବିଦ୍ୟାଳୟ ଭାବେ ଘୋଷଣା କରିଛନ୍ତି। ଜି.ଉଦୟଗିରି ଅଞ୍ଚଳବାସୀ ବିଧାୟକ ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଙ୍ଗାଗଡ଼ ସରପଞ୍ଚ ଅବୋଲକରା ପ୍ରଧାନ, ଶଶୀ ପ୍ରଧାନ, ବିଜେଡି ଛାତ୍ରନେତା ଛୋଟନ ନାୟକ, ବୁଲୁ ନାୟକ କୃତଜ୍ଞତା ଜଣାଇଛନ୍ତି। କଲେଜରେ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ପ୍ରକ୍ରିୟାରେ ଆଡ୍‌ମିଶନ ଆରମ୍ଭ ହୋଇଛି ବୋଲି ଭାରପ୍ରାପ୍ତ ଅଧକ୍ଷ ନିରାକାର ସୁବୁଦ୍ଧି ସୂଚନା ଦେଇଛନ୍ତି। ରଞ୍ଜନ କୁମାର ଚୌଧୁରୀ ଆଡ୍‌ମିଶନ ଦାୟିତ୍ୱରେ ଅଛନ୍ତି। ଜି.ଉଦୟଗିରି ବ୍ଲକର ଲିଙ୍ଗାଗଡ଼ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ୨ କଳା ଶ୍ରେଣୀ ଖୋଲାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ କହିଛନ୍ତି।

# ନ୍ୟାୟ ଲାଗି ଦ୍ୱାରସ୍ଥ ହେଲେ ନିର୍ଯାତିତ ମହିଳା

ଛତ୍ରପୁର,୧୭(ସନ୍ତୋଷ ପାଢୀ)



ରିନା ଏସପିଙ୍କୁ ଭେଟି ଫେରୁଛନ୍ତି।

ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ ବେତ୍ରାପଲ୍ଲୀ ଗାଁର ଜଣେ ବିବାହିତା ମହିଳାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ସେ ନ୍ୟାୟ ପାଇଁ ଶନିବାର ଛତ୍ରପୁର ଆସି ଗଞ୍ଜାମ ଏସପିଙ୍କୁ ଭେଟି ନ୍ୟାୟ ପାଇଁ ଲିଖିତ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ରିନା ନାହାକଙ୍କୁ ୨୦୧୨ରେ ଜିତେନ୍ଦ୍ର ନାହାକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ସେତେବେଳେ ଦାବି ମୁତାବକ ରିନାଙ୍କ ବାପଘର ଲୋକେ ଯୌତୁକ ଦେଇଥିଲେ। ବିବାହର ୨ ବର୍ଷ ପର ଠାରୁ ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦିଆଯାଇ ଆସୁଥିବା ରିନା ଅଭିଯୋଗ କରିଛନ୍ତି । ଏପରିକି ସେ ବିକଳାଙ୍ଗ ଏବଂ ତାଙ୍କର ଗର୍ଭ ନଷ୍ଟ କରାଯାଇଥିଲା ବୋଲି ସେ କହିଛନ୍ତି । ଏ ସମ୍ପର୍କରେ କୋଦଳା ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସେ ଶେଷରେ ନ୍ୟାୟ ପାଇଁ ତାଙ୍କ ଭାଇଙ୍କ ସହ ଛତ୍ରପୁର ଆସି ଗଞ୍ଜାମ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଏସପିଙ୍କୁ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ଧର୍ମଶାଳା,୧।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଞ୍ଚଳର ୧୧,୫୦୦ ହେକ୍ଟର ଜମିରେ ଚଳିତ ଖରିପ ଋତୁରେ ଧାନଚାଷ କରିବାକୁ ଲକ୍ଷଧାର୍ଯ୍ୟ କରାଯାଇଛି। ମାତ୍ର ମୌସୁମୀ ବାୟୁ ବିଳମ୍ବରେ ପହଞ୍ଚିବା ଓ ଜୁନରେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ବିଲରେ ଧାନ ବୁଣିପାରିନାହାନ୍ତି। ଚାଷୀ ଜୁନ୍‌ରେ ଧାନ ବୁଣିବା ପାଇଁ ବିଲ ପ୍ରସ୍ତୁତ କରିଥାନ୍ତି। ରଜ ପୂର୍ବରୁ ଧାନ ବୁଣା କାର୍ଯ୍ୟ ଶେଷ କରି ରଜଉତ୍ସବ ପାଳିଥାନ୍ତି। ୨୦୨୧ ଜୁନ୍‌ରେ ଏହି ବ୍ଲକରେ ୨୬୮ ମିଲିମିଟର ଓ ୨୦୨୨ରେ ୧୨୨ ମିଲିମିଟର ବର୍ଷା ହୋଇଥିବାବେଳେ ଚଳିତ ବର୍ଷ ଜୁନ୍‌ରେ ମାତ୍ର ୫୯.୫୦ ମିଲିମିଟର ବର୍ଷା ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଚଳିତ ଜୁନ୍‌ରେ ସ୍ୱଳ୍ପ ବର୍ଷା ଯୋଗୁ ଏବେ ଚାଷୀମାନେ କାର୍ଯ୍ୟରେ ଲାଗିଛନ୍ତି। ବ୍ଲକରେ ବିଶେଷ କରି ବିଓଲି ଧାନ ବୁଣାଯାଇ ଏବେ ବିଲ ବଛାଯାଇଥାଏ। ମାତ୍ର ଏବେ ବିଓଲି ବୁଣାକାମ ଚାଲିଛି। ସାରଦ ଧାନ ବୁଣା କାର୍ଯ୍ୟ ସ୍ୱଳ୍ପ ପରିମାଣରେ ଆରମ୍ଭ ହୋଇଛି। ତେବେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବ୍ଲକରେ ଖରିଫ ଧାନ ଚାଷ ବିଳମ୍ବ ହୋଇଥିବାରୁ ଫସଲ ହାନୀ ହେବା ସମ୍ଭାବନା ସୃଷ୍ଟି ହୋଇଛି।

## ପରିବା ଦର ଆକାଶ ଛୁଆଁ

ସିଂହପୁର,୧।୭(ଅନଙ୍ଗ ଉଦୟ ବେଉରିଆ): ପରିବା ଦର ହଠାତ ଆକାଶ ଛୁଆଁ ଯୋଗୁ ଖାଉଟିଙ୍କୁ ଚଡ଼କ ପଡ଼ିଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ସାପ୍ତାହିକ ହାଟରେ ଶନିବାର ବାଇଗଣ କିଲୋ ୬୦, ଟମାଟୋ ୧୦୦, ଝୁଡଙ୍ଗ ୧୦୦, ଭେଣ୍ଡି ୬୦ ଓ ପୋଟଳ ୬୦ ଟଙ୍କା ଦରରେ ବିକ୍ରି କରାଯାଇଛି। ଅନ୍ୟାନ୍ୟ ପରିବା ଦର ମଧ ଚଢ଼ା ରହିଛି। ସେହିପରି ଅଦା ୨୫୦, ରସୁଣ ୧୦୦ ଟଙ୍କା ହୋଇଛି। ଲୋକେ ହାଟରୁ ପରିବା ନେବାକୁ ଡରୁଛନ୍ତି। ଖାଉଟିଙ୍କୁ ପଚାରିଲେ ପ୍ରତି ପରିବା ଏକ କେଜି ବଦଳରେ ଅଧକେଜି ବା ପାଏ ନେବାକୁ ବାଧ ହେଉଛୁ ବୋଲି କହୁଛନ୍ତି। ୫୦୦ ଟଙ୍କାରେ ପରିବା ବ୍ୟାଗ ପୁରୁ ନ ଥିବା ଦେଖାଯାଉଛି। ଏଭଳି ଦର ବୃଦ୍ଧି ଗରିବ, ଖଟିଖିଆ ଓ ମଧବିତ୍ତଙ୍କ ଉପରେ ସିଧା ପ୍ରଭାବ ପକାଇଛି। ତେଣୁ ଦର ବୃଦ୍ଧି ରୋକିବା ସହିତ ଦର ନିର୍ଦ୍ଧାରଣ କରିବାକୁ ସରକାରଙ୍କ ନିକଟରେ ଖାଉଟିମାନେ ଦାବି କରିଛନ୍ତି।

# ଅବହେଳିତ ଦାମୋଦର ବିଦ୍ୟାପୀଠ

କାଏମା,୧।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ପଞ୍ଚାୟତର ଅଚ୍ୟୁତପୁରଠାରେ ଥିବା ଦାମୋଦର ବିଦ୍ୟାପୀଠ ଏବେ ଅବହେଳିତ ଅବସ୍ଥାରେ ରହିଛି।

ସ୍ମାର୍ଟ ସ୍କୁଲ୍ ଯୋଜନାରେ ଏହି ବିଦ୍ୟାପୀଠକୁ ୨୦୨୨ ଜୁନ୍‌ରେ ରୂପାନ୍ତରଣ କରାଯାଇଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ ଉପରେ କାହାର ନଜର ନ ଥିବା ଦେଖିବାକୁ ମିଳିଛି। ପିଲାମାନେ ଜାଣିବା, ଶିଖିବା ଓ ମନେରଖିବା ପାଇଁ ସ୍କୁଲ୍ ପରିସରରେ ଅନେକ ଚିତ୍ର ଅଙ୍କାଯାଇଛି। ବିଦ୍ୟାପୀଠ ପାଚେରିରେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋଚିତ୍ର ରହିଛି। କିନ୍ତୁ ଅନାବନା ଗଛ ମାଡ଼ିଯିବାରୁ ସେମାନଙ୍କ ଚିତ୍ର ଧୀରେ ଧୀରେ ଲୁଚିଯିବାକୁ ବସିଲାଣି। ବିଦ୍ୟାପୀଠ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ବର୍ଷା ଟିକେ ହେଲେ ବିଦ୍ୟାପୀଠ ଆଗରେ ଦୀର୍ଘଦିନ ଧରି ପାଣି ଜମି ରହୁଛି। ଫଳରେ ବିଦ୍ୟାପୀଠ ପରିସରରେ ମଶାମାଛି ବଂଶ ବୃଦ୍ଧି ପାଉଛି। ଏବେ ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ବଢୁଥିବାରୁ ପିଲାଙ୍କ ପ୍ରତି ଭୟ ସୃଷ୍ଟି ହୋଇଛି। ଏହି ବିଦ୍ୟାପୀଠଟି ମୁଖ୍ୟତଃ ଜାରକାରୁ କାଏମା ରାସ୍ତାର ପାର୍ଶ୍ୱରେ ହୋଇଥିବାରୁ ରାସ୍ତାଦେଇ ଅନେକ ପଥିକ, ଛୋଟ ପିଲା ଓ କଲେଜ ପିଲା ଯାତାୟାତ କରିଥାନ୍ତି। ସମସ୍ତଙ୍କ ନଜର ବିଦ୍ୟାପୀଠ ଉପରେ ପଡ଼େ। କିନ୍ତୁ ବିଦ୍ୟାପୀଠ ପରିବେଶ ଏତେ ଅପରିଷ୍କାର ଥାଇ ମଧ କର୍ତ୍ତୃପକ୍ଷଙ୍କ ନଜର ନ ପଡ଼ିବା ଆଲୋଚନାର ବିଷୟ ହୋଇଛି। ତେଣୁ ଏହାର ତୁରନ୍ତ ରକ୍ଷଣାବେକ୍ଷଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଦାମୋଦର ବିଦ୍ୟାପୀଠ ପାଚେରିରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋଚିତ୍ରରେ ଅନାବନା ଗଛ ମାଡ଼ିଯାଇଛି।

# ଆବାସ, ମୋ ଘର କାର୍ଯ୍ୟରେ ଅଗ୍ରଗତି

ଧର୍ମଶାଳା,୧।୭(ବଟକୃଷ୍ଣ ପରିଡ଼ା):

ପ୍ରଧାନମନ୍ତ୍ରୀ ଆବାସ ଓ ମୋ ଘର ଯୋଜନା କାର୍ଯ୍ୟ ଧର୍ମଶାଳା ବ୍ଲକରେ ଅଗ୍ରଗତି କରିଛି। ଆବାସ ଯୋଜନାରେ ବ୍ଲକ୍‌କୁ ଚଳିତ ବର୍ଷ ୩୧୫୯ ଗୃହ ଯୋଗାଇ ଦେବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ବ୍ଲକର ୪୫ ପଞ୍ଚାୟତର ୨୮୪୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ୨୬୧ ଜଣ ଭୂମିହୀନଙ୍କୁ ଆବାସ ଯୋଗାଇଦେବା ପ୍ରକ୍ରିୟା ଜାରି ରହିଛି। ଆବାସ ଯୋଜନାର ୨୮୪୩ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଲେଖାଏ ୧ କୋଟି ୧୩ ଲକ୍ଷ ୭୨ ହଜାର ଟଙ୍କା ଜମା କରାଯାଇଛି ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି। ବିଡିଓ ବଳ କେତେକ ପଞ୍ଚାୟତକୁ ଗସ୍ତ କରି ଆବାସ ଯୋଜନାରେ ଗୃହର ଶୁଭାରମ୍ଭ କରିଥିବାବେଳେ ହିତାଧିକାରୀଙ୍କୁ ସଚେତନ କରିଛନ୍ତି। ସେହିପରି ବ୍ଲକର ୪୫ ପଞ୍ଚାୟତରେ ମୋ ଘର ଯୋଜନାରେ ୭୧୭ ଜଣ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୩୮୯ଜଣ ଆବେଦନକୁ ଗ୍ରହଣ କରାଯାଇ ତଦନ୍ତ ଚାଲିଛି। ମଧୁପୁରଗଡ଼ ପଞ୍ଚାୟତର ସର୍ବାଧିକ ୨୭୦ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇଦେବାର ଲକ୍ଷ୍ୟଥିବା ବେଳେ ୨୬୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ମିର୍ଜାପୁର ପଞ୍ଚାୟତରେ ୧୫୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବୃନ୍ଦାଦେଇପୁର ପଞ୍ଚାୟତରେ ସର୍ବନିମ୍ନ ୬ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଜଣାଯାଇଛି। ଆବାସ ଯୋଜନାରେ ୨୬୧ ଭୂମିହୀନ ହିତାଧିକାରୀ ରହିଛନ୍ତି। ସେଥିମଧ୍ୟରୁ ଆଦିବାସୀ ବହୁଳ ଅଞ୍ଜିରା ପଞ୍ଚାୟତରେ ୩୯, ହରିଦାସପୁର ପଞ୍ଚାୟତରେ ୨୯ ଓ ସୁନ୍ଦୁରିଆରେ ୨୪ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଘରବାରି ଜମିପଟ୍ଟା ଯୋଗଇ ଦେବାକୁ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବଲା ସୂଚନା ମିଳିଛି।

# ଜାତୀୟ ଚିକିତ୍ସକ, ଅନ୍ନପୂର୍ଣ୍ଣା ଦିବସ



ଜାରକା ରୋଟାରି ଓ ଇନରହୁଇଲ ପକ୍ଷରୁ ଧର୍ମଶାଳା ଡାକ୍ତରଖାନାରେ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ରୋଟାରି ଓ ଇନରହୁଇଲ କ୍ଲବ ପକ୍ଷରୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜାତୀୟ ଚିକିତ୍ସକ ଓ ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜୋନାଲୀ ବିଶ୍ୱାଳ, ଡା. ସୌରଭ ସାହୁ ଓ ଡା. ଅଜିତ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତତ୍‌ସହିତ ସ୍ୱାସ୍ଥକେନ୍ଦ୍ର ପରିସରରେ କ୍ଲବର ସଦସ୍ୟମାନେ ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାପତି ଇଂ. ବିପିନ କିଶୋର ଷଡ଼ଙ୍ଗୀ, ସମ୍ପାଦକ ଜୟଗୁରୁ ପାତ୍ର, ଡା. ବିଜୟ କୁମାର ଶତପଥୀ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଅଜାମ୍ବର ସାହୁ, ପ୍ରଦୀପ୍ତ ବରାଳ, ସତ୍ୟାନନ୍ଦ ବରାଳ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ଯତୀନ୍ଦ୍ର ମିଶ୍ର, ଇନରହୁଇଲ କ୍ଲବର ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦକ ବିଶ୍ୱମିତ୍ରା ସାହୁ, ମାଧୁରୀ ଶତପଥୀ, ମିନତି ସାହୁ, କଳ୍ପନା ଖୁଣ୍ଟିଆ, ସୌଦାମିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ କ୍ଲବ ସଭ୍ୟମାନେ ବୁଢୁକେନ୍ଦୁଆସ୍ଥିତ ନେଶନ ଅନୁଷ୍ଠାନକୁ ଯାଇ ୭୫ ଅନ୍ତେବାସୀଙ୍କୁ ଚିକିତ୍ସା କରାଇ ଔଷଧ ଓ ଖାଦ୍ୟ ପ୍ରଦାନ କରିଥିଲେ।

## ଚଣ୍ଡିଖୋଲ ଟ୍ରକ୍ ମାଲିକଙ୍କ ସମସ୍ୟା ଆଲୋଚନା

ବଡ଼ଚଣା,୧।୭(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ବୈଠକ ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ କ୍ଷୀରୋଦ ମାହାଲା, ତ୍ରୈଲୋକ୍ୟ ନାୟକ, ହେମନ୍ତ ସାମଲ, ବିଜୟପାଲ ଯାଜବ ଓ ଦେବରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଟ୍ରକ୍ ମାଲିକମାନଙ୍କର ଯେଉଁ ପ୍ରକାରର ସମସ୍ୟା ଦେଖାଦେଉଛି ସେ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ବିଶେଷ କରି ଗାଡ଼ିରେ କ୍ରୋମାଇଟ୍ ଲୋଡିଂ ଏବଂ ପାରାଦୀପରେ ଲୁହାପଥର ଅନଲୋଡିଂ ସମସ୍ୟା ଦେଖାଯାଉଥିବାରୁ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ କିପରି ଏହି ସମସ୍ୟା ଦୂରିଭୂତ ହେବା ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହାପରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆସନ୍ତା ନିର୍ବାଚନ କିପରି ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭ୍ୟପଦକୁ ଆସନ୍ତା ୧୦ତାରିଖ ମଧ୍ୟରେ ନବୀକରଣ କରିବା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଟ୍ରକ୍ ମାଲିକମାନେ ସଭ୍ୟପଦକୁ ନବୀକରଣ କରାଇ ପାରିଲେ ନିର୍ବାଚନରେ ଭାଗ ନେଇପାରିବେ। ଜୁଲାଇ ଶେଷ ଭାଗରେ ସଂଘର ନିର୍ବାଚନ ହେବ ବୋଲି ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ନାୟକ ପ୍ରକାଶ କରିଛନ୍ତି।

# ଉଦୀୟମାନ ପକ୍ଷରୁ ବନ ମହୋତ୍ସବ ସପ୍ତାହ

ଚଣ୍ଡିଖୋଲ,୧।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଶନିବାର ବନମହୋତ୍ସବ ଧାନମଣ୍ଡଳସ୍ଥିତ ହୋଲି ଜେଶସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦର୍ପଣ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ, ସମ୍ମାନିତ ଅତିଥି ଭାବେ ଦେବଜାନୀ ପ୍ରଧାନ, ଆରୁଣି ନନ୍ଦ, ଅଧ୍ୟାପିକା ଅମ୍ବିକା ମିଶ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ବୃକ୍ଷ ହିଁ, ଜୀବନ ନେଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ହୋଲି ଜେଶସ ବିଦ୍ୟାଳୟ ୨୦୨୩ ବର୍ଷ ପାଇଁ ପ୍ରକୃତି ମିତ୍ର ପୁରସ୍କାର ପାଇଥିବାରୁ ବିଦ୍ୟାଳୟକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଖବରଦାତା ଶିବରାମ ସାହୁ, ମୋହନ ଖିଲାର, ହେମେସ ଜେନା, ଗାୟତ୍ରୀ ରାଉତ, ହରପ୍ରିୟା ମହାନ୍ତି ଓ ବିନୋଦିନୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ ବୋଲି ପ୍ରକାଶ କରିଥିଲେ।


ଉଦୀୟମାନ ପକ୍ଷରୁ ଅନୁଷ୍ଠିତ ବନମହୋତ୍ସବରେ ମଞ୍ଚାସୀନ ଅତିଥି।

# ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ଚାରାରୋପଣ

ଚଣ୍ଡିଖୋଲ,୧।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ବନ ମହୋତ୍ସବ ଦିବସ ଅବସରରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଶନିବାର ଚଣ୍ଡିଖୋଲ ନିକଟସ୍ଥ ଖୋସାଲିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ ଆସୋସିଏଶନ ସଭାପତି ରେଣୁବାଳା ମହାନ୍ତି, ପୂର୍ବତନ ସଭାପତି ଦେବରାଜ ବେହେରା, କିଶୋର ନାୟକ, ଶଶାଙ୍କ ଶେଖର ଶତପଥୀ, ହେମନ୍ତ ମହଲା, ନରେନ୍ଦ୍ର ପାତ୍ର, ପବିତ୍ର କର, ଦୀନବନ୍ଧୁ ନାୟକ, ଶ୍ୟାମପ୍ରସାଦ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନବକିଶୋର ବିଶ୍ୱାଳ, ଖବରଦାତା ପ୍ରମୋଦ କୁମାର ଜେନା ଓ ବନ ବିଭାଗ କର୍ମଚାରୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।


ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଚାରାରୋପଣ କରାଯାଉଛି।

# ୧୧ରୁ ଚନ୍ଦନେଶ୍ୱର ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ

ସିଂହପୁର,୧।୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରଠାରେ ନୂତନ ଭାବେ ନିର୍ମିତ ବାବା ଚନ୍ଦନେଶ୍ୱର ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୧ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଉଦ୍‌ଯାପିତ ହେବ। ଏହି ଉତ୍ସବରେ ଅଙ୍କୁରାରୋପଣ, କଳସାଧିବାସ, ଅଗ୍ନିସ୍ଥାପନ, ବିଶ୍ୱଶାନ୍ତି ମହାରୁଦ୍ରାଭିଷେକ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାବା ଚନ୍ଦନେଶ୍ୱର ମନ୍ଦିର ଉନ୍ନୟନ ପରିଷଦର କର୍ମକର୍ତ୍ତା ଉତ୍ସବକୁ ସମାରୋହରେ ପାଳନ କରିବାକୁ ବ୍ୟାପକ ଆୟୋଜନ କରିଛନ୍ତି।

# ଅନାଦିଙ୍କ ନାଁରେ ରାସ୍ତା ନାମିତ ପାଇଁ ଅନୁରୋଧ କରାଯିବ


ପୂର୍ବତନ ଏମ୍‌ପି ଅନାଦି ଚରଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ।

ଯାଜପୁର ଟାଉନ,୧।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

**ପୂର୍ବତନ ଏମ୍‌ପି ଅନାଦି ଚରଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା**

ପୂର୍ବତନ ଯାଜପୁର ଲୋକ ସଭା ସଦସ୍ୟ ଅନାଦି ଚରଣ ଦାସଙ୍କ ବିୟୋଗରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନାଦି ଚରଣ ଦାସ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶ୍ୟାମସୁନ୍ଦର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ବରୀ-ଡେରାବିଶର ପୂର୍ବତନ ବିଧାୟକ ଚିନ୍ମୟ ବେହୁରିଆ, ପ୍ରଦେଶ କଂଗ୍ରେସ କମିଟିର ସଭାନେତ୍ରୀ ବନ୍ଦିତା ପରିଡ଼ା, ଯାଜପୁର ବିଧାନସଭାର ନେତା ସନ୍ତୋଷ ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଅଞ୍ଚଳ ଦାସ, ଶିଶିର ନାୟକ, ଶ୍ରୀନାଥ ମିଶ୍ର, ଯାଜପୁର ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ଭାଜପା ନେତା ରମେଶ ସାମଲ ଓ ମଳୟ ପଣ୍ଡା ପ୍ରମୁଖ ଯୋଗଦେଇ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗୟାଧର ପଣ୍ଡା ଗୀତାପାଠ କରିଥିଲେ। ଏହାପରେ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ ଅତିଥିମାନେ କହିଥିଲେ, ଅନାଦି ଚରଣ ଜଣେ ଅମାୟିକ, ଗାନ୍ଧୀବାଦୀ ନେତା ଥିଲେ। ତାଙ୍କ ମନରେ କ୍ରୋଧ ନ ଥିଲା। ସେ ଶାନ୍ତ, ସରଳ ଭାବେ ଜୀବନ ଯାପନ କରିଥିଲେ। ୨୩ବର୍ଷ ଲୋକ ସଭା ସଦସ୍ୟ ଥିବାବେଳେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପରୋପକାରେ ଦିନ କାଟିଥିଲେ। ତେଣୁ ସ୍ମୃତିରକ୍ଷା ନିମିତ ଏକ ସର୍ବଦଳୀୟ ସ୍ମୃତି କମିଟି ଗଠନ କରାଯାଇ ତାଙ୍କ ପ୍ରତିମୂର୍ତ୍ତି ଓ ସ୍ମରଣିକା ଉନ୍ମୋଚନ କରାଯିବା ସହ ତାଙ୍କ ନାମରେ ଏକ ରାସ୍ତାକୁ ନାମିତ କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ସ୍ଥିର କରାଯାଇଛି। ସଭାରେ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ପଦ୍ମାକର ଗୁରୁ, ଦୁର୍ଯ୍ୟୋଧନ ବେହେରା, ବଳଭଦ୍ର ଦାସ, ଗଦାଧର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ରୀତାଶ୍ରୀ ମହାନ୍ତି, ନାରାୟଣ ସାମନ୍ତ, ଆରତୀ ଦେଓ, ପ୍ରଶାନ୍ତ ସାହୁ, ଦିଲୀପ ଦାସ, ରବିନାରାୟଣ ପୃଷ୍ଟି, ମାନସ ପଣ୍ଡା, କନକ ମଲ୍ଲିକ, ମାମିନା ମଲ୍ଲିକ, ସରୋଜ ବିଶ୍ୱାଳ, ରଞ୍ଜିତା ରାଉତ, ନୀଳମାଧବ ନାୟକ ଓ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇ ଅନାଦି ଚରଣଙ୍କ ସ୍ମୃତିଚାରଣ କରିଥିଲେ।

# ବୌଦ୍ଧପୀଠ ହାତିଆଶୁଣୀ ରାସ୍ତା ଶୋଚନୀୟ

- ଆସିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି ପର୍ଯ୍ୟଟକ
- ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ
- ତୁରନ୍ତ ମରାମତି ପାଇଁ ଦାବି

କାଏମା,୧।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ମଧ୍ୟଭାଗରେ ଐତିହାସିକ ବୌଦ୍ଧ କୀର୍ତ୍ତିରାଜି କାଏମା ପାହାଡ଼ ଅବସ୍ଥିତ ଓ ଏହାର ପାଦଦେଶରେ ବୌଦ୍ଧକୀର୍ତ୍ତି ସମ୍ପନ୍ନ ହାତିଆଶୁଣୀ ପୂଜା ପାଉଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ଓ ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ୨୦୦୪ରେ ଏହାର ପୁନରୁଦ୍ଧାର ସହ ସୁରକ୍ଷା କାର୍ଯ୍ୟ କରାଯାଇଥିଲା। ଏସବୁ ବୌଦ୍ଧ କୀର୍ତ୍ତିରାଜି ନିକଟକୁ ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ରାସ୍ତା ନିର୍ମାଣ କରାଯାଇଥିଲା। ଏଠାରେ ୧୪ନମ୍ବର କେନାଲ ବନ୍ଧର ୨ବନ୍ଧ ମଧ୍ୟରୁ ବାମ ପଟ ବନ୍ଧ ଉପରେ ପିଚୁରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ନିମ୍ନମାନର କାମ ପାଇଁ କିଛି ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ସାରା ଖଣ୍ଡିଆଖାବରା ଓ ଅନେକ ଖାଲ ଆଦି ଦେଖିବାକୁ ମିଳୁଛି। ଏଠାରେ ଅନେକ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲା। କିନ୍ତୁ ବର୍ତ୍ତମାନର ଖାଲଢିପ ରାସ୍ତା ଦେଖି ପର୍ଯ୍ୟଟକ ଆସିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ସେହିପରି ଏହାର ପାର୍ଶ୍ୱରେ ଥିବା ଏକ ଗାଁରେ ୩୦୦ରୁ ଅଧିକ ଲୋକ ବାସବାସ କରୁଛନ୍ତି। ସେମାନଙ୍କର ଏହା ନିତିଦିନିଆ ରାସ୍ତା। ହେଲେ ରାସ୍ତା ଖରାପ ଯୋଗୁ ସେମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ପିଲା ସ୍କୁଲ୍ ଯିବା ସମୟରେ ଅନେକ ଥର ଖଣ୍ଡିଆ ଖାବରା ହୋଇ ଘରକୁ ଫେରୁଥିବା ସେମାନଙ୍କ ପରିବାର ଲୋକେ କହିଛନ୍ତି। ଗ୍ରାମବାସୀ ମଧ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ତଳେ କେନାଲ ବନ୍ଧର ଡାହାଣ ପାର୍ଶ୍ୱ ରାସ୍ତା ପିଚୁ କରାଯାଇଛି। ହେଲେ ବାମ ପାର୍ଶ୍ୱକୁ କାହିଁକି ମରାମତି କରାଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ତେଣୁ ଶୀଘ୍ର ଏହି ରାସ୍ତାକୁ ମରାମତି କରିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।


ହାତିଆଶୁଣୀ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

# ବିଦ୍ୟୁତ୍ କାଟ୍ ପ୍ରତିବାଦରେ ସିପିଏମ୍‌ର ବିକ୍ଷୋଭ

ରଣପୁର, ୧।୭ (ସୁକାନ୍ତ କିଶୋର ଡାକୁଆ)

ରଣପୁର ତଥା ରାଜ୍ୟରେ ଦେଖା ଦେଇଥିବା ଅଘୋଷିତ ବିଜୁଳି କାଟ ଓ ବିଜୁଳି ବିଭ୍ରାଟ ପ୍ରତିବାଦରେ ସିପିଏମ୍ ଆଞ୍ଚଳିକ କମିଟି ତରଫରୁ ଶନିବାର ପ୍ରତିବାଦ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ପଥପ୍ରାନ୍ତ ସଭା ରଣପୁର ପଞ୍ଚୁଦୋଳ ପଡ଼ିଆରେ ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତା' ପରେ ମଙ୍ଗରାଜପୁରର ନଡ଼ିଆ ଭଙ୍ଗାଠାରେ ଥିବା ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ପାର୍ଟି ତରଫରୁ ୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଗଣବିକ୍ଷୋଭ ସଭାରେ ବକ୍ତାମାନେ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ସେବାର ଘରୋଇକରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଘରୋଇ କମ୍ପାନୀ ଟାଟା ପାୱାରର ଘନ ଘନ ବିଜୁଳି କାଟ, ବିଜୁଳି ବିଭ୍ରାଟ, ୟୁନିଟ ପିଛା ଆକାଶ ଛୁଆଁ ଦରବୃଦ୍ଧି ଓ ଲୋ ଭୋଲ୍‌ଟେଜ ଯୋଗୁ ବିଦ୍ୟୁତ୍ ଉପଭୋକ୍ତାମାନେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସରକାର କମ୍ପାନୀ ପ୍ରୀତି ଦେଖାଇ ପ୍ରାୟ ୩୨୫୬ କୋଟି ଟଙ୍କା କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିଲ ଛାଡ଼ କଲାବେଳେ ରାଜ୍ୟର ସାଧାରଣ ଉପଭୋକ୍ତାଙ୍କ ଉପରେ ଦାଦାଗିରି କରୁଛନ୍ତି ବୋଲି ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଭଳି ବିଜୁଳି ବିଭ୍ରାଟକୁ ସରକାର ତୁରନ୍ତ ବନ୍ଦ କରିବା ସହ ଅନ୍ୟ ରାଜ୍ୟ ଭଳି ଉପଭୋକ୍ତାଙ୍କୁ ମାସିକ ୨୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼, ଚାଷୀମାନଙ୍କ ପୁରଣା ବକେୟା ଛାଡ଼ କରି ରିହାତି ଦରରେ ବିଦ୍ୟୁତ୍ ଯୋଗାଣ ଓ ବିଦ୍ୟୁତ୍ ବିଭାଗକୁ ଟାଟା କମ୍ପାନୀଠାରୁ ତୁରନ୍ତ ମୁକ୍ତ କରି ବିଦ୍ୟୁତ୍‌ର ସରକାରୀକରଣ କରିବାକୁ ଦୃଢ଼ ଦାବି କରିଥିଲେ। ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଆସି ଆନ୍ଦୋଳନକାରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ । ଖୁବ୍‌ଶୀଘ୍ର ବିଦ୍ୟୁତ୍ ବିଭ୍ରାଟକୁ ନିୟନ୍ତ୍ରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଦାବି ପୂରଣ କରିବାରେ ବିଳମ୍ବ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସିପିଏମ୍ ତରଫରୁ ଚେତାବନୀ ଦିଆଯାଇଥିଲା । ଏହି ପ୍ରତିବାଦ ସଭା ଓ ଗଣବିକ୍ଷୋଭରେ ସିପିଏମ୍ ନେତା ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ଭିକାରୀ ଚରଣ ସାହୁ, ସୁଶୀଲ ମହାନ୍ତି, ଗଦାଧର ପ୍ରଧାନ, ସଂଯୁକ୍ତା ସେଠୀ, ସୁକାନ୍ତି ଜେନା, ରଜତ ଜେନା ଓ କୁଳମଣି ପଲେଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।



ସିପିଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨୨ ଘଣ୍ଟା ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା, ୧।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳରେ ଅନେକ ଘଣ୍ଟା ଧରି ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଏହି ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଦ୍ୟୁତ୍ ଉପଭୋକ୍ତାମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଶୁକ୍ରବାର ରାତିରେ ଅବିରତ ବର୍ଷା ସାଙ୍ଗକୁ ୨୨ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ଯୋଗୁ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡ଼ା, ଗଡ଼ିଆସାହି ଓ କିଆଝର ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଗ୍ରାମର ଜନସାଧାରଣ ଏବଂ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅଞ୍ଚଳବାସୀ ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ହେଁ ସମସ୍ୟାର ସମାଧାନ ଦିଗରେ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଆଉ ଧରାଛୁଆଁ ଦେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ. ଅନୀଲ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରେ ଶୁକ୍ରବାର ଯେଭଳି ଭାବେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା ତାର ପ୍ରଭାବରେ ବହୁ ବିଭ୍ରାଟ ସୃଷ୍ଟି ହୋଇଥିଲା । ଗତକାଲିଠାରୁ ଆଜି ପର୍ଯ୍ୟନ୍ତ କର୍ମଚାରୀମାନେ ମରାମତି କାର୍ଯ୍ୟରେ ଲାଗିଛନ୍ତି । ଖୁବ୍‌ଶୀଘ୍ର ଏହି ଅବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ବୋଲି ସେ କହିଥିଲେ । କେତେକ ଅଞ୍ଚଳରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିବା ସାହୁ ସୂଚନା ଦେଇଛନ୍ତି । ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଉଚ୍ଚ ଅଧିକାରୀ ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଖଣ୍ଡପଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରି ହରତାଳ କରିବେ ବୋଲି ଉପରୋକ୍ତ ୩ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ପିପୁଲ୍ସ କଲେଜ ଛାତ୍ରୀ ଚିନ୍ମୟୀ ଟପ୍ପର

ବୁଗୁଡ଼ା, ୧।୭ (କାଳି ଚରଣ ଦାଶ): ପ୍ରକାଶ ପାଇଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ବାର୍ଷିକ ପରୀକ୍ଷାଫଳ। ବୁଗୁଡ଼ା ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନର ୪ ଜଣ ଛାତ୍ରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଦଶ ତାଲିକାରେ ରହିଥିବା ବେଳେ ଛାତ୍ରୀ ଚିନ୍ମୟୀ ସାହୁ ୧୪୦୦ରୁ ୧୨୩୫ ନମ୍ବର ରଖି ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ପାଇବାକୁ ଯୋଗ୍ୟ ବିବେଚିତା ହେବା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇପାରିଛନ୍ତି। ଚିନ୍ମୟୀ ଜଗନ୍ନାଥପ୍ରସାଦ ନିବାସୀ ସୂର୍ଯ୍ୟନାରାୟଣ ସାହୁ ଓ ବବିତା ସାହୁଙ୍କ କନ୍ୟା। ସେ ମାମୁଘର ବୁଗୁଡ଼ାରେ ରହି ପିପୁଲ୍ସ କଲେଜରେ ଅଧ୍ୟୟନ କରୁଥିଲେ। କଲେଜ ପାଇଁ ଗର୍ବ ଓ ଗୌରବ ଆଣିଥିବା ଚିନ୍ମୟୀ ଆଗକୁ ସ୍ନାତକୋତ୍ତର ଅଧ୍ୟୟନ ସହ ସିଭିଲ ସର୍ଭିସ ପରୀକ୍ଷା ଦେଇ ପ୍ରଶାସିକା ହେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।

### ଭୀଷ୍ମଗିରି ଗ୍ରାମରେ ପାନୀୟ ଜଳ ସଙ୍କଟ

ଦିଗପହଣ୍ଡି, ୧।୭ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ପାନୀୟ ଜଳସଙ୍କଟରୁ ବାସିନ୍ଦା ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ପ୍ରକଳ୍ପରେ ତ୍ରୁଟି ଯୋଗୁ ୧୦ ଦିନ ହେଲା ଗ୍ରାମର ସାହି ବାସିନ୍ଦାଙ୍କୁ ପାଣି ମିଳୁନି। ଲୋକେ ନଳକୂଅ ପାଣି ଉପରେ ନିର୍ଭରଶୀଳ ହେଉଛନ୍ତି। ପ୍ରାୟ ୫୦ ବର୍ଷ ପୂର୍ବେ ରାମନଦୀ ପଠାରୁ ପାଇପ ଯୋଗେ ପୂର୍ବରୁ ଭୀଷ୍ମଗିରି ଗ୍ରାମର ବିଭିନ୍ନ ସାହି ବସ୍ତିଗୁଡ଼ିକୁ ପାନୀୟ ଜଳ ଯୋଗାଣ ହେଉଥିଲା। ପରବର୍ତ୍ତୀ ସମୟରେ ୨ କୋଟି ୪ ଲକ୍ଷ ବ୍ୟୟ ଅଟକଳରେ ଜକମେରିପଲ୍ଲୀ ଗ୍ରାମ ନିକଟରେ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ଲୋକଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ, ପଞ୍ଚାୟତ ପକ୍ଷରୁ ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ପାନୀୟ ଜଳ ପ୍ରକଳ୍ପରୁ ମୁନ୍ଦାଏ ପାଣି ମିଳୁନି। ଠାକୁରାଣୀ ମନ୍ଦିର ଛକ ଏବଂ କଲେଜ ନିକଟରେ ଥିବା ନଳକୂପରୁ ଲୋକେ ପାନୀୟ ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି।

# ମହାନଦୀ ସେତୁ ଉପରେ ଆଲୋକୀକରଣ ଦାବି

ଖଣ୍ଡପଡ଼ା, ୧।୭
(ଅଜୟ କୁମାର ମହାରଣା)

ଆନ୍ତଃ ରାଜ୍ୟ ତଥା ଆନ୍ତଃ ଜିଲ୍ଲାକୁ ଯାନବାହାନ, ପରିବହନର ସୁବିଧା ପାଇଁ ଏବଂ ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ନୟାଗଡ଼ ଓ କଟକ ଜିଲା ସୀମାନ୍ତ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରାଯାଇଛି। ମହାନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଧାମୂଳା – ଏକଡାଳ ଗ୍ରାମକୁ ସଂଯୋଗ କରୁଥିବା ୧୫୬୮ ମିଟର ଦୀର୍ଘ ସେତୁ ସଂପ୍ରତି ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ ପୀଠକୁ ବର୍ଷର ପ୍ରାୟ ସମୟରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିବା ବେଳେ ସେତୁ ଉପରେ ନିର୍ଜନ ତାର ସୁଯୋଗ ନେଇ ଅନ୍ଧାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ଅଘଟଣ ଘଟାଇ ପଥଚାରୀଙ୍କଠାରୁ ଲୁଟତରାଜ କରୁଛନ୍ତି । ବିଶେଷ କରି ଜିଲା ବାହାରୁ ବିଭିନ୍ନ ସମୟରେ ଦୁର୍ବୃତ୍ତମାନେ ଉକ୍ତ ସେତୁ ଦେଇ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଲୁଟ ତରାଜ, ରାହାଜାନୀ ଓ ଡ଼କାୟତି କରି ପୁନଶ୍ଚ ଏହି ପଥଦେଇ ଚମ୍ପଟ ମାରିଥିବା ନଜିର ରହିଛି। ଯାହାକି ପୋଲିସ ପ୍ରଶାସନ ପାଇଁ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଅନ୍ୟପକ୍ଷେ ବିଭିନ୍ନ ସମସ୍ୟାରେ ଜଡିତ ଏକାଧିକ ଯୁବତୀ, ଯୁବକ ମାନସିକ ଭାରସାମ୍ୟ ହରାଇ ସେତୁ ଉପରୁ ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ନଜିର ରହିଛି। ତେବେ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସେତୁ ଉପରେ ସୋଲାର ଲାଇଟ ବ୍ୟବସ୍ଥା କରିବାକୁ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣା, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।


ସେତୁରେ ଆଲୋକବ୍ୟବସ୍ଥା ନାହିଁ।

## ନୟାଗଡ଼ ବିଧାୟକଙ୍କ ଓଡ଼ଗାଁ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

ଓଡ଼ଗାଁ, ୧।୭ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ ବିଧାୟକ ଅରୁଣ କୁମାର ସାହୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସ୍କୁଲ ପରିସରରେ ୨ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟରେ ନିର୍ମାଣାଧୀନ ଥିବା ୧୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ନିର୍ମାଣ କାର୍ଯ୍ୟ ତଥା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ତଳ ମହଲାରେ ୨୨ ଓ ଉପର ମହଲାରେ ୧୭ କୋଠରୀ ରହିବ ବୋଲି ବିଭାଗୀୟ ସୂଚନା ମିଳିଛି। ଏହା ସହିତ ବିଧାୟକ ସାହୁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିମନ୍ତେ ସ୍ଥାନ ନିରୂପଣ କରିଥିବା ଜଣାଯାଇଛି । ଏହା ସହିତ ନିର୍ମାଣଧୀନ ରହିଥିବା ଖେଳ ପଡିଆ କାର୍ଯ୍ୟ ତଦାରଖ କରିବା ସହିତ ତୁରନ୍ତ ଏହାକୁ ସାରିବାକୁ କହିଥିଲେ ।

# ନୂଆଗାଁ ଜଙ୍ଗଲରେ ଅଚଳ ହେଲା ମେମୁ ଟ୍ରେନ୍




ନୟାଗଡ଼, ୧।୭ (ଲୋକନାଥ ମିଶ୍ର)

### ୩୦ମିନିଟ୍ ବିଳମ୍ବରେ ଭୁବନେଶ୍ୱରରେ ପହଞ୍ଚିଲା

ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ଟ୍ରେନ ନାମକ ମେମୁ ଟ୍ରେନଟି ଶନିବାର ମହିପୁର ଷ୍ଟେଶନ ପହଞ୍ଚିବା ପୂର୍ବରୁ ନୂଆଗାଁ ଜଙ୍ଗଲ ମଧ୍ୟରେ ଅଟକି ରହିଥିଲା। ଉକ୍ତ ଟ୍ରେନ ଇଞ୍ଜିନରେ କୌଣସି ତ୍ରୁଟି ପରିଲକ୍ଷିତ ହେବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିଲା। ଏହାର ଲୋକ ପାଇଲଟ ଟ୍ରେନ ନିର୍ମାଣ କରିଥିବା କମ୍ପାନୀ ସହିତ ଯୋଗାଯୋଗ କରି ଆବଶ୍ୟକ ମରାମତି କରିବା ପରେ ଟ୍ରେନଟି ପ୍ରାୟ ଅଧଘଣ୍ଟା ବିଳମ୍ବରେ ଛାଡ଼ିଥିଲା । ଏଣୁ ଯାତ୍ରୀମାନେ ୩୦ମିନିଟ୍ ବିଳମ୍ବରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ନୟାଗଡ଼–ଭୁବନେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ଏହି ଏକମାତ୍ର ମେମୁ ଟ୍ରେନଟି ବାରମ୍ବାର ଅଚଳ ହେଉଛି। ସମ୍ପୃକ୍ତ ଟ୍ରେନକୁ ବଦଳାଇ ପୂର୍ବରୁ ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ମେମୁ ଟ୍ରେନକୁ ପୁନର୍ବାର ଚଳାଚଳ କରିବାକୁ ବହୁ ଦିନ ହେଲା ଦାବି ହୋଇ ଆସୁଛି। ତେବେ ରେଳ ବିଭାଗ ନୟାଗଡ଼ ଜିଲାବାସୀଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଛି ।

# ପୋକ୍‌ସୋ, ସାଇବର ନିରାପତ୍ତା ଉପରେ ସଚେତନତା

ନୟାଗଡ଼, ୧।୭ (ଲୋକନାଥ ମିଶ୍ର)

ନୟାଗଡ଼ ସହର ଖଣ୍ଡପଡ଼ା ରୋଡରେ ଥିବା ହୋଲି ଫାମିଲି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ପୋକ୍‌ସୋ ଏବଂ ସାଇବର ନିରାପତ୍ତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ସଚିବ ତଥା ବରିଷ୍ଠବର୍ଗ ବିଚାରପତି ବିଶେଷ କୁମାର ସାହୁ ପୋକ୍‌ସୋ ଏବଂ ସାଇବର ନିରାପତ୍ତା ସଂକ୍ରାନ୍ତରେ ବୁଝାଇଥଲେ। ସଦସ୍ୟ ମହମ୍ମଦ ଉମର ମଲ୍ଲିକ ଏବଂ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ଛାତ୍ର ଶୃଙ୍ଖଳା ଜାତୀୟତା ଏବଂ ନିରାପତ୍ତା ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ହେଲନା ଜର୍ଜ, ପବିତ୍ର କୁମାର ବଡ଼ସେଠ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ଅନିତା ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧିକରଣ କର୍ମଚାରୀ, ଆଇନସେବାର ମାଧ୍ୟମ ବର୍ଣ୍ଣନା କରିଥିଲେ। ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ନୟାଗଡ଼ରେ ବିଜେଡିର ସାଙ୍ଗଠନିକ ସମ୍ପାଦକ

ନୟାଗଡ଼ ଅଫିସ, ୧ । ୭ (ଲୋକନାଥ ମିଶ୍ର): ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଶନିବାର ନୟାଗଡ଼ ଗସ୍ତରେ ଆସି ଦଳୀୟ ସଙ୍ଗଠନ ବିଷୟରେ ଆଲୋଚନା କରିଥିଲେ । ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦଳ କିପରି ଆହୁରି ଭଲ ପ୍ରଦର୍ଶନ କରିବ ସେନେଇ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ସମେତ ଜିଲା, ବ୍ଲକ ଓ ମ୍ୟୁନିସିପାଲିଟିର ଲୋକପ୍ରତିନିଧିଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ।

## ମଣିପୁରରେ ଶାନ୍ତି ସଦ୍‌ଭାବନା ପ୍ରତିଷ୍ଠା ପାଇଁ ଆହ୍ୱାନ

ଦଶପଲ୍ଲା, ୧।୭ (ପ୍ରକାଶ କୁମାର ପାଣି): ଶନିବାର ଦଶପଲ୍ଲାସ୍ଥିତ ଗାନ୍ଧୀ ପଡ଼ିଆରେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ମାଟିର ସ୍ୱର ତରଫରୁ ମଣିପୁରରେ ଶାନ୍ତି ସଦ୍‌ଭାବନା ସ୍ଥାପନ ପାଇଁ ଆହ୍ୱାନ ଦିଆଯାଇଛି। ଯୁବକ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଓକିଲ, କବି, ଲେଖକ ସାମାଜିକ କର୍ମୀ, ଶିକ୍ଷକ, ଶିକ୍ଷାବିତ୍ ପ୍ରମୁଖ ଏଥିରେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଅହିଂସାର ବାର୍ତ୍ତା ପ୍ରଦାନ କରି ମଣିପୁରରେ ଶାନ୍ତି, ମୈତ୍ରୀ, ପ୍ରୀତି, ଭାଇଚାରା ଓ ଭାତୃଭାବ ଫେରାଇ ଆଣିବାକୁ ଦେଶବାସୀଙ୍କୁ ନିବେଦନ କରିଥିଲେ।

# ତାସ୍ ଖେଳି ମଜା ନେଉଥିଲେ ଟ୍ରେନ୍‌ରେ

ନୟାଗଡ଼, ୧।୭ (ଲୋକନାଥ ମିଶ୍ର)

### ନାବାଳିକାଙ୍କୁ ସିଟ୍ ଦେଲେନି ୪ ସରକାରୀ କର୍ମଚାରୀ

ଭୁବନେଶ୍ୱରରୁ ନୟାଗଡ଼ ଆସୁଥିବା ଟ୍ରେନରେ ୪ ଜଣ ସରକାରୀ କର୍ମଚାରୀ ତାସ୍ ଖେଳି ମଜା ଉଠାଉଥିଲେ । ସେହି ସମୟରେ ଜଣେ ନାବାଳିକା ସିଟ୍ ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ। ଏପରି କିକେତେଜଣ ଯାତ୍ରୀ ମଧ୍ୟ ନାବାଳିକାଙ୍କୁ ସିଟ୍ ଦେବାକୁ ଅନୁରୋଧ କରିଥିଲେ । ହେଲେ ୪ ସରକାରୀ କର୍ମଚାରୀ ୩ ଜଣିଆ ସିଟକୁ ମାଡି ବସି ସିଟ୍ ଦେଇ ନ ଥିଲେ । ବାରମ୍ବାର କହିବା ପରେ ତାଙ୍କର ଲୋକ ଅଛନ୍ତି କହି କଥାକୁ ଏଡାଇ ଯାଇଥିଲେ। ଏଭଳି ଘଟଣା କେଉଁ ଦିନ ଘଟିଛି ଜଣା ପଡି ନାହିଁ । ତେବେ ଏଭଳି ଏକ ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ରେଳ ବିଭାଗ ଓ ରେଳ ମନ୍ତ୍ରୀ ଘଟଣା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି ।



# ବିଦ୍ୟୁତ୍ ତାର ଲାଗି ୩ ଗାଈ ମୃତ

ଖଣ୍ଡପଡ଼ା, ୧।୭
(ଅଜୟ କୁମାର ମହାରଣା)



ନୟାଗଡ଼ ଜିଲା ଭାପୁର ବ୍ଲକ୍ ବାଘୁଆପଲ୍ଲୀ ପଞ୍ଚାୟତ ଅଧୀନ ଧଳାବନ୍ଧ ଗ୍ରାମ ନିକଟରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଲାଗି ଶନିବାର ଅପରାହ୍ନରେ ୩ ଗାଈଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଲଗାଣ ବର୍ଷା ଓ ପବନ ଯୋଗୁ ବିଦ୍ୟୁତ୍ ଖୁଣ୍ଟରୁ ତାର ତଳକୁ ଓହଳି ପଡିଥିଲା । ଉକ୍ତ ବିଦ୍ୟୁତ୍ ତାର ଲାଗି ବାଘୁଆପଲ୍ଲୀ ଗ୍ରାମର ଶଙ୍କର ବେହେରାଙ୍କ ୨ ଓ ଧଳାବନ୍ଧ ଗ୍ରାମର ଦୁର୍ଯ୍ୟୋଧନ ପାଳଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ୨ଜଣ ଗୋପାଳ ଭାଙ୍ଗି ପଡିଛନ୍ତି। କ୍ଷତିଗ୍ରସ୍ତ ଗୋପାଳଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିସିଓଡିଏଲ) ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ.ଅନୀଲ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରେ ଶୁକ୍ରବାର ବର୍ଷା ପବନରେ ସଂପୃକ୍ତ ଖୁଣ୍ଟରୁ ଷ୍ଟେ ଛିଣ୍ଡି ଯିବା ଫଳରେ ଖୁଣ୍ଟଟି ଗୋଟିଏ ପାର୍ଶ୍ୱକୁ ନଇଁ ଯାଇଥିଲା । ଫଳରେ ଏପରି ଅଘଟଣ ଘଟିଥିଲା ବୋଲି କହିଛନ୍ତି । ଏ ସମ୍ପର୍କରେ ସାହୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି। ମୃତ ଗାଈଙ୍କ ମାଲିକଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ଓଡ଼ଗାଁ, ୧।୭
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବାହାଡ଼ାଖୋଲାକୁ ଉଭୟ ଦିଗରୁ ସଂଯୋଗ କରୁଥିବା ଓଡ଼ଗାଁ–ବାହାଡ଼ାଖୋଲା–ନୂଆଗାଁ ପୂର୍ତ୍ତ ବିଭାଗୀୟ ରାସ୍ତାର ପ୍ରଶସ୍ତୀକରଣ ତଥା ଉନ୍ନତି କରଣ ନିମନ୍ତେ ଶନିବାର ୨ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ୨୦ କି.ମି. ଏହି ରାସ୍ତାର ଉନ୍ନତୀ କରଣ ନିମନ୍ତେ ୧୭ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ୭ ମିଟର ବିଶିଷ୍ଟ ଚଉଡା ରାସ୍ତାର ପ୍ରଶସ୍ତୀକରଣ କରାଯିବ ବୋଲି ସୂଚନା ମିଳିଛି। ମନୋଜ କୁମାର ରାଓ ନାମକ ଠିକା ସଂସ୍ଥା ଏହି କାର୍ଯ୍ୟର ନିର୍ମାଣ ଦାୟିତ୍ୱ ନେଇଛି।

ଏହି ରାସ୍ତାର ପରିସୀମା ନୟାଗଡ଼ ଓ ଦଶପଲ୍ଲା ବିଧାନସଭା କ୍ଷେତ୍ରରେ ଅନ୍ତର୍ଭୁକ୍ତ ରହିଥିବାରୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମିଳିତ ଭାବେ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ଉଭୟ ନିର୍ବାଚନ ମଣ୍ଡଳୀର ସୀମାବର୍ତ୍ତୀ ବାବା ଦୃତିକେଶ୍ୱର ମହାଦେବ ମନ୍ଦିର ପାର୍ଶ୍ୱରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉଭୟ ବିଧାୟକ ଦିନକୁ ଦିନ ନୟାଗଡ ଜିଲାରେ ରାସ୍ତା ଘାଟ, ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନର ଉନ୍ନତୀ କରଣ କରାଯାଇ ବିକାଶର ଗୋଟିଏ ପରେ ଗୋଟିଏ ଫର୍ଦ ଯୋଡାଯାଉଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲାପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ବିଡିଓ ସନ୍ତୋଷ କୁମାର ଜେନା, ପୂର୍ତ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଯନ୍ତ୍ରୀ ସୁଧାଂସୁ ଶେଖର ବେହେରାଙ୍କ ସମେତ କେତେକ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସ୍ଥଳକୁ ନୟାଗଡ଼ ବିଧାୟକ ସାହୁ ଓଡ଼ଗାଁ ଏନଏସିର କଦଳୀବନ୍ଧଠାରୁ ଓ ଦଶପଲ୍ଲା ବିଧାୟକ ବେହେରା ବାହାଡ଼ାଖୋଲାଠାରୁ ବହୁ ସଂଖ୍ୟକ କର୍ମୀ ଦଳୀୟ ପତାକା ସହିତ ବାଇକ୍ ରାଲିରେ ଆସି ନିଜ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ରାଲିରେ କର୍ମୀମାନଙ୍କ ସହିତ ବିଜେଡି ଜିଲା ଉପସଭାପତି ନିତ୍ୟାନନ୍ଦ ପ୍ରଧାନ, ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାଣ ଚୌଧୁରୀ, ଜିଲା ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ସାମିଲ ହୋଇଥିଲେ ।

# ଜେଲ ଗଲେ ସାଇ ଟ୍ରଷ୍ଟ ସିଏମ୍‌ଡି

ନୟାଗଡ଼ ଅଫିସ, ୧।୭ (ଲୋକନାଥ ମିଶ୍ର)

- ମାତୃ ଓ ଶିଶୁ ଖାଦ୍ୟରେ ୧.୩୫ କୋଟି ଠକେଇ ଘଟଣା
- ଛତିଶଗଡ଼ ପୋଲିସ ଉଠାଇ ନେଇଥିଲା

ମାତୃ ଓ ଶିଶୁ ଖାଦ୍ୟ ନାଁରେ ୧.୩୫ କୋଟି ଠକେଇ ଘଟଣାରେ ଛତିଶଗଡ଼ ରାଜ୍ୟର ଟିକରାପଡ଼ା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ବିନୋଦପଡ଼ା ଛକସ୍ଥିତ ସାଇ ଟ୍ରଷ୍ଟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଦୀପକ କୁମାର ବରାଡଙ୍କ ଜାମିନ ନାମଞ୍ଜୁର ପରେ ଜେଲ ଯିବାକୁ ପଡିଛି ।

ନୟାଗଡ଼ ଟାଉନ ଥାନା ଘଡୁଆଳ ଗାଁର ଦୀପକ କୁମାର ବରାଡ଼ ବୋଲଗଡ଼ ଥାନାର ରୁଢ଼ା ଅଞ୍ଚଳରେ ରୁହନ୍ତି । ତେବେ ସେ ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ବିନୋଦପଡ଼ା ଛକରେ ସାଇ ଟ୍ରଷ୍ଟ କାର୍ଯ୍ୟାଳୟ ଖୋଲି ଗରିବ ମହିଳା ଓ ଶିଶୁମାନଙ୍କୁ ମାଗଣରେ ଖାଦ୍ୟ ଯୋଗାଣ କରି ଆସୁଛନ୍ତି ବୋଲି ଡିଣ୍ଡିମ ପିଟୁଥିଲେ। ଛତିଶଗଡ଼ର ରାଜଧାନୀ ରାୟପୁରରେ ବେବି ଫୁଡ୍ ପ୍ରୋଜେକ୍ଟର ନାମରେ ୧କୋଟି ୩୫ ଲକ୍ଷ ଟଙ୍କା ଆମସାତ୍ ହୋଇଥିବାର ଦେବପୁରୀର କମଳ ନିବାସୀ ସାଇଟ୍ରଷ୍ଟ ଓଡ଼ିଶା ଓ ଛତିଶଗଡ଼ ହେଡ ଅନିଲ କୁମାର ଶ୍ରୀବାସ୍ତବ ଟିକରାପଡ଼ା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଟିକରାପଡ଼ା ଥାନା ପୋଲିସ ୪୨୦, ୧୨୦, ୩୪ ଆଇପିସି ଦଫାରେ ୩୧୧/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ରଣପୁର ଥାନାର ସୁନାଖଳା ଫାଣ୍ଡି ପୋଲିସ ସହାୟତାରେ ବିନୋଦପଡ଼ା କାର୍ଯ୍ୟାଳୟରୁ ଗତ ଗୁରୁବାର ସିଏମ୍‌ଡିଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷେ ଦୀପକ ଦ୍ୱାରା ପରିଚାଳିତ କାର୍ଯ୍ୟାଳୟରୁ କର୍ମଚାରୀମାନେ ଭୟରେ ଛାଡି ପଳାଇ ଯାଉଛନ୍ତି । ଠକେଇ ମାମଲାରେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ହାଟବସ୍ତ ଗାଁର କେତେଜଣ ଲୋକଙ୍କ ନାଁ ରହିଛି। ଯେଉଁମାନେ ଦୀପକଙ୍କର ସହଯୋଗୀ ଥିଲେ । ସେହିପରି ଦୀପକ ନୟାଗଡ଼ରେ ଏକ କାର୍ଯ୍ୟାଳୟ ଖୋଲିଥିଲେ । ସଂପୃକ୍ତ କାର୍ଯ୍ୟାଳୟକୁ ଶାସକ ଦଳର ଜଣେ ବିଧାୟକ ଉଦ୍‌ଘାଟନ କରିଥିଲେ । ଦୀପକଙ୍କ ଠକେଇ ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ଅନେକ ଲୋକଙ୍କ ସମ୍ପୃକ୍ତି ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି ।


ଦୀପକ କୁମାର ବରାଡ

## ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,(ତାପସ ସ୍ୱାଇଁ): ବାଲିକୁଦା ପୋଲିସ ଶୁକ୍ରବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି ବୋରିକିନା ଥାନା ଅଞ୍ଚଳର ନାରାୟଣ ପାଢ଼ୀ। ତାଙ୍କର ସେଠାରେ ଏକ ଘରୋଇ ସଂସ୍ଥା ରହିଛି। ସେ ଭୁବନେଶ୍ୱରସ୍ଥିତ ଏକ ସଂସ୍ଥା ସହ ବ୍ୟବସାୟିକ ସମ୍ପର୍କ ରଖିଥିଲେ। ଉକ୍ତ ସଂସ୍ଥାକୁ ନାରାୟଣ ଏକ ଚେକ ଦେଇଥିଲେ। ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ଭୁବନେଶ୍ୱରସ୍ଥିତ ସମ୍ପୃକ୍ତ ସଂସ୍ଥା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେହି ମାମଲା ଆଧାରରେ ନାରାୟଣଙ୍କ ନାମରେ ଜାମିନି ବିହିନ ଗିରଫ ପରୱାନା ଜାରି କରାଯାଇଥିଲା।

# ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଅବସ୍ଥା ସୁଧୁରୁନି

■ ଟେଣ୍ଡର ଓ ଗୁପ୍ତ ଟେଣ୍ଡରରେ ଖର୍ଚ୍ଚ ହେଲାଣି ବିପୁଳ ଟଙ୍କା
■ ଲୋକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଚଣ୍ଡିଖୋଲ,୧୭(ପ୍ରଦୀପ୍ତ କୁମାର ପୃଷ୍ଟି):

କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ଉପଖଣ୍ଡ ଅଧୀନରେ ରହିଛି ବନ୍ଧାଲୋ-ଏଣ୍ଡରପଦା ରାସ୍ତା। ଏହି ରାସ୍ତାଟି ବଡ଼ଚଣା ବ୍ଲକରେ ଅବସ୍ଥିତ ହୋଇଥିବାବେଳେ ଢେଙ୍କାନାଳ ଜିଲାକୁ ଗମନାଗମନ ପାଇଁ ସ୍ପର୍ଶ କରିଛି। ହେଲେ ରାସ୍ତାର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଖରାପ ଆଡ଼କୁ ଗତିକରୁଛି। ଯେଉଁଥି ପାଇଁ ଗତ ମାସ ୧୨ ତାରିଖରେ ବଡ଼ଚଣା ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ୩ ପଞ୍ଚାୟତର ଅଧିବାସୀ ଆନ୍ଦୋଳନ କରିଥିଲେ। ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଉନ୍ନୟନ କମିଟି ତରଫରୁ ଗଣଧାରଣା ଦିଆଯାଇଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସ ଖୁବ୍‌ଶୀଘ୍ର ରାସ୍ତା ମରାମତି ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଦ୍ୟାବଧି କୌଣସି ପ୍ରତିଶ୍ରୁତି ପାଳନ କରାଯାଇନାହିଁ।

୧୮ କିଲୋମିଟର ଲମ୍ବ ଏହି ରାସ୍ତା କାର୍ଯ୍ୟ ପାଇଁ ୨୦୧୮ରେ ୨ଟି ପର୍ଯ୍ୟାୟରେ ଟେଣ୍ଡର କରାଯାଇଥିଲା। ୨୦୧୮ ଡିସେମ୍ବରରେ ୭ କିଲୋମିଟର ରାସ୍ତା ପାଇଁ


ବନ୍ଧାଲୋ-ଏଣ୍ଡରପଦା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି।

୪ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟବରାଦହେବ ବୋଲି ବିଭାଗ ତରଫରୁ କୁହାଯାଇଥିଲା। ସେହିପରି ଏହାର ୨ୟ ଭାଗକୁ ୬ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଟେଣ୍ଡର କରାଯାଇଥିଲା। ରାସ୍ତା ନିର୍ମାଣ ପରେ ଏହା ଖାଲଖମାରେ ଭର୍ତ୍ତି ହୋଇ ଯାଇଥିଲା। ପରେ ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ମରାମତି ଆଳରେ ଗୁପ୍ତ ଟେଣ୍ଡର କରାଯାଇଥିଲା। ନିର୍ଦ୍ଦିଷ୍ଟ ଠିକାଦାରଙ୍କ ନାମରେ ଗୁପ୍ତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏପରି କି ଜଣେ ଜଣେ ଠିକାଦାରଙ୍କ ନାମରେ ଏକାଧିକ ଟେଣ୍ଡର ହୋଇଥିବା ସୂଚନା ଅଧିକାର ଆଇନବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ତଥ୍ୟ ମୁତାବକ, ୧୫।୨।୨୦୨୧ରେ ଠିକାଦାର ସସ୍ମିତା ସିଂହଙ୍କ ନାମରେ ୪ଲକ୍ଷ ୩୬ ହଜାର ୬୯ ଟଙ୍କା, ୨୫।୦୨।୨୧ରେ ୩ ଲକ୍ଷ ୮୯ ହଜାର ୭୧୮ ଟଙ୍କା, ୧୫।୦୭।୨୦୨୧ରେ ୪ ଲକ୍ଷ ୯୭ ହଜାର ଟଙ୍କା, ୧୪।୧୨।୨୦୨୧ରେ ୪ଲକ୍ଷ ୮୭ହଜାର ୪୮୨ ଟଙ୍କା, ୧୫।୧୨।୨୦୨୧ରେ ୪ଲକ୍ଷ ୮୫ହଜାର ୧୧୭ ଟଙ୍କା ବିଲ୍ ହୋଇଥିବା ଦର୍ଶାଯାଇଛି। ସେହିପରି ଦିବାକର ସାହୁଙ୍କ ନାମରେ ୧୫।୦୨।୨୦୨୧ରେ ୨ଲକ୍ଷ ୨ ହଜାର ୮୩୧ ଟଙ୍କା, ୧୨।୦୩।୨୦୨୧ରେ ୪ଲକ୍ଷ ୨୭ହଜାର ୭୨୨ ଟଙ୍କା, ୧୩।୦୩।୨୦୨୧ରେ ୧ ଲକ୍ଷ ୮୮ହଜାର ୫୭୨ ଟଙ୍କା, ୧।୧୧।୨୦୨୧ରେ ୯୬ ହଜାର ୪୧୩ ଟଙ୍କା, ୧୦।୧୧।୨୦୨୧ରେ ୪ ଲକ୍ଷ ୭୯ ହଜାର ୬୩୨ଟଙ୍କା, ୨୫।୧୧।୨୦୨୧ରେ ୨ ଲକ୍ଷ ୧୯ ହଜାର ୫୫୪ ଟଙ୍କା, ୧୦।୧୨।୨୦୨୧ରେ ୯୬ହଜାର ୭୨୧ ଟଙ୍କା, ୧୦।୦୧।୨୦୨୨ରେ ୪ଲକ୍ଷ ୮୭ହଜାର ୮୦ଟଙ୍କା ବିଲ୍ ହୋଇଥବା ଦର୍ଶାଯାଇଛି। ଶିଶିର କୁମାର ସ୍ୱାଇଁଙ୍କ ନାମରେ ୨୪।୦୨।୨୦୨୧ରେ ୧୧ଲକ୍ଷ ୪୭ହଜାର ୬୪୮ଟଙ୍କା, ଶ୍ରୀବତ୍ସ ବିଶ୍ୱାଳଙ୍କ ନାମରେ ୧୨।୦୩।୨୦୨୧ରେ ୨ଲକ୍ଷ ୮ହଜାର ୨୮୩ ଟଙ୍କା, ଅକ୍ଷୟ କୁମାର ଦାସଙ୍କ ନାମରେ ୦୭।୦୧।୨୦୨୨ରେ ୪ଲକ୍ଷ ୪୪ହଜାର ୯୪୨ ଟଙ୍କା, ୧୦।୦୧।୨୦୨୨ରେ ୪ଲକ୍ଷ ୭୬ହଜାର ୮୮୪ଟଙ୍କା, ୧୫।୦୩।୨୦୨୨ରେ ୪ଲକ୍ଷ ୮୨ହଜାର ୩୩୮ଟଙ୍କା, ସେହିଭଳି ପ୍ରଦୀପ୍ତ କୁମାର ବଳଙ୍କ ନାମରେ ୮।୦୭।୨୦୨୧ରେ ୪ ଲକ୍ଷ ୯୭ ହଜାର ଟଙ୍କା ଓ ୦୭।୦୧।୨୦୨୨ରେ ୪ଲକ୍ଷ ୮୦ହଜାର ୫୮୧ ଟଙ୍କା ବିଲ୍ ହୋଇଥିବା ଦର୍ଶାଯାଇଛି। ତେବେ ଏତେଟଙ୍କା ଖର୍ଚ୍ଚ ପରେବି ରାସ୍ତାର ୫ କିଲୋମିଟର ଯାତାୟାତ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଶୀଘ୍ର ଏହି ରାସ୍ତା ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯାଇ ଗମନାଗମନ ସୁବିଧା କରାଯିବ।

## ଆନ୍ତର୍ଜାତିକ ପ୍ରତିଯୋଗିତାରେ ସୋହମଙ୍କୁ ସ୍ୱର୍ଣ୍ଣ

ସିଂହପୁର,୧୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ପ୍ରକାଶ କୁମାର ମଲିକଙ୍କ ପୁଅ ସୋହମ ଜୁନ୍ ୨୭ରେ କାଠମାଣ୍ଡୁ ନେପାଳଠାରେ ଆୟୋଜିତ ସଂଗୀତ, ନୃତ୍ୟ ଓ କ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୩ରେ ଉନ୍ନତମାନର ନୃତ୍ୟ ପରିବେଷଣ କରି ଭାରତ ପାଇଁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ପୂର୍ବରୁ ମହାରାଷ୍ଟ୍ର ପୁନେଠାରେ ଆୟୋଜିତ ରାଜ୍ୟ ପରଫରମିଂ ଆର୍ଟ ଚାମ୍ପିୟନଶିପ୍ ୨୦୨୩ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାତେଇଥିଲେ, ଯାହାକି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ସୁଯୋଗ ଆଣି ଦେଇଥିଲା। ପରେ ଗୋଆଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ୨୦୨୩ରେ ଅଂଶଗ୍ରହଣ କରି ନୃତ୍ୟରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟପଦକ ହାସଲ କରିଥିଲେ। ନିରବଚ୍ଛିନ୍ନ ସାଧନା ଓ ଦୃଢ଼ ମନୋବଳ ଯୋଗୁ ସେ ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱର୍ଣ୍ଣପଦକ


ସୋହମ ମଲିକ

ବିଜେତା ହୋଇ ପାରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଇପିଏଫ୍ ଟଙ୍କା ଆତ୍ମସାତ: ଆକାଉଣ୍ଟାଣ୍ଟ ଅଟକ

କୁଜଙ୍ଗ,୧୭(ମନୋଜ ପ୍ରଧାନ)

ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭବିଷ୍ୟତନିଧି ପାଣ୍ଠି (ଇପିଏଫ୍) ଟଙ୍କା ହଡ଼ପ ଘଟଣାରେ ପଙ୍କପାଳସ୍ଥିତ କୁଜଙ୍ଗବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟଙ୍କୁ ଶନିବାର ସନ୍ଧ୍ୟାରେ କୁଜଙ୍ଗ ପୋଲିସ ରାହାମାରୁ ଉଠାଇ ଆଣି ଥାନାରେ ଅଟକ ରଖିଛନ୍ତି। ପ୍ରକାଶ ଯେ, ୨୦୦୧ ରୁ ୨୦୧୫ ପର୍ଯ୍ୟନ୍ତ ଜିଲା ପରିଷଦ ଶିକ୍ଷକ, ବ୍ଲକ ଗ୍ରାଣ୍ଟ ଶିକ୍ଷକ, ପାର୍ଟଟାଇମ ଶିକ୍ଷକ ଓ ଗଣଶିକ୍ଷକଙ୍କ ଇପିଏଫ୍ ଟଙ୍କାକୁ ହଡ଼ପ କରାଯାଇଥିବା ଜଣାପଡ଼ିବା ପରେ ସେମାନେ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ କର କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏହାପରରେ ସମ୍ପୃକ୍ତ ଆକାଉଣ୍ଟାଣ୍ଟ ପ୍ରାୟ ମାସେ ହେବ ବିନା ଛୁଟି ଦରଖାସ୍ତରେ କାର୍ଯ୍ୟାଳୟକୁ ଆସୁ ନ ଥିଲେ। ସେ ରାହାମା ନିକଟସ୍ଥ ତେରମାଣପୁର ଗ୍ରାମରେ ଥିବା ଖବରପାଇ କୁଜଙ୍ଗ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ନେଇଛନ୍ତି। ସମ୍ପୃକ୍ତ ଆକାଣ୍ଟାଣ୍ଟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଇପିଏଫ୍ ଟଙ୍କାକୁ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ନ କରି ଏକ ଘରୋଇ ସଂସ୍ଥାର ବ୍ୟାଙ୍କ ଖାତାରେ ଜମା କରୁଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ମାଲବାହୀ ଟ୍ରେନ ଇଞ୍ଜିନ ଲାଇନଚ୍ୟୁତ, ମରାମତି ପରେ ସ୍ୱାଭାବିକ

ପାରାଦୀପ,୧୭(ଶରତ ରାଉତ)

ପାରାଦୀପ ରଙ୍ଗିଆଗଡ ରେଲୱେ ଷ୍ଟେଶନଠାରୁ ସାମାନ୍ୟ ଦୂରରେ ଶନିବାର ଏକ ମାଲବାହୀ ଟ୍ରେନ ଇଞ୍ଜିନ ଲାଇନଚ୍ୟୁତ ହୋଇଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ତାକୁ ମରାମତି କରାଯାଇ ସନ୍ଧ୍ୟା ସୁଦ୍ଧା ଠିକ୍ କରାଯାଇଛି। ଉକ୍ତ ଟ୍ରେନ ପାରାଦୀପ ତୈଳ ବିଶୋଧନାଗାରରୁ ପେଟ୍‌କୋକ ବୋଝେଇ କରି ଯିବାବେଳେ ଏପରି ଘଟିଥିଲା। ଫଳରେ ଇଞ୍ଜିନର ୭ଟି ଚକା ଧାରଣା ବାହାରକୁ ଯାଇଥିଲା। ଏହି ଘଟଣାରେ ସେପରି କ୍ଷୟକ୍ଷତି ହୋଇନାହିଁ।


ଟ୍ରେନ୍ ଲାଇନକୁ ମରାମତି କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବରୁଣ


@ ଜ୍ଞାନ


@ ସୌମ୍ୟଶ୍ରୀଚନ୍ଦନ


@ ଉଦୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାବିଦ୍ୟାଳୟରୁ ନିଖୋଜ ଛାତ୍ରୀଙ୍କୁ ଠାବ କଲା ପୋଲିସ

ପାଣିକୋଇଲି,୧୭,(ବିକାଶ ମଲ୍ଲିକ):

■ ସରିଯାଇଛି ବିବାହ
■ ପରିବାର ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କଲା ପୋଲିସ

ପାଣିକୋଇଲିସ୍ଥିତ ଏକ ଆବାସିକ ମହାବିଦ୍ୟାଳୟରୁ ନିଖୋଜ ହୋଇଥିବା ଜଣେ ଛାତ୍ରୀଙ୍କୁ ଠାବ କରିବାରେ ପୋଲିସ ସକ୍ଷମ ହୋଇଛି। ହେଲେ ଛାତ୍ରୀ ଜଣଙ୍କ ବିବାହ କରିସାରିଛନ୍ତି। ସେ ସାବାଳିକା ହୋଇଥିବାରୁ ବିବାହ କରିବାର ଅଧିକାର ତାଙ୍କର ରହିଛି। ଅଭିଯୋଗରେ ଦର୍ଶାଯାଇଥିବା ପୁରୁଷ ବନ୍ଧୁଙ୍କୁ ସେ ବିବାହ କରିଥିବା ତାଙ୍କୁଠାବ ସମୟରେ ପୋଲିସ ଜାଣିବାକୁ ପାଇଛି। ସମ୍ପୃକ୍ତ ଛାତ୍ରୀ ହେଲେ ବାଲେଶ୍ୱର ସଦରଥାନା ଅନ୍ତର୍ଗତ ନୀଳବାଗ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଝିଅ ବର୍ଷାରାଣୀ। ତାଙ୍କ ମା'ବାପା ବିହାରରେ ରୁହନ୍ତି। ପରିବାରର ଅନ୍ୟମାନେ ଗାଁରେ ରୁହନ୍ତି। ବର୍ଷାରାଣୀ ପାଣିକୋଇଲିସ୍ଥିତ ଏକ ଆବାସିକ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ। ଗତ ମାସ ୨୨ ତାରିଖରେ ସେ ଗାଁରୁ ଆସି ମହାବିଦ୍ୟାଳୟ ହଷ୍ଟେଲରେ ରହିଥିଲେ। ହଷ୍ଟେଲ ଯାଞ୍ଚ ସମୟରେ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ହଷ୍ଟେଲ ଇନଚାର୍ଜ୍ୟ ଠାବ କରିଥିଲେ। ଯେଉଁଥିରେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସୂଚନା ମିଳିଥିଲା। ଫଳରେ ହଷ୍ଟେଲ୍ ପକ୍ଷରୁ ତାଙ୍କଠାରୁ ମୋବାଇଲ ଫୋନ୍‌କୁ ଛଡ଼ାଇ ନିଆଯାଇଥିଲା। ଗତ ବୁଧବାର ପାଣିକୋଇଲିରେ ଅନୁଷ୍ଠିତ ଏକ ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ହେଲେ ଦେହ ଭଲ ନାହିଁ କହି ବର୍ଷାରାଣୀ ହଷ୍ଟେଲରେ ରହିଥିଲେ। ମାତ୍ର ସମସ୍ତେ ଯିବା ପରେ ସେ ହଷ୍ଟେଲରୁ ବାହାରି ଯାଇଥିଲେ, ଯାହା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ଏନେଇ ମହାବିଦ୍ୟାଳୟ ଓ ପରିବାର ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯିବାପରେ ପୋଲିସ ଏକ ମାମଲା ନଂ.୩୬/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବର୍ଷାରାଣୀ ତାଙ୍କର ପୁରୁଷ ବନ୍ଧୁ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା କୋଳିଗାଁ ଗ୍ରାମର ଚନ୍ଦନ ମଲିକଙ୍କ ସହ ଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ପୋଲିସ ବାଲେଶ୍ୱରରେ ପହଞ୍ଚିବା ପରେ ବର୍ଷାରାଣୀ ଚନ୍ଦନଙ୍କୁ ବିବାହ କରି ସାରିଥିଲେ। ପୋଲିସ ଏକଥା ଜାଣିବା ପରେ ତାଙ୍କ ପରିବାର ଲୋକ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛି।

## ବରୀବାସୀଙ୍କୁ ନେଇ ମୁଁ ଗର୍ବିତ: ବିଧାୟିକା


ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ,୧୭(ମହେନ୍ଦ୍ର ସ୍ୱାଇଁ):

**ବିଭିନ୍ନ ସଂଗଠନ ପକ୍ଷରୁ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧନା**

ଏମ୍‌ଆଇଟି ୱାର୍ଲଡ ପିସ୍ ୟୁନିଭରସିଟି ପକ୍ଷରୁ ମୁମ୍ବାଇଠାରେ ଆୟୋଜିତ ଜାତୀୟ ବିଧାୟକ ସମ୍ମିଳନୀରେ ଦେଶର ଶ୍ରେଷ୍ଠ ୭୫ ଜଣଙ୍କ ମଧ୍ୟରେ ବରୀ ବିଧାୟିକା ସୁନନ୍ଦା ଦାସ ସ୍ଥାନ ପାଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ସେ ନିଜର ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତା ଯୋଗୁ ଚୟନ ହୋଇଥିବାରୁ ବରୀ ମାଉଣ୍ଡସ୍ଥିତ ପୁରୁଣା ତହସିଲ କାର୍ଯ୍ୟାଳୟ ନିକଟରେ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ନିର୍ବାଚନମଣ୍ଡଳୀ ଅଧୀନ ସୁଜନପୁରଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବିଧାୟିକାଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ଦଳର ଛାମୁଆ କର୍ମୀମାନେ ପାଛୋଟି ଆଣିଥିଲେ। ଏହି ଅବସରରେ ବିଧାୟିକା କହିଥିଲେ, ମୋ ବରୀ ମହାନ। ମୋ ମାଟି ମହାନ। ରକ୍ତ ତୀର୍ଥ ବରୀରେ ମୁଠାଏ ମାଟି ଚିପୁଡ଼ିଲେ ଆଞ୍ଜୁଳାଏ ରକ୍ତ ନିଗିଡ଼େ। ତେଣୁ ଏହି ମାଟିର ଦାୟାଦ ହିସାବରେ ମୁଁ ବରୀବାସୀଙ୍କୁ ନେଇ ଆଜି ଗର୍ବ ଅନୁଭବ କରୁଛି।

କାର୍ଯ୍ୟକ୍ରମରେ ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଦଳର ଜିଲା ସଭାପତି ସରୋଜକାନ୍ତ ମହାପାତ୍ର, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ରସୁଲପୁର ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ମହିଳା ବିଜେଡି ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥଶର୍ମା, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା ଓ ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ବିଧାୟିକାଙ୍କ ନାମ ସ୍ଥାନ ପାଇବା ବରୀ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତ ରଖିଥିଲେ। ଚାଳଘର ସାହିତ୍ୟ ସଂସଦ, ଅବସରପ୍ରାପ୍ତ ସେନାକର୍ମଚାରୀ, ବରୀ ବିଜୁ ଜନତା ଦଳ, ଆମ୍ବେଦକର ବିକାଶ ପରିଷଦ, ଓଡ଼ିଶା କୃଷକ ବିକାଶ ପରିଷଦ, ସେବା ନିବୃତ୍ତ କର୍ମଚାରୀ ସଂଘ, ଯାଦବ ମହାସଭା, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘ, ବରୀ ଗଜଲକ୍ଷ୍ମୀ ପୂଜାକମିଟି, ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ, ମା'ରମାଦେବୀ ଗୋପବନ୍ଧୁ ଆଶ୍ରମ ଏବଂ ବରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରସୁଲପୁର ବ୍ଲକ୍ ଉପାଧ୍ୟକ୍ଷା ଦାଶ ଧନ୍ୟବାଦ ଦେଇଥିଲେ।

## ଶିଳ୍ପାଞ୍ଚଳରୁ ଚାଲିଛି ଗଛ କଟା

କଳିଙ୍ଗନଗର,୧୭(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳ ଦିନେ ଘଞ୍ଚ ଜଙ୍ଗଲ ଥିଲା। କାଳକ୍ରମେ ଜନବସତି ପରେ ବିଭିନ୍ନ କଳକାରଖାନା ବସିଲା। ଏଥିନିମନ୍ତେ ହଜାର ହଜାର ଗଛ କଟାଗଲା ଏବଂ କିଛି ଚାରାରୋପଣ କରଗଲା, ଯାହାକି ପରିବେଶ ସନ୍ତୁଳନ ରକ୍ଷା ପାଇଁ ଆବଶ୍ୟକ ଥିଲା। ଶିଳ୍ପ ସଂସ୍ଥାମାନେ ନିଜ ଜମିର ୩୩ ପ୍ରତିଶତ ସ୍ଥାନରେ ଚାରାରୋପଣ କରିବାକୁ ବାଧ୍ୟତାମୂଳକ କରାଯାଇଛି। ମାତ୍ର କଳିଙ୍ଗନଗରରେ ସବୁଜିମା ସୃଷ୍ଟି କେବଳ କାଗଜକଲମରେ ସୀମିତ ରହିଛି। ଏବେ ବିଭିନ୍ନ ଆଳରେ ଶିଳ୍ପାଞ୍ଚଳରୁ ଚାଲିଛି ଗଛ କଟା। କେଉଁ ଶିଳ୍ପ ସଂସ୍ଥା କେତେ ଗଛ ଲଗାଇଛି ଓ ତନ୍ମଧ୍ୟରୁ କେତେ ଗଛ ବଞ୍ଚିଛି ତା'ର ତଥ୍ୟ ବନ ବିଭାଗ ପାଖରେ ନାହିଁ। କେବଳ ସମ୍ପୃକ୍ତ କାରଖାନାର ସୂଚନାକୁ ଫାଇଲରେ ରଖି ବନ ବିଭାଗ ଦାୟିତ୍ୱ ସମ୍ପାଦନ କରିଆସୁଛି। କାରଖାନା ବାହାରେ ମଧ୍ୟ ପ୍ରତିବର୍ଷ ବିପୁଳ ପରିମାଣର ଗଛ ଲଗାଯାଉଛି। ମାତ୍ର କେଉଁଠାରେ କେତେ ଗଛ ବଞ୍ଚିଲା କି କାଟି ନିଆଗଲା ତାହା ଦେଖିବାକୁ ମିଳୁନାହିଁ। ଶିଳ୍ପାଞ୍ଚଳରାସ୍ତାରେ ପଥପାର୍ଶ୍ୱ ବନୀକରଣ ପ୍ରହସନ ପାଲଟିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପରିବେଶ ନାମରେ ହେଉଥିବା ଚାରାରୋପଣକୁ ପରବର୍ତ୍ତୀ ସମୟରେ କୌଣସି ନା କୌଣସି କାରଣରୁ କାଟି ଦିଆଯାଉଥିବା ଦେଖାଯାଉଛି। ଶିଳ୍ପାଞ୍ଚଳରେ ଏପରି ଅନେକ ଉଦାହରଣ ଦେଖିବାକୁ ରହିଛି।



ରାସ୍ତା ନିର୍ମାଣ, ପାଇପ ବିଛାଇବା, ଟାୱାର ବସାଇବା, ପାଣି ଟାଙ୍କି ତିଆରି ଓ ପାର୍କିଂ ପାଇଁ ହଜାରହଜାର ସଂଖ୍ୟାରେ ଗଛ ବଳି ପଡୁଛି। ୧୦ ବର୍ଷ ତଳେ ଡୁବୁରୀ-ମିଲିଟାରୀ ଛକର ଜିନ୍ଦଲ କାରଖାନା ପାର୍ଶ୍ୱରେ ବନୀକରଣ କରାଯାଇଥିଲା। ୪ ବର୍ଷ ତଳେ ଦୁଇଟି ବିଦ୍ୟୁତ୍ ଟାୱାର ବସାଇବା ପାଇଁ ସେଠାରେ ଜଣେ ଠିକାଦାର ବିପୁଳ ଗଛ କାଟି ଦେଇଥିଲେ। ଠିକ ସେହି ଭାବେ ପୁଣି ସେହି ପାର୍ଶ୍ୱରେ ଦୁଇଟି ବିଦ୍ୟୁତ୍ ଟାୱାର ସ୍ଥାପନ ପାଇଁ ଶତାଧିକ ଗଛକୁ ଠିକାଦାର କାଟି ଦେଇଥିବା ଦେଖିବାକୁ ମିଳିଛି। ପ୍ରମାଣ ନଷ୍ଟ ପାଇଁ ଗଛର ମୂଳକୁ ମଧ୍ୟ ଖୋଳି ବାହାର କରି ଦିଆଯାଇଛି। ଏ ସମ୍ପର୍କରେ ଟମକା ବନାଞ୍ଚଳ ଅଧିକାରୀ ଶଶିଭୂଷଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଗଛକାଟିବାକୁ କେତେ ସଂସ୍ଥା ଅନୁମତି ନେଇଛନ୍ତି ସେ ସମ୍ପର୍କରେ ତଥ୍ୟ ଖୋଜା ଚାଲିଛି। ତେବେ ଆଗକୁ କିପରି ଗଛ ସୁରକ୍ଷିତ ରହିବ ସେ ସମ୍ପର୍କରେ ଆମେ ଉଦ୍ୟମ କରୁଛୁ ବୋଲି ସେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସ୍ୱଳ୍ପ ବୃକ୍ଷ କାଟିବାକୁ ଅନୁମତି ଆଣି ବହୁ ବୃକ୍ଷ କଟାଯାଉଛି, ଯାହାକି ସାଧାରଣ ଲୋକ କିଛି ବୁଝି ପାରୁନାହାନ୍ତି।

# ବ୍ୟବଚ୍ଛେଦ ନ କରି ନେଇ ଯାଉଛନ୍ତି ମୃତଦେହ

ନୟାଗଡ଼,୧୭(ଲୋକନାଥ ମିଶ୍ର)


ଏକ ମୃତଦେହକୁ ସମ୍ପର୍କୀୟମାନେ ବାଇକ୍‌ରେ ନେଉଛନ୍ତି।

- ଖର୍ଚ୍ଚରୁ ମୁକ୍ତି ପାଇଁ ବାଇକ୍‌ରେ ବୁହାଯାଉଛି
- କାର୍ଯ୍ୟାନୁଷ୍ଠାନ,ବ୍ୟବସ୍ଥା ନ ଥିବାରୁ ବଢୁଛି ଅବ୍ୟବସ୍ଥା
- ୧୦ ଦିନରେ ନେଇଗଲେଣି ୨ ମୃତଦେହ
- ଡିଏଚ୍‌ଏଚ୍‌ରେ ଫାଣ୍ଡି ଥାଇ କାମରେ ଲାଗୁନି

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ବ୍ୟବଚ୍ଛେଦ ନ କରି ମୃତଦେହଗୁଡିକୁ ଜୋରଜବରଦସ୍ତ ଘରକୁ ନେଇ ଯାଉଛନ୍ତି। ଖର୍ଚ୍ଚରୁ ମୁକ୍ତି ପାଇଁ ମୃତଦେହଗୁଡିକୁ ବାଇକ୍‌ରେ ନେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କାର୍ଯ୍ୟାନୁଷ୍ଠାନ ନ ଥିବାରୁ ୧୦ ଦିନ ମଧ୍ୟରେ ୨ଟି ଘଟଣା ଘଟି ସାରିଲାଣି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାଣ୍ଡି ରହିଥିଲେ ବି କିଛି ସୁଫଳ ମିଳୁନି। ଏଥିରେ ରୋକ୍ ଲାଗୁ ନ ଥିବାରୁ ମୃତଦେହ ବାଇକ୍‌ରେ ନେବା ଓ ବ୍ୟବଚ୍ଛେଦ ନ କରି ନେଇ ଯିବା ଘଟଣା ଚିନ୍ତାର କାରଣ ପାଲଟିଲାଣି। ଗତ ୨୩ ତାରିଖରେ ଇଟାମାଟି ଥାନା ଚମ୍ପତିପୁର ଅଞ୍ଚଳରେ ଟ୍ରାକ୍ଟର ଓଲଟି ରାଜା ସିନ୍ଦୁରା(୧୫) ନାମକ ଜଣେ ନାବଳକଙ୍କ ମୃତ୍ୟୁ ଘଟିଥିଲା। ରାଜା ଟ୍ରାକ୍ଟର ସହ ଲଙ୍ଗଳ ନେଇ ବିଲ ଚାଷ କରି ଫେରୁଥିଲେ। ଗାଁ ନିକଟସ୍ଥ ବନ୍ଧରେ ଆସୁଥିବାବେଳେ ଟ୍ରାକ୍ଟର ଓଲଟି ପଡିଥିଲା। ନାବାଳକ ଚାଳକ ଟ୍ରାକ୍ଟର ତଳେ ରହି ଗୁରୁତର ହୋଇଥିଲେ। ରାଜାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଡାକ୍ତର ବ୍ୟବଚ୍ଛେଦ କରିବାକୁ କହୁଥିବାବେଳେ ପରିବାର ଲୋକ ମୃତଦେହ ନେଇ ପଳାଇ ଯାଇଥିଲେ। ସେହିଭଳି ଗତ ୧୪ ତାରିଖରେ ନବଘନପୁର ଗାଁର ପଞ୍ଚୁ ବେହେରା(୯୦) ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହକୁ ବାହାରକୁ ନେବା ପାଇଁ କହିଥିଲେ। ଆମ୍ବୁଲାନ୍ସ ମୃତଦେହ ୧୮୦୦ ଟଙ୍କାରେ ନେବା ପାଇଁ କହିବା ପରେ ପରିବାର ଲୋକ ବାଇକ୍‌ରେ ମୃତଦେହ ନେଇ ଚାଲି ଯାଇଥିଲେ। ଏଭଳି ବିଭିନ୍ନ ସମୟରେ ମୃତଦେହକୁ ବ୍ୟବଚ୍ଛେଦ ନ କରାଇ ନେଇ ଯାଉଛନ୍ତି ସମ୍ପର୍କୀୟ । ମୃତଦେହ ବ୍ୟବଚ୍ଛେଦ ଗୃହକୁ ଗଲା କି ଅନ୍ୟ କିଏ ଗାଏବ କଲା ଡାକ୍ତର, ଚିକିତ୍ସାଳୟ ମ୍ୟାନେଜର, ହେଲପ ଡେସ୍କ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଜାଣି ପାରୁ ନାହାନ୍ତି। ନବଘନପୁର ଘଟଣାରେ ମୃତଦେହ ବାଇକ୍‌ରେ ଯାଇ ଘରେ ପହଞ୍ଚିଥିଲେ ମଧ କେହି ଜାଣି ପାରି ନ ଥିଲେ। ଚିକିତ୍ସାଳୟରେ ଯେ କେହି ମଲେ ତା'ର ବ୍ୟବଚ୍ଛେଦ ହେବାର ନିୟମ ରହିଛି। ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ ମୃତ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟଙ୍କୁ ଅବଗତ କରାଇବାର ନିୟମ ରହିଛି। ତେବେ ନିୟମ ଶୀତଳଭଣ୍ଡାରରେ ରହି ଯାଉଥିବାରୁ ଅବ୍ୟବସ୍ଥା ବଢ଼ି ଚାଲିଛି। ଏନେଇ ନୟାଗଡ଼ର ସାମାଜିକକର୍ମୀ ବିଭୂତି ପଟ୍ଟନାୟକ କୁହନ୍ତି, ବ୍ୟବଚ୍ଛେଦ କଲେ ଝାମେଲା ରହୁଛି। ବ୍ୟବଚ୍ଛେଦ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ପୁଣି ଏଥିରେ ମୃତକ ପରିବାର ଅଯଥାରେ ଖର୍ଚ୍ଚାନ୍ତ ହେଉଛି। ପୁଣି ଆମ୍ବୁଲାନ୍ସରେ ମୃତଦେହ ନେଇ ୨ହଜାରୁ ଆରମ୍ଭ ଖର୍ଚ୍ଚ। ମୃତକ ପରିବାର ଅଯଥା ଖର୍ଚ୍ଚରୁ ବର୍ତ୍ତିବା ଓ ଟେନଶନରୁ ମୁକ୍ତି ପାଇଁ ଘରକୁ ବାଇକ୍‌ରେ ନେବାକୁ ଶ୍ରେୟ ମନେ କରୁଛନ୍ତି। ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଇବାର ତରିକା ନ ବଦଳାଇଲେ ବାଇକ୍‌ରେ ମୃତଦେହ ବୋହିବା ଓ ମନଇଚ୍ଛା ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ରରୁ ନେବା ଘଟଣା ବଢ଼ିବ ସନ୍ଦେହ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଧାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା କୁହନ୍ତି, ସବୁ ମୃତଦେହ ବ୍ୟବଚ୍ଛେଦ କରାଇଲେ ଟେନଶନ ବଢ଼ିବ। ଯେଉଁମାନେ ବ୍ୟବଚ୍ଛେଦ କରିବାକୁ ଆଗ୍ରହୀ ନୁହନ୍ତି ସମ୍ପୃକ୍ତ ପରିବାରକୁ ମୃତଦେହ ହସ୍ତାନ୍ତର ହେଉଛି। ତେବେ ମୃତ୍ୟୁରେ ସନ୍ଦେହ ହେଲେ ଅଥବା ଅଭିଯୋଗ ଥିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି କହିଛନ୍ତି ।

# ରତ୍ନବେଦିରେ ଶ୍ରୀଜିଉ

ଖଣ୍ଡପଡ଼ା,୧୭(ଅଜୟ କୁମାର ମହାରଣା): ଖଣ୍ଡପଡ଼ାରେ ୯ଦିନ ବ୍ୟାପି ଘୋଷଯାତ୍ରା ଓ ବାହୁଡ଼ା ଯାତ୍ରା ଶେଷପରେ ବିଗ୍ରହମାନେ ମନ୍ଦିରକୁ ଫେରିଛନ୍ତି । ଶୁକ୍ରବାର ରାତି ୧୧ଟାରେ ରଥାରୁଢ଼ ବିଗ୍ରହମାନଙ୍କୁ ସେବକମାନେ ପହଣ୍ଡି ବିଜେ କରାଇ ମନ୍ଦିରକୁ ନେଇଥିଲେ। ରତ୍ନବେଦୀରେ ଶ୍ରୀଜୀଉ ପହଞ୍ଚିବା ପରେ ସମସ୍ତ ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ବୋଲି ମନ୍ଦିର ସେବକ ସମାଜ ସୂତ୍ରରୁ ପ୍ରକାଶ। ସେହିପରି ଖଳିସାହି, ମର୍ଦ୍ଦରାଜପୁର ଓ କୁମ୍ଭାରପଡ଼ା ଠାରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା ପରେ ବିଗ୍ରହମାନେ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି।



# ଅଫିସ ଆସିବାକୁ ନିର୍ଦ୍ଧାରିତ ସମୟ ନାହିଁ

ନୂଆଗାଁ,୧୭(ଧନେଶ୍ୱର ସାହୁ)




## ମନଇଚ୍ଛା ଅଫିସ ଆସୁଛନ୍ତି ଅଧିକାଂଶ ବ୍ଲକ କର୍ମଚାରୀ

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟକୁ କର୍ମଚାରୀମାନେ ସକାଳ ୧୦ଟାରେ ପହଞ୍ଚି କାର୍ଯ୍ୟାରମ୍ଭ କରିବାର ନିର୍ଦ୍ଦେଶ ରହିଛି। କିନ୍ତୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଦିନ ୧୧ଟା ସୁଦ୍ଧା କର୍ମଚାରୀଙ୍କ ଦେଖା ମିଳୁନି। ଫଳରେ କୌଣସି କାମରେ ଆସି ଲୋକେ ହଇରାଣ ହେଉଛନ୍ତି । ଶୁକ୍ରବାର ଦିନ ୧୧ଟା ପର୍ଯ୍ୟନ୍ତ ଅଧିକାଂଶ କର୍ମଚାରୀ ଆସି ନ ଥିବା ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ ସରକାରଙ୍କ ଆଇନ୍ କାନୁନରେ ପରିଚାଳିତ ନ ହୋଇ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଇଚ୍ଛା ମୁତାବକ ଚାଲୁଥିବା ଅଭିଯୋଗ ହେଉଛି। ସମସ୍ତ ସରକାରୀ କର୍ମଚାରୀମାନେ ସକାଳ ୧୦ରେ କାର୍ଯ୍ୟାଳୟରେ ପହଞ୍ଚି ନିଜର କାର୍ଯ୍ୟାରମ୍ଭ କରିବେ। ଏଥିରେ ଯେଭଳି ବ୍ୟତିକ୍ରମ ନ ହେବ ସେଥିପାଇଁ କାର୍ଯ୍ୟାଳୟରେ ଉପସ୍ଥାନ ପକାଇବାର ବ୍ୟବସ୍ଥା କରାଯିବା ସହ ବାଇଓମେଟ୍ରିକ ମେଶିନ ମଧ୍ୟ ଲଗା ଯାଇଛି। ତେବେ ଏତେ ସବୁ ପରେ ବି କୌଣସି ନିୟମ କାନୁନକୁ ଖାତିର ନ କରି କର୍ମଚାରୀମାନେ ନିଜ ଇଚ୍ଛାରେ କାର୍ଯ୍ୟାଳୟ ଆସୁଛନ୍ତି। ଏପରି କି ଦିନ ୧୧ଟା ସୁଦ୍ଧା ଅନେକ କର୍ମଚାରୀ ଆସି ନ ଥିବା ଦେଖିବାକୁ ମିଳୁଛି। ଗୁରବାର ଭତ୍ତା ସମ୍ପର୍କିତ କୌଣସି କାର୍ଯ୍ୟରେ ଦୁର୍ଦ୍ଧୁରା ପଞ୍ଚାୟତର କେତେଜଣ ଲୋକ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସାମାଜିକ ସୁରକ୍ଷା ବିଭାଗକୁ ଆସିଥିଲେ, କିନ୍ତୁ ୧୦.୪୫ ସୁଦ୍ଧା ଅଫିସ୍‌କୁ କେହି ନ ଆସିବାରୁ ବାରଣ୍ଡାରେ ଲୋକେ ଅପେକ୍ଷା କରିଥିଲେ। ସେହିପରି ପ୍ରତିଷ୍ଠାନ ଉପବିଭାଗ (ଏଷ୍ଟାବ୍ଲିସମେଣ୍ଟସେକ୍ସନ) ଖୋଲା ଥିଲେ ମଧ୍ୟ ଅଧିକାରୀ ନ ଥିଲେ। ବୈଷୟିକ ବିଭାଗ ଓ ମଙ୍ଗଳ ବିଭାଗ ଅଧିକାରୀ ୧୧ ଟା ସୁଦ୍ଧା ଆସି ନ ଥିଲେ। ବ୍ଲକର ମୂଖ୍ୟ କିରାଣୀଙ୍କ ପ୍ରକୋଷ୍ଠ ଖୋଲା ଥାଇ ଫ୍ୟାନ ବୁଲୁଥିଲେ ମଧ୍ୟ ଚେୟାର ଖାଲି ପଡିଥିଲା। ତେବେ ମୂଖ୍ୟ କିରାଣୀ କୌଣସି କାର୍ଯ୍ୟରେ ମୁଖ୍ୟାଳୟକୁ ଯାଇଥିବା ସୂଚନା ମିଳିଥିଲା। ବିଡିଓ ନୂଆଗାଁ ବ୍ଲକ ସଂପର୍କିତ କୌଣସି କାର୍ଯ୍ୟରେ କଟକ ଯାଇଥିବା ବେଳେ କର୍ମଚାରୀମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ସାଧାରଣଙ୍କ ଲୋକଙ୍କୁ ହଇରାଣ ହେବାକୁ ପଡିଥିଲା। କେତେଜଣ କର୍ମଚାରୀ ଘରେ ରହି ଫିଲଡ କାମରେ ଯାଇଥିବା ଦର୍ଶାଉଛନ୍ତି। ନୂଆଗାଁ ବିଡିଓଙ୍କ ସରଳତାର ସୁଯୋଗ ନେଇ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତେବେ ବିଡିଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସେ କଲେ କିଛି ଫରକ ପଡିବନି ବୋଲି ଜଣେ କର୍ମଚାରୀ କହୁଛନ୍ତି । କର୍ମଚାରୀ ଠିକ ସମୟରେ କାର୍ଯ୍ୟାଳୟକୁ ନ ଆସିବା ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଯେଉଁମାନେ ବିଳମ୍ବରେ ଆସୁଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ବନ ମହୋତ୍ସବ, ୫୦ ବଉଳ ଚାରା ରୋପଣ


ବନ ମହୋତ୍ସବରେ ବଉଳ ଚାରା ରୋପଣ କରାଯାଉଛି।

ଓଡ଼ଗାଁ,୧୭(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବନାଞ୍ଚଳ ଆନୁକୂଲ୍ୟରେ ଶନିବାର ୭୪ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରଘୁନାଥ ବିଦ୍ୟାପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ନବମ ଦଶମ ଶ୍ରେଣୀ ଛାତ୍ର ଅଂଶ ଗ୍ରହଣ କରିଥିଲେ। ପିଲାମାନେ ବନ କର୍ମଚାରୀଙ୍କ ସହାୟତାରେ ଗାତ ଖୋଳି ସ୍କୁଲ ପରିସରରେ ୫୦ ଔଷଧୀୟ ବଉଳ ଚାରା ରୋପଣ କରିଥିଲେ । ଛାତ୍ରମାନେ କ୍ଲାସ ଅନୁସାରେ ଏସବୁ ଚାରାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିଥିଲେ। ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ, ବନପାଳ ସନ୍ଧ୍ୟାରାଣୀ ନାୟକ, ବନରକ୍ଷୀ ସୌମ୍ୟରଞ୍ଜନଙ୍କ ସମେତ ବାଣପୁର ବନ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

# ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭାପୁର,୧୭(ଭରତ କୁମାର ବେହେରା): ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ କିସ୍ମତ କେନ୍ଦୁପଲ୍ଲୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ମା'ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏହି ମନ୍ଦିରର ପ୍ରତିଷ୍ଠାତା କେନ୍ଦୁପଲ୍ଲି ଗ୍ରାମର ଗୌରହରୀ ପଣ୍ଡାଙ୍କ ଉଦ୍ୟମ କ୍ରମେ ଅଞ୍ଚଳର ଭାଗବତ ପ୍ରେମୀ ତଥା ଶ୍ରୀରାମ ମନ୍ଦିରର ସଭ୍ୟାସଭ୍ୟ ଯୋଗଦେଇଥିଲେ। ପଣ୍ଡିତ ରଘୁନାଥ ଦାଶ ଏବଂ ପଣ୍ଡିତ ଦୁର୍ଯ୍ୟୋଧନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ମନ୍ତ୍ର ଉଚ୍ଚାରଣ କରି ଏହି ନୂତନ ମନ୍ଦିର ପ୍ରତିଷ୍ଠା ତଥା ବିଗ୍ରହ ସ୍ଥାପନା କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ବିଭିନ୍ନ ନାମ ସଂକୀର୍ତ୍ତନ ଉତ୍ସବ ଦିନଭରି ଚାଲୁ ରହିଥିଲା। ଗୋବିନ୍ଦପୁର, ଗେଡ଼ିଆପଲ୍ଲୀ, କୋହ୍ଲୁଆ ଏବଂ ପଣ୍ଡାଲମ ଆଦି ଗ୍ରାମର ବହୁ ସାଧୁ ସନ୍ଥ ଏଥିରେ ଯୋଗଦେଇଥିଲେ। ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ।


ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥ।

# ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା

ଖଣ୍ଡପଡ଼ା,୧୭
(ଅଜୟ କୁମାର ମହାରଣା)


ନିଜର ଭଙ୍ଗାକୁଡିଆ ସାମନାରେ ସେବତୀ ନାଏକ।

- ଭଙ୍ଗା ଚାଳ ଛପର ଉପରେ ପଲିଥିନ
- ତଥାପି ବି ମହିଳାଙ୍କୁ ମିଳୁନି ଆବାସ

କେନ୍ଦ୍ର ହେଉ ଅବା ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରି ବିକାଶର ପ୍ରଚାର କରୁଥିବା ବେଳେ ତାହା ପ୍ରକୃତପକ୍ଷେ ତୃଣମୂଳସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ସେଥିପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଜନସାଧାରଣଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେଉଛନ୍ତି । ମାତ୍ର ତୃଣମୂଳସ୍ତରରେ ଏହି ଯୋଜନାର ସୁଫଳ ରୁପାୟନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତ ଜନ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ହେଉ ଅବା ପ୍ରଶାସନିକ ଅଧିକାରୀମାନଙ୍କ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟ ଯୋଗୁ ବହୁ ଗରିବ ଜନସାଧାରଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଖଣ୍ଡେ ପାଇବାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ଅଧୀନ ବରଡାବାରୀ ଗ୍ରାମର ସେବତୀ ନାଏକ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି । ଅଭାବ ଅନଟନରେ ୫ ପ୍ରାଣୀ କୁଟୁମ୍ବଙ୍କୁ ଧରି ସେବତୀ କର୍ମକୁ ଆଦରି ଏକ ନୂଆଣିଆଁ ଚାଳ ଛପର ଘରେ ରହିଛନ୍ତି । ପ୍ରତିବର୍ଷ ଘରର ଚାଳ ଛପର କରିବା ପାଇଁ ଅର୍ଥର ଅଭାବ ହେତୁ ଚାଳ ଛପର ଉପରେ ଏକ ପଲିଥିନ ପକାଇ ସେବତୀଙ୍କ ପରିବାର ବାସ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ନିମନ୍ତେ ସେବତୀଙ୍କ ନାମ ହିତାଧିକାରୀ ତାଲିକାରେ ଗତ ୪ ବର୍ଷ ଧରି ଗଡୁଥିବା ବେଳେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ତାଙ୍କ ନାମ ବାଦ ଦିଆଯାଇଛି। ଏ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସେ ଖଣ୍ଡପଡ଼ା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସରପଞ୍ଚ ଫକୀର ଚରଣ ଦାସଙ୍କ ସହ ଯୋଗାଯୋଗ କରିବାରେ ଆବାସ ଯୋଜନା ପାଇଁ ୮୪ ହିତାଧିକାରୀଙ୍କ ଟାର୍ଗେଟ ରହିଥିବା ବେଳେ ମାତ୍ର ୫୫ ଜଣ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇଛି । ସେବତୀଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ ସରପଞ୍ଚ ଦାସ ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ବିଡିଓ ସୂଚନା ଦେଇଥିବା ସେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଅଭିଯୋଗର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବରୁଣ


@ ଜ୍ଞାନ


@ ସୌମ୍ୟଶ୍ରୀଚନ୍ଦନ


@ ଉଦୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁମ୍ଭାରପଡ଼ାରେ ବନ ମହୋତ୍ସବ ପାଳିତ

ଖଣ୍ଡପଡ଼ା,୧୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରପଡା ପଞ୍ଚାୟତ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଶନିବାର ୭୪ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ । ପରେ ପ୍ରଧାନଶିକ୍ଷ ପରୀକ୍ଷିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମ୍ମାନୀତ ଅତିଥି ନରେନ୍ଦ୍ର ନାଥ ଦାଶ ଓ ସ୍କୁଲ ପରିଚାଳନା କମିଟି ସଭ୍ୟ ଏବଂ ବନ ବିଭାଗ କର୍ମଚାରୀମାନେ ଯୋଗଦେଇ ଗଛଠାରୁ ତ୍ୟାଗ ଓ ସମର୍ପଣ ଭାବ ଆମେ ମାନେ ଶିଖିବା ଉଚିତ୍ । ବିକାଶର ଧାରା ପରିବର୍ତ୍ତନ କରିବାକୁ ହେଲେ ଚାରା ରୋପଣ ଦିଗରେ ସମସ୍ତ ଜନସାଧାରଣ ଆଗେଇ ଆସିଲେ ପରିବେଶ ସୁରକ୍ଷା ହେବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱକୁ ସଚେତନତାର ବାର୍ତ୍ତା ଦେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବନ କର୍ମଚାରୀଙ୍କ ସହାୟତାରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଥିଲା। ତେବେ ଆଗାମୀ ଦିନରେ କୁମ୍ଭାରପଡ଼ାରୁ ଢୋଲମରା ଓ କୁମ୍ଭାରପଡ଼ାଠାରୁ ଜାକଲୋ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ ପାଇଁ ସରପଞ୍ଚ ପଣ୍ଡା ଦାବି କରି ଥିବା ବେଳେ ବର୍ଷା ଋତୁ ପରେ ଉକ୍ତ ରାସ୍ତା କଡରେ ଚାରା ରୋପଣର ବ୍ୟବସ୍ଥା କରାଯିବ ବୋଲି ଉପସ୍ଥିତ ବନ କର୍ମଚାରୀମାନେ ସହମତି ପ୍ରକାଶ କରିଥିଲେ ।


ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି।

**ଓଡ଼ିଆ ସବୁଜ ସାହିତ୍ୟର ମହାରଥୀ କାଳିନ୍ଦୀଚରଣ ପାଣିଗ୍ରାହୀ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ଜାତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ପଦ୍ମଭୂଷଣ' ସମ୍ମାନରେ ଭୂଷିତ। ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ୨ ଜୁଲାଇ ୧୯୦୧ ରେ ଜନ୍ମିତ କାଳିନ୍ଦୀ ଥିଲେ ଜଣେ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ। ଏଠାରେ ତାଙ୍କ ସାହିତ୍ୟର କେତେକ ସ୍ମରଣୀୟ ପଂକ୍ତି ଉଦ୍ଧାର କରାଗଲା ତାଙ୍କ ପବିତ୍ର ଜୟନ୍ତୀ ଅବକାଶରେ...।**


କାଳିନ୍ଦୀଚରଣ ପାଣିଗ୍ରାହୀ

❑''କେଉଁ ନାମ ଧରି ଡାକିବୁ ତୁମକୁ?
ତୁମେଯେ ସର୍ବନାମ
କେଉଁ ନାମ ଧରି ଡାକିବୁ ତୁମକୁ?
ତୁମେଯେ ସର୍ବନାମ
କେଉଁ ନାମ ଧରି...
ଆଲୋକ ତୁମକୁ ନପାରେ ଦେଖାଇ
ଆଲୋକ ତୁମକୁ ନପାରେ ଦେଖାଇ
ତୁମେ ଯେ ଦେଖାଅ ତାହାରେ ...।
(ଜନାଦୃତ ଭକ୍ତି ସଙ୍ଗୀତ, ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶିତ 'ସିନ୍ଦୂରବିନ୍ଦୁ' ଚଳଚ୍ଚିତ୍ରରେ ସ୍ଥାନିତ)।

❑ହେ ପାଷାଣ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ;
ଏ ମର୍ତ୍ତ୍ୟ ଭୁବନ
ମୋ' ସ୍ନେହ-ସଦନ,
ଏ ଧରଣୀ ସୁଖ ମଣି।''
(କବିତା'ପୁରୀ ମନ୍ଦିର')

❑''ମଣିଷ'', ''ମଣିଷ'' ଶୁଭିଲା ଦୂରରୁ ଡାକ..
ଦୁନିଆର ଯେତେ ଦଳିତ ପୀଡ଼ିତଯାକ
ସ୍ପନ୍ଦନ ସେହି ପୁଲକ ପରାସ ରେଖା
ବନ୍ଧୁ ର ପଥେ ବନ୍ଧୁ ସେ ମୋର ଏକା।
(କବିତା 'ଛୁରିଟିଏ ଲୋଡ଼ା')

❑'' ମଣିଷ ଭିତରେ ଧାର୍ମିକ ବୋଲି ଶୁଣିଲି ଯାହାର ନାମ
ବଳିଲା ବାସନା ନିକଟକୁ ଯାଇ ଦେଖିବା ପାଇଁ ତା' କାମ,
ଦେଖିବା ପାଇଁ ତା ରୀତି ଆଚରଣ ଖୋଲି ତା' ଧରମ ଝୁଲି
ଦୁଃଖ ଆସିଲା ଚାବୁକ ଖଣ୍ଡେ ଆଣିବାକୁ ଗଲି ଭୁଲି।
(କବିତା 'ଯାଦୁଘର')

❑ଯାଅବୀର ରଣେ ଧରଣୀବକ୍ଷୁ
ପାପରାଶି ହେଉ କ୍ଷୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ।
(କବିତା'ଗାନ୍ଧାରୀର ଆଶୀର୍ବାଦ')

❑ଜୀବନ ପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ?– ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା!
(କବିତା'ଅମର ଆଶା')

❑ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(କବିତା'ପାସୋରି ଦେଲିରେ ଶିମୁଳିପାଳ')

❑କବିତା ଗଢ଼େଁ ଏକ ବିରାଟ ସମାଜର
ସବୁରି ପାଇଁ ଯହିଁ ବଖରେ ହେଲେ ଘର।
ସକଳେ ଲଭିବାକୁ ମୁଠାଏ ଦୁଧଭାତ
ଯୋଗ୍ୟ ଯେତେ ଯହିଁ ବାଳକ ବାଳିକା ତ
ଦୁଇଟା ଲୁଗା ଜାମା ସବୁରି ପାଇଁ ମିଳେ
ପଢ଼ିବା ପାଇଁ ବାଧା କାହାରି ନାହିଁ ତିଳେ। (କବିତା'ଆଗାମୀ')

❑କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତିତୀର କୋଳେ ରବି ଖସଇ।
କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲି ଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ-ଠାଣିରେ।
(କବିତା'ଶରତ୍-ସନ୍ଧ୍ୟା')

❑ଖୁସି ହୁଏଁ ଦେଖି ଏ ଜଗତ
ଆକାଶ ସାଗର ଗିରି ଭୂଇଁ
ସକଳର କେନ୍ଦ୍ର ରୂପେ କିନ୍ତୁ,
ଏ ଦେହକୁ ଭଲ ପାଏଁ ମୁହିଁ।
(କବିତା'ଏ ଦେହକୁ ଭଲ ପାଏଁ ମୁହିଁ')

❑ମଧ୍ୟାହ୍ନ କୋଳେ ଜଳି ଉଠେ ଯେବେ
ତୃଷାର ହୁତାଶ-ଶିଖା
ତପତ ଆଖିରେ ନାଚି ଉଠୁ ଦୂରେ
ତୃପ୍ତିର ମରୀଚିକା।
ମଳିନ ଗୋଧୂଳି-ଲଗନେ ଉଦାସ
ମାନସ ନ ହେଉ ଭାଳି,
ପରଦିନ ଉଷା-ପଥେ ଚାହିଁ ରହୁ
ଆଶାର ଜାଗର ଜାଳି।
(କବିତା'ଜାଗ୍ରତ ଆଘାତ')

❑''କ୍ଷଣିକ ଆଘାତ ଆସେ କ୍ଷଣ ପରେ
ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ
ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।
(କବିତା'ସୃଜନ ବ୍ୟଥା')

❑ତରୁଣ ମନ କଥା
କରୁଣ ମର୍ମ ବ୍ୟଥା
କହିବି କାହା ଆଗେ
ଦୁଃଖ ପ୍ରସଙ୍ଗ ପ୍ରଥା
ଶୀତ ଗରାସେ ମୋର ସୁଖ ଶରତରେ
ମୁଁ ଏକାକୀ ପଥରେ।
(କବିତା 'ଏକାକୀ ପଥରେ')

❑ନୁହଇ ଧରମ ସେ ତ ଧରମର
ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା'ର
ଅପର କାରଣ।
(କବିତା 'ପ୍ରାଚୀନ ଓ ନବୀନ')

❑ସମୟର ସୀମା ବାନ୍ଧି, ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ! ଘେନାକର ମୋର ନମସ୍କାର!
(କବିତା'ଜଡ଼-ଦର୍ଶନ')

❑ଧନ ସମ୍ପତ୍ତିରେ ସବୁ କିଣା ହୁଏ ରେ ବାପ, ପୁଣ୍ୟ କିଣା ହୁଏ ନାହିଁ। ଟଙ୍କା ଦେଇ ଟିକିଟି କିଣି କରି ବୈକୁଣ୍ଠକୁ ଯିବାର ଉପାୟ ନାହିଁ। ପୁଣ୍ୟ କିଣେ ଖାଲି ମଣିଷ ପଣିଆରେ ବାପ! ଯେଉଁଠି ଯେତେ ମଣିଷପଣିଆ କମ୍‌ତି, ସେଠି ବାପ ସେତିକି ବେଶି।''
(ଉପନ୍ୟାସ 'ମାଟିର ମଣିଷ')

❑ଛି ଛି ସଂସାରଟାରେ କ'ଣ କେବଳ ସବଳ ଦୁର୍ବଳକୁ ଅଧୀନ ରଖି, ଆତ୍ମସାତ୍ କରି ଉଦରସାତ୍ କରି ଜୀବନ ଧାରଣ କରିବାକୁ ଜାତ ହେଇଛି। ଜଣେ ବଞ୍ଚିବ ବୋଲି ଆଉ ଜଣଙ୍କର ମୃତ୍ୟୁ ଏକାନ୍ତ ଆବଶ୍ୟକ। ମନୁଷ୍ୟ ଯେ ବିଶ୍ୱ ଗ୍ରାସିକାରେ ବଢ଼ିଛି, ଏହାର ଯୁକ୍ତି କ'ଣ ନା ସେ ସବୁଠାରୁ ବୁଦ୍ଧିମାନ ଓ ବିବେକବାନ (ଗପ'ମାଂସର ବିଳାପ')।''

ଫୁର୍‌ସତ୍

# ୪୪ ଘଣ୍ଟାରେ ବୁଲିଲେ ୪୮ ରାଜ୍ୟ

ୱାଶିଂଟନ୍




ଅନେକ ଲୋକ ବୁଲିବାକୁ ବହୁତ ପସନ୍ଦ କରିଥାଆନ୍ତି। ଯେପରି କମ୍ ଖର୍ଚ୍ଚରେ ଅଧିକ ନୂଆ ନୂଆ ଜାଗା ବୁଲିହେବ, ସେପରି ଉପାୟ ମଧ୍ୟ ବାହାର କରିଥା'ନ୍ତି। ନିକଟରେ ୨ ଜଣ ବ୍ୟକ୍ତି ଏପରି କରିଛନ୍ତି। ୨ ପାଇଲଟ୍ ଓ ଟେକ୍ନିସିଆନ୍‌ଙ୍କ ଯୋଡ଼ି ୬ ସିଟ୍‌ବାଲା ବିମାନରେ ୪୪ ଘଣ୍ଟା ଭିତରେ ଆମେରିକାର ୪୮ଟି ରାଜ୍ୟ ବୁଲି ରେକର୍ଡ କରିଛନ୍ତି। ଡେଲ୍ଟା ଏ-୩୫୦ର କ୍ୟାପ୍ଟେନ ବେରି ବେନ୍‌ଫେଲ୍ଟ କହିଛନ୍ତି, ସେ ୪୮ ଘଣ୍ଟାରେ ୪୮ ରାଜ୍ୟରେ ଲ୍ୟାଣ୍ଡ କରିବାକୁ ଲକ୍ଷ୍ୟ ରଖିଥିଲେ। ତାଙ୍କୁ ଜଣେ ସହ-ପାଇଲଟ୍‌ଙ୍କ ଆବଶ୍ୟକତା ରହିଥିଲା। ଡେଲ୍ଟା ଏ-୩୨୧ର ପାଇଲଟ୍ ଆରୋନା ୱିଲଶନ୍ ତାଙ୍କ ସହ ପାଇଲଟ୍ ଭାବରେ ଯୋଗଦେଲେ। ବେରିଙ୍କ ସହ ନୌସେନା କାମ କରୁଥିବା ରିପେୟାର ଟେକ୍ନିସିଆନ୍ ଥୋମାସ୍ ଡ୍ୱିଡିଙ୍କୁ ନେଇ ସେମାନେ ମିଶନରେ ବାହାରି ପଡ଼ିଲେ। ୨ ପାଇଲଟ୍ ବେରି, ଆରୋନା ଏବଂ ଜଣେ ଟେକ୍ନିସିଆନ ଥୋମାସ୍ ୬ ସିଟ୍‌ବାଲା ୧୯୮୦ ପିଏ୩୨ଆର୍ ପିପର ସାରାଟୋଗାରେ ଯାତ୍ରା ଆରମ୍ଭ କଲେ। ଏଥିପାଇଁ ପୂର୍ବରୁ ବେରି ୪୭ ରାଜ୍ୟକୁ ଯିବା ପାଇଁ କମ୍ ରାସ୍ତା ସ୍ଥିର କରିଥିଲେ। ଟିମ୍ ୪୮ ଘଣ୍ଟା ଲକ୍ଷ୍ୟ ରଖିଥିବାବେଳେ ସେମାନେ ୪୪ ଘଣ୍ଟା ୭ ମିନିଟ୍‌ରେ ତାଙ୍କ ଯାତ୍ରା ଶେଷ କରିଥିଲେ। ସେମାନେ ବିଭିନ୍ନ ରାଜ୍ୟର ବିମାନବନ୍ଦରରେ ଓହ୍ଲାଇ ସେଠାରେ ବିମାନରେ ହସ୍ତାକ୍ଷର କରି ପୁଣି ବାହାରି ପଡୁଥିଲେ ଅନ୍ୟ ରାଜ୍ୟ ପାଇଁ। ସେମାନେ ପ୍ରଥମେ ବେରିନ ସ୍ପ୍ରିଙ୍ଗ୍ସ ପାଇଁ ଉଡ଼ାଣ ଭରିଥିଲେ। ପୂରା ଯାତ୍ରା ସମୟରେ ଲୋକେ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ। ଆରୋନା କହିଛନ୍ତି, ତାଙ୍କର ଏହି ଯାତ୍ରା ସବୁଠୁ ସୁନ୍ଦର, ମନେରହିଲା ଭଳି ଥିଲା। ସେ ଏକ ସମୟରେ ସୂର୍ଯ୍ୟୋଦୟକୁ ବହୁ ପାଖରୁ ଦେଖିଥିବା କହିଥିଲେ।

# ରାଘବଙ୍କ ସହ ସ୍ୱର୍ଣ୍ଣ ମନ୍ଦିରରେ ପରିଣୀତି



ମୁମ୍ବାଇ: ଆମ୍ ଆଦ୍‌ମୀ ନେତା ତଥା ରାଜ୍ୟ ସଭା ଏମ୍‌ପି ରାଘବ ଚଡ୍ଢା ଏବଂ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଶନିବାର ଶିଖ୍‌ଙ୍କ ପବିତ୍ର ସ୍ୱର୍ଣ୍ଣ ମନ୍ଦିରରେ ପହଞ୍ଚିଛନ୍ତି। ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଥିବା ଏହି ଯୋଡ଼ି ଅମୃତସରର ସଚଖଣ୍ଡ ଶ୍ରୀହରମନ୍ଦିର ସାହେବଙ୍କ ଆଶୀର୍ବାଦ ନେଇଛନ୍ତି। ବର୍ତ୍ତମାନ ଉଭୟଙ୍କ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି, ଯାହା ସୋସିଆଲ ମିଡିଆରେ ବହୁତ ଭାଇରାଲ ହେବାରେ ଲାଗିଛି। ପରିଣୀତି ଏକ ଧଳା ଶୁଟରେ ନଜରକୁ ଆସିଥିବାବେଳେ ରାଘବ ଏକ ଧଳା କୁର୍ତ୍ତା ପାଇଜାମା ଏବଂ ନେହେରୁ ଜ୍ୟାକେଟରେ ନଜରକୁ ଆସିଥିଲେ। ରାଘବ ସୋସିଆଲ ମିଡିଆରେ ଫଟୋ ଶେୟାର କରି ଲେଖିଛନ୍ତି, ପରିଣୀତି ତାଙ୍କ ସହ ସ୍ୱର୍ଣ୍ଣ ମନ୍ଦିରରେ ରହିବା ଖାସ୍ କଥା। ପରିଣୀତି ମଧ୍ୟ ଫଟୋ ଶେୟାର କରି ଲେଖିଛନ୍ତି, ରାଘବଙ୍କ ସହ ସେ ଏଠାକୁ ଆସିବା ଖୁବ୍ ଖାସ୍ ଥିଲା। ଏହା ପୂର୍ବରୁ ୧୩ ମେ'ରେ ଦୁହିଁଙ୍କ ନିର୍ବନ୍ଧ ହୋଇଥିଲା। ତେବେ ପରିଣୀତି ୨୦୧୧ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'ଉଁଚାଇ'ରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କ ଆଗାମୀ ମୁଭି 'ଚମକିଲା'ର ଶୁଟିଂ ସରିଥିବାବେଳେ ତାଙ୍କ ହାତରେ ଆଉ କିଛି ସିନେମା ମଧ୍ୟ ରହିଛି। ଏଥିସହ ସେ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

# ଟଙ୍କା ସଞ୍ଚୟ ପାଇଁ କିଣନ୍ତି ଏକ୍ସପାୟରି ସାମଗ୍ରୀ


ଡା. ମାରିଆନେ ଟ୍ରେଣ୍ଟ

ଲଣ୍ଡନ: ଆଜିକାଲି ସମୟରେ ଖାଦ୍ୟ ଭେଜାଲ ହେବା ସାଧାରଣ କଥା ହୋଇଗଲାଣି। ଅନେକ କମ୍ପାନୀ ମଧ୍ୟ ଅଛନ୍ତି, ଯେଉଁମାନେ ଖାଦ୍ୟ ଓ ପାଣିକୁ ଭେଜାଲ କରି ବିକ୍ରି କରୁଛନ୍ତି। ତେଣୁ ଲୋକେ ସମସ୍ତ ଖାଦ୍ୟ ପଦାର୍ଥ ଯାଞ୍ଚ କରି କିଣୁଛନ୍ତି। ହେଲେ ଇଂଲଣ୍ଡର ଜଣେ ମହିଳା ନିକଟରେ ଚର୍ଚ୍ଚାକୁ ଆସିଛନ୍ତି, ଯିଏ ଖାଦ୍ୟ ସାମଗ୍ରୀର ଏକ୍ସପାୟରି (ଅବଧି ଶେଷ ହୋଇଥିବା) କୁ ବିଶ୍ୱାସ କରୁନାହାନ୍ତି। ସେ ଏକ୍ସପାୟରି ହୋଇଥିବା ଖାଦ୍ୟକୁ ମଧ୍ୟ କିଣିଥାନ୍ତି। ରିପୋର୍ଟ ମୁତାବକ, ୪୧ ବର୍ଷୀୟା ଡା. ମାରିଆନେ ଟ୍ରେଣ୍ଟ ଇଂଲଣ୍ଡର କୋଭେଣ୍ଟ୍ରିରେ ରୁହନ୍ତି। ସେ ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ। ନିକଟରେ ସେ ଏକ ୱେବସାଇଟ୍‌ରେ କଥା ହେବାବେଳେ କହିଛନ୍ତି ଯେ, ସେ ଖାଦ୍ୟ କିଣିବାବେଳେ କୌଣସି ଏକ୍ସପାୟରି ସମୟ ଦେଖନ୍ତିନି। ତାଙ୍କର ଏପରି କରିବା ପଛର କାରଣ ସେ କହିଛନ୍ତି, ଯାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ସେ ଟଙ୍କା ସଞ୍ଚୟ କରିବାକୁ ଏପରି କରୁଥିବା କହିଛନ୍ତି। ତାଙ୍କର କହିବା କଥା ହେଲା, ସେ ତାଙ୍କ ଆଖି ଏବଂ ନାକ ଉପରେ ବିଶ୍ୱାସ କରନ୍ତି। ଯଦି ଖାଦ୍ୟରୁ ଭଲ ବାସ୍ନା ଆସୁଥାଏ, ତେବେ ସେହି ଖାଦ୍ୟ ଖାଇବା ଉପଯୋଗୀ। ସେଥିପାଇଁ ତାଙ୍କୁ ଖାଦ୍ୟର ଏକ୍ସପାୟରି ସମୟ ଦେଖିବା ଆବଶ୍ୟକତା ନାହିଁ। ତାଙ୍କ ପୂର୍ବଜ ମଧ୍ୟ ଖାଦ୍ୟକୁ ଶୁଙ୍ଘି ଭଲ ମନ୍ଦ ବାରି ପାରୁଥିଲେ। ଯଦି କିଛି ଖାଦ୍ୟ ସାମଗ୍ରୀର ଏକ୍ସପାୟରି ସମୟ ସରିଯାଇଥାଏ, ତେବେ ମଧ୍ୟ ସେ ସେହି ଖାଦ୍ୟକୁ କିଣି ନିଅନ୍ତି। କାରଣ ତାକୁ ରୋଷେଇ କରିବା ସମୟରେ ଭିତରେ ଥିବା ସମସ୍ତ ଜୀବ ମରିଯା'ନ୍ତି। ହେଲେ ସେ ତାଜା ମାଛ, ମାଂସ ନେଇଥାନ୍ତି। ଏପରି କରି ସେ ବର୍ଷକୁ ପାଖାପାଖି ୫୬୦ ପାଉଣ୍ଡ ଅର୍ଥାତ୍ ୪୮ ହଜାର ଟଙ୍କା ସଞ୍ଚୟ କରିନିଅନ୍ତି ବୋଲି କହିଛନ୍ତି।

# ଅଗଷ୍ଟ ୧୧ରେ 'ଗଦର-୨'

ମୁମ୍ବାଇ

## ୨୨ ବର୍ଷ ପରେ ପରଦାରେ ଏକାଠି ହେବେ ସନ୍ନି ଦେଓଲ, ଅମିଷା ପଟେଲ




ଦୀର୍ଘ ୨୨ ବର୍ଷ ପରେ ପରଦାକୁ ଫେରୁଛି 'ଗଦର-୨'। ଏବେ ପୁଣି ଥରେ ସନ୍ନି ଦେଓଲ ଏବଂ ଅମିଷା ପଟେଲଙ୍କୁ ଏକାଠି ଦେଖିବାକୁ ପାଇବେ ଦର୍ଶକ। ଅଗଷ୍ଟ ୧୧ ତାରିଖରେ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ମୁଭିର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦୧ରେ ବଡ଼ ପରଦାକୁ ଆସିଥିବା 'ଗଦର'ରେ ସନ୍ନିଙ୍କୁ ତାରା ସିଂ ଏବଂ ଅମିଷାଙ୍କୁ ସକିନା ଚରିତ୍ରରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ଭାରତ-ପାକିସ୍ତାନ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଥିଲା। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ ମୁଭି 'ଗଦର-୨'ରେ ମଧ୍ୟ ଦୁହିଁଙ୍କ ଚରିତ୍ର ସମାନ ରହିବା ସହ ସିନେମାର ବିଷୟବସ୍ତୁ ସମାନ ରହିଛି। ତେବେ ଫିଲ୍ମର ଏକ ଗୀତ 'ଉଡ୍ ଯା କାଲେ କୱା' ଜୁନ୍ ୨୯ରେ ରିଲିଜ୍ ହୋଇଯାଇଛି। ଏଥିରେ ତାରା ସିଂ ଏବଂ ସକିନା ରୋମାଣ୍ଟିକ୍ ହେଉଥିବା ଦେଖିବାକୁ ମିଳିଛି। ପ୍ରଯୋଜକଙ୍କ କହିବା ମୁତାବକ, ପୁରୁଣା ଗୀତକୁ ଟିକେ ଆଧୁନିକ ଝୁଙ୍କ୍ ଦିଆଯାଉଛି, ଫଳରେ ତାହା ଯୁବପିଢ଼ିଙ୍କ ପାଇଁ ଆକର୍ଷଣୀୟ ହେବ। ଏଥିରେ ସନ୍ନି ଓ ଅମିଷାଙ୍କ ବ୍ୟତୀତ ଉତ୍କର୍ଷ ଶର୍ମା, ଅମିର ନାୟକ, ଡୋଲି ବିନ୍ଦ୍ରା, ରୋହିତ ଚୌଧୁରୀ, ମନୀଷ ୱାଧା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ଶବ୍ଦ ପ୍ରଦୂଷଣ ଯୋଗୁ ଟ୍ରଲି ବ୍ୟାଗ୍‌ରେ ପ୍ରତିବନ୍ଧକ

ଜାଗ୍ରେବ

ଲୋକେ ଯାତ୍ରା କରିବା ସମୟରେ ପ୍ରାୟ ସମସ୍ତଙ୍କ ପାଖରେ ଟ୍ରଲି ବ୍ୟାଗ ଦେଖିବାକୁ ମିଳେ। ଏହି ବ୍ୟାଗରେ ସମସ୍ତ ଜିନିଷ ସହଜରେ ଭର୍ତ୍ତି ହେଉଥିବା ସହ ତାକୁ ଟେକି କରି ନେବାକୁ ପଡ଼ି ନ ଥାଏ। ବ୍ୟାଗକୁ ଚକା ସାହାଯ୍ୟରେ ଗଡ଼ାଇ ନେଇଥା'ନ୍ତି। ହେଲେ ୟୁରୋପର ଏକ ଟ୍ରଲି ବ୍ୟାଗ ଉପରେ ପ୍ରତିବନ୍ଧକ ଲଗାଯାଇଛି। ରିପୋର୍ଟ ମୁତାବକ, ୟୁରୋପିଆନ ଦେଶ କ୍ରୋଆଟିଆର ଡୁବ୍ରୋଭନିକ୍ ସହର ନିଜର ସୁନ୍ଦରତା ପାଇଁ ପ୍ରସିଦ୍ଧ। ସହର ବହୁ ପୁରୁଣା ହୋଇଥିବାବେଳେ ଏଠାରେ ବହୁ ପ୍ରାଚୀନ କୀର୍ତ୍ତିମାନ ରହିଛି। ସବୁ ବର୍ଷ ଏଠାକୁ ଅନେକ ଲୋକ ଆସିଥା'ନ୍ତି। ସେମାନେ ତାଙ୍କ ସହ ଜିନିଷ ଆଣିବାକୁ ଟ୍ରଲି ବ୍ୟାଗ ଆଣିଥା'ନ୍ତି। ହେଲେ ଡୁବ୍ରୋଭନିକ୍ ପ୍ରଶାସନ ଚକା ଥିବା ଶୁଟକେସ୍‌ରେ ପ୍ରତିବନ୍ଧକ ଲଗାଇଦେଇଛି। ଏପରି ନିୟମ ପଛରେ ରହିଛି ସହରର ସୁନ୍ଦରତା। ଏଠାକାର ରାସ୍ତା ପଥରରେ ପ୍ରସ୍ତୁତ ହୋଇଛି, ଯାହା ସହରକୁ ପ୍ରାଚୀନ ଦର୍ଶାଉଛି। ଏହି ରାସ୍ତାରେ ଚକା ଥିବା ଶୁଟକେସ୍ ଚାଲିଲେ ତାହା ବହୁତ ଶବ୍ଦ କରେ। ଫଳରେ ରାତିରେ ମଧ୍ୟ ଲୋକ ଏଠାରେ ଶୋଇ ପାରନ୍ତିନି। ଏହି ସମସ୍ୟା ଭୋଗୁଥିବା ଲୋକେ ପ୍ରଶାସନକୁ ଜଣାଇଥିଲେ। ସହରର ମେୟର ମାଟୋ ଫ୍ରାନ୍କୋଭିକ୍ ଲୋକଙ୍କ ସୁବିଧା ପାଇଁ ଏପରି ନିୟମ କରିଛନ୍ତି।

## ପ୍ରଶାନ୍ତ, ବିଜୟ ସମବାୟ ନିର୍ବାଚନ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,(ଅନିଲଦାସ): ଓଡ଼ିଶା ରାଜ୍ୟ ସମବାୟ ସଂଘ ଏବଂ ଓଡ଼ିଶା ପଛୁଆ ଜାତି ଆର୍ଥିକ ବିକାଶ ସମବାୟ ସମୂହ ନିର୍ବାଚନ ପାଇଁ ବିଜୁ ଜନତା ଦଳ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏବଂ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ରତ୍ନଭଣ୍ଡାର ଚାବି ହଜିବା କଳଙ୍କିତ ଅଧ୍ୟାୟ: ଭାଜପା

### ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରି ତୁରନ୍ତ ଖୋଲାଯାଉ

ଭୁବନେଶ୍ୱର,୧୭(ଅନିଲଦାସ)

ରତ୍ନଭଣ୍ଡାର ଚାବି ହଜିବା ଶ୍ରୀମନ୍ଦିର ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ। ଏହି ଘଟଣା ୨୦୧୮ରେ ସରକାରଙ୍କ ନଜରକୁ ଆସିଥିଲା । ସେବେଠାରୁ ଓଡ଼ିଶା ଜନସାଧାରଣଙ୍କ ଏକ ବଡ ଦାବି ହେଉଛି ଯେ ସରକାର ରତ୍ନଭଣ୍ଡାର ଖୋଲନ୍ତୁ। ରତ୍ନଭଣ୍ଡାରରେ ଥିବା ଅଳଙ୍କାର ସୁରକ୍ଷିତ ନା ନାହିଁ ତାହା ସ୍ପଷ୍ଟ କରନ୍ତୁ। ରତ୍ନଭଣ୍ଡାର ଚାବି ଖୋଲିବା ପାଇଁ ବିଧାନସଭାରେ ଏମିତି କି ହାଇକୋର୍ଟରେ ମଧ୍ୟ ଏ ନେଇ ମାମଲା ଚାଲିଛି। ସମସ୍ତେ ଚାହିଁ ବସିଛନ୍ତି, ସରକାର କେବେ ରତ୍ନଭଣ୍ଡାର ଖୋଲିବେ। ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ସହ ଖେଳିବା ଘଟଣା ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାର କାହିଁକି ରତ୍ନଭଣ୍ଡାର ଖୋଲୁନାହାନ୍ତି। ସରକାର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ । ନଚେତ୍ ଜଣେ ସିଟିଂ ଜଜ୍‌ଙ୍କ ନେତୃତ୍ୱରେ ରତ୍ନଭଣ୍ଡାର ଖୋଲାଯାଇ ଇନ୍‌ଭେନଟୋରି ପ୍ରସ୍ତୁତ ହେଉ । ଅସଲ ଚାବି କେମିତି ହଜିଲା ଏବଂ ଡୁପ୍ଲିକେଟ ଚାବି କ'ଣ ହେଲା ତା'ର ସିବିଆଇ ତଦନ୍ତ କରାଯାଉ । ରତ୍ନଭଣ୍ଡାର ଚାବି ଗୁମର ବାହାର କରିବା ପାଇଁ ଗଠିତ ରଘୁବୀର ଦାସ କମିଶନ ଶେଷରେ ବିଫଳ ହୋଇ ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛନ୍ତି। ତାଙ୍କୁ ମଧ୍ୟ ଦଣ୍ଡିତ କରାଯାଉ ଏବଂ ତାଙ୍କ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାକୁ ତାଙ୍କଠାରୁ ଆଦାୟ କରାଯାଉ ବୋଲି ସମୀର ହାଇକୋର୍ଟରେ ନିବେଦନ କରିଛନ୍ତି। ଆଇନମନ୍ତ୍ରୀଙ୍କ ଉତ୍ତର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିରୁ ରାଜ୍ୟ ସରକାର କେଉଁଭଳି ଚାଲିଛି ସାଧାରଣ ଲୋକ ଜାଣିପାରୁଥିବେ। ଆଇନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିଲେ ସରକାର ପଦକ୍ଷେପ ନେବେ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୭(ଅନିଲଦାସ)

ରତ୍ନଭଣ୍ଡାର ଚାବି ହଜିଛି କି ନାହିଁ ଆମେ ଜାଣିନୁ। ଏ ନେଇ ହାଇକୋର୍ଟରେ ମାମଲା ଅଛି। ହାଇକୋର୍ଟ ଯାହା ନିର୍ଦ୍ଦେଶ ଦେବେ, ସରକାର ତର୍ଜମା କରି ପଦକ୍ଷେପ ନେବେ। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଗଣମାଧ୍ୟମରୁ ଆମେ ଏ ବିଷୟରେ ଶୁଣୁଛୁ। ହାଇକୋର୍ଟକୁ ମାମଲା ଯାଇଛି। ବିଚାର ପରେ କୋର୍ଟଙ୍କ ନିର୍ଦ୍ଦେଶ ଆସିଲେ ସରକାର ବିଚାରବିମର୍ଷ କରି ପଦକ୍ଷେପ ନେବେ। କିଏ ଏହି ପ୍ରସଙ୍ଗରେ ରାଜନୀତି କରୁଛି, ନ କରୁଛି ତାହା କହିବାକୁ ଚାହୁଁନି। ବିଭିନ୍ନସ୍ତରରେ ସମସ୍ତେ ରାଜନୀତି କରନ୍ତି। ଶ୍ରଦ୍ଧାଳୁମାନଙ୍କ ଦୃଷ୍ଟିରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଠାରୁ ଆରମ୍ଭ କରି ସରକାର ଯେଉଁ ଅନ୍ୟ ନିଷ୍ପତ୍ତି ନେଇଛନ୍ତି ତାହାକୁ ବିଚାରବିମର୍ଶ କରି ପଦକ୍ଷେପ ନିଆଯାଉଛି। ଏ ପ୍ରସଙ୍ଗରେ କିଏ କ'ଣ କହୁଛନ୍ତି ସେନେଇ କହିବା ଠିକ୍ ହେବନି। ରାଜ୍ୟ ସରକାର ପ୍ରତ୍ୟେକ ମନ୍ଦିର ଠାରୁ ଆରମ୍ଭ କରି ପର୍ଯ୍ୟଟନସ୍ଥଳୀର ଉନ୍ନତି କରିବା ଉପରେ ଦୃଷ୍ଟି ଦେଉଛନ୍ତି।


CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338266625


## ଭାଜପା ରାଜ୍ୟ ସଭା ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଗାଙ୍ଗୁଲି, ମିଥୁନ

କୋଲକାତା, ୧୭ : ପଶ୍ଚିମବଙ୍ଗରୁ ଗୋଟିଏ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ହେବାକୁ ଯାଉଥିବାବେଳେ ଭାଜପାରୁ ଦୁଇଜଣ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ମେଗାଷ୍ଟାର ମିଥୁନ୍ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣକୁ ଭାଜପା ପ୍ରାର୍ଥୀ କରିପାରେ। ରାଜ୍ୟ ସଭା ପ୍ରାର୍ଥୀ ଚୟନ ଲାଗି ଭାଜପା ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଦିଲ୍ଲୀକୁ ଦୁଇଟି ଅଲଗା ତାଲିକା ପଠାଯାଇଛି। ଗୋଟିଏ ତାଲିକା ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ପଠାଇଥିବାବେଳେ ଅନ୍ୟଟି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପଠାଇଛନ୍ତି। ଅଧିକାରୀଙ୍କ ତାଲିକାରେ ଗାଙ୍ଗୁଲି, ମିଥୁନଙ୍କ ସହ ଭାଜପା ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅନିର୍ବାଣ ଗାଙ୍ଗୁଲି ଏବଂ ଗ୍ରେଟର କୁଚ୍‌ବିହାର ପିପୁଲ୍ସ ଆସୋସିଏଶନର ଅଧ୍ୟକ୍ଷ ଅନନ୍ତ ମହାରାଜଙ୍କ ନାଁ ରହିଛି। ଅନ୍ୟପକ୍ଷରେ ମଜୁମଦାରଙ୍କ ତାଲିକାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ରୂପା ଗାଙ୍ଗୁଲି, ସ୍ୱପନ ଦାସଗୁପ୍ତା, ଭାଜପା ମୁଖପାତ୍ର ସମିକ ଭଟ୍ଟାଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦିନେଶ ତ୍ରିବେଦୀ ଓ ଅନନ୍ତ ମହାରାଜଙ୍କ ନାଁ ରହିଛି।


ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଜେଡିକୁ କୌରବ ସୈନ୍ୟ କହିଲେ ବଳଭଦ୍ର

### ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତିଙ୍କ ମହାଭାରତ ଉପାଖ୍ୟାନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ନବରଙ୍ଗପୁର,୧୭(ସଦାଶିବ ପ୍ରହରାଜ)

ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଓଡ଼ିଶା ରାଜନୀତିକୁ ନେଇ ମହାଭାରତ ଉପାଖ୍ୟାନ ସହ ତୁଳନା କରିଛନ୍ତି। ସେ ରାଜ୍ୟରେ ୫-ଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଶାସନ ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧୃତରାଷ୍ଟ୍ର, ୫-ଟି ସଚିବଙ୍କୁ ଦୁର୍ଯ୍ୟୋଧନ ଓ ବିଜେଡିକୁ କୌରବ ସୈନ୍ୟ ବୋଲି ଆଖ୍ୟା ଦେଇ ତାଚ୍ଛଲ୍ୟ କରିଛନ୍ତି, ରାଜ୍ୟ ଭାଜପା ଉପସଭାପତି ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି। ସେହିଭଳି ନିଜକୁ ପାଣ୍ଡବ ସେନାର ଆଖ୍ୟା ଦେଇଛନ୍ତି। ନବରଙ୍ଗପୁରସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି।

ରାଜ୍ୟ ରାଜନୀତିରେ ଉପାନ୍ତରୁ ଉପକୂଳ ସବୁଠି ଶାସନ ବ୍ୟବସ୍ଥାରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ହସ୍ତକ୍ଷେପ କରୁଛନ୍ତି। ସେ ବିଜେଡିକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗକରି ବର୍ଷିଛନ୍ତି ବଳଭଦ୍ର। ଜୁନ୍ ୧୪ରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟର ଅକ୍ସିଜେନ ପ୍ଲାଣ୍ଟରୁ ୫-ଟି ସୂଚନା ବୋର୍ଡ, ହୋର୍ଡିଂ ହଟାଇବା ନେଇ ଗତ ୨୯ ତାରିଖରେ ଜିଲାରେ ଆୟୋଜିତ ଦିଶା ବୈଠକରେ ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିଜେଡି ବିଧାୟକ ଓ ଏମ୍‌ପି ଘେରିବାକୁ ଚେଷ୍ଟା କରିଥିଲେ। ତେଣୁ ବିଧାୟକ ଗଣ୍ଡ ବୈଠକ ଅଧାରୁ ଉଠି ଚାଲିଯାଇଥିବା ବଳଭଦ୍ର ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଘଟଣାକୁ ନିନ୍ଦା କରିବା ସହ ବୈଠକରେ ଜିଲାର ବିକାଶମୂଳକ ଯୋଜନା ବିଷୟରେ ଆଲୋଚନା ନ କରି ୫-ଟି ହୋର୍ଡିଂ ଆଢୁଆଳରେ ବିଧାୟକଙ୍କୁ ଘେରିବାକୁ ଚେଷ୍ଟା କରାଯାଇଥିବା ସେ କହିଛନ୍ତି। କୌରବ ବଂଶ ଓଡ଼ିଶାର ସବୁଆଡ଼େ ଯେଉଁଳି ସ୍ଥିତି କରିଛନ୍ତି ନିର୍ବାଚିତ ପ୍ରତିନିଧି ଏଠାରେ ମୂଲ୍ୟହୀନ। ଏ କୌରବ ବଂଶର ଶେଷ ଦିନ ଆସୁଛି। କୃଷ୍ଣ ଜନ୍ମ ନେଇସାରିଲେଣି, ସେ ଅଦୃଶ୍ୟ ଶକ୍ତି। ୨୦୨୪ ଭୋଟବେଳେ ଭୋଟର ତା'ର ଠିକ୍ ଉତ୍ତର ଦେବ ବୋଲି କହିଛନ୍ତି ବଳଭଦ୍ର। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ନଗର ମଣ୍ଡଳ ସଭାପତି ଶ୍ରୀଧର ପତ୍ର, ସମ୍ପାଦକ ଶୁଭମ ଚୌଧୁରୀ ଓ ଜିଲା ମହିଳା ମୋର୍ଚ୍ଚା ସଭାପତି ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### ଦରଦାମ୍ ବୃଦ୍ଧି ପ୍ରସଙ୍ଗ

## ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କହନ୍ତି: କଂଗ୍ରେସ

ଭୁବନେଶ୍ୱର,୧୭(ଅନିଲଦାସ): ଏବେ ରାଜ୍ୟରେ ପରିବା ଦର ଆକାଶଛୁଆଁ ହୋଇଛି। ସାଧାରଣ ଜନତା ପରିବା କିଣିବାକୁ ସାହସ କରୁନାହାନ୍ତି। ଏତିକି ବେଳେ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କୁହନ୍ତି । ପ୍ରତି ବ୍ଲକରେ ଶୀତଳଭଣ୍ଡାର କରିବେ ବୋଲି ପ୍ରାୟ ୧୦ବର୍ଷ ହେବ କହିଆସୁଛନ୍ତି । ହେଲେ ନିର୍ବାଚନ ଶେଷ ହୋଇଗଲେ ଶୀତଳଭଣ୍ଡାର ଫାଇଲ ଶୀତଳଭଣ୍ଡାରକୁ ଚାଲିଯାଏ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। ପରିବା ଦରକୁ ନିୟନ୍ତ୍ରଣ କରିବା ଦିଗରେ ସରକାର ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।


# Classified Everyday
0674-2580101, 2549949



MATRIMONIAL

BRIDE WANTED

ପାତ୍ରୀ ଆବଶ୍ୟକ। ପୁଅ ଚାକିରି କରୁଛି। ଯୋଗ୍ୟତା M.Phil, ବୟସ: 27, Caste: ବଣିଆ, Height: 5'11". Contact: 9348544047. D-0712

46Yrs boy divorced melbourne. warehouse associate 70000 Dollar. Need simple, homely not highly qualified girl, Father Wg Cdr. 9686420870. D-0694

ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-40yrs ଝିଅ ଆବଶ୍ୟକ। Candidate: 8984180242. D-0713



REAL ESTATE

SALE

"Ready to occupy 3 BHK flats for sale, exclusive area in Nageshwar Tangi, next to Ramakrishna Mission. Interested parties contact directly. Ph: 9845068780, pactdm@gmail.com. D-0719

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

Resale 3BHK 1250sqft. flat, 2Bathroom, 3rd Floor, Cuttack road (main) Bomikhal, Bhubaneswar. 9337124748. D-73774

ପୁରୀ ଶ୍ରୀମନ୍ଦିର ପାଖରେ Furnished one Bedroom new flat with Kitchen & Bathroom ମାତ୍ର 25 ଲକ୍ଷ। (Negotiable), only genuine buyer contact: 9438220432, 8144658008. D-0714

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

Plot sale ପୁରୁଣା କଟକ-ସମ୍ବଲପୁର ରାସ୍ତା NH-655 ଠାରୁ ୫୦୦ମିଟର ଦୂରରେ ହିନ୍ଦୋଳ ଟାଉନ୍‌କୁ ଯାଇଥିବା ପିଚୁ ରାସ୍ତାକୁ ଲାଗି ହିନ୍ଦୋଳ ତହସିଲ ଅନ୍ତର୍ଗତ ଭକ୍ତପୁର ମୌଜାସ୍ଥିତ ଜଳସେଚନ ଓ Electricity ସୁବିଧା ଥାଇ ତାରବାଡ଼ଘେରା ୨ ଏକର ୩ ଡେସିମିଲ ଜାଗା ବିକ୍ରି ହେବ। ଯୋଗାଯୋଗ- 9937098987, 6370709044. D-75076

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex house sale near Puri Bypass NH Pandara Square in gated society. 7978723473. D-0690

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75001



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-0627


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





3BHK First Floor Flat in Santarapur, Bhubaneswar. 1 Drawing, 1 Dining, 2 Bathrooms, 2 Balcony. 1000+ sqft Carpet. 9810999723. D-0708

To-let 2200square foot 1st floor price @25/- square foot Near Sai International School, Patia. Contact 9439856856 9040116788. D-0711

On Janpath 1450 and 2300 sqft. furnished office space available on 3rd floor with lift. 8598923231. D-71057




Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Newly open Salon/SPA with expert therapist (health benefits). 8114322659. D-75123

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125


### LOST

Sale Deeds Lost: By virtue of an affidavit sworn before Notary, Dhenkanal I Ratikanta Rout, aged 48 years, S/o. : Rohita Kumar Rout resident of Patala, Balaramprasad, P.S.: Motanga, Dist: Dhenkanal do hereby state that the original copy of RSD No. 3965/2003/1 dt. 27.10.2003, RSD No. 478/2008/1 dt. 31.01.2008 in respect of Khata No. 136/153 & RSD No. 3933/2003/1, Dt. 22.10.2003 in respect of Khata No. 136/155 of Mouza - Nayabhagirathipur West, Tahasil - Odapada, Dist- Dhenkanal executed in my favour at Sub-Registrar, Dhenkanal, got misplaced and couldn't be traced out despite deligent search and it is beyond recovery. As such lodged Motanga P.S. SDE No.01, Dt. 16.12.2022 to that effect. This declaration regarding untraceability of the above mentioned Sale Deeds is necessitated for all official purposes and otherwise. D-75077

### AFFIDAVIT

By virtue of an affidavit No.-1740/02.11.2022 sworn in before Executive Magistrate, Tangi, Dist.- Khordha, I Gitanjali Kandi, 52 years, W/o- Kartik Charan Pradhan, Harichandanpur, P.O.- Badapari, P.S.- Tangi, Dist.- Khordha state that the name Gitanjali Kandi mentioned in Board Certificate & Pan Card the name Gitanjali Dei mentioned in Bank Passbook & the name Gitanjali Pradhan mentioned in some other Documents are same & identical again the my actual Date of Birth is 19.05.1970 instead of 15.07.1971 mentioned my Pan Card. Gitanjali Kandi, Gitanjali Dei & Gitanjali Pradhan one and same person. D-0709

I, V.S. Rajeswari G, D/o, Mohanrao G T, R/o W/o C.V. Gopal Rao, Plot No. N 4-166, IRC Village, Nayapalli, P.S. Nayapalli, Bhubaneswar, Dist. Khordha, Odisha - 751015 have changed my name to C.V. Rajeswari vide affidavit dated: 30.06.2023, sworn before Notary Benudhar Panda, Bhubaneswar for all future purposes. D-0710


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


I Dipika Sahoo, W/o. Satrughan Sahu, At/PO-Khurusia, PS-Kamakhyanagar, Dist- Dhenkanal changed my surname from Sahu to Sahoo by virtue of an affidavit before the Executive Magistrate, Dhenkanal on 24.06.2023. -Dipika Sahoo. D-74075

By virtue of an affidavit No-74 dt 30.11.2021 before the Executive Magistrate, Karanjia, Mayurbhanj, I, Nishant Patwari, S/o Ratan Kumar Patwari & Radha Patwari, At/Po/ Ps- Karanjia, W. No-8, Mayurbhanj have changed my name from G. Nishant to Nishant Patwari for all future purposes. D-0715

I, Kartik Nayak alias Kailash Nayak (48), S/o- Gayadhar Nayak, Vill- Bangorpadi, PO/PS- Bonth, Dist-Bhadrak. I have a LIC Policy bearing No. 585381678, where in my name is Kartik Nayak. I declare that Kartik Nayak and Kailash Nayak is same and one person. D-0718


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରଘୁରାଜ ହରିଚନ୍ଦନ

ମଳିପଡ଼ା

ଆବିର୍ଭାବ- ୧୨।୦୪।୧୯୩୭
ତିରୋଧାନ- ୨୨।୦୬।୨୦୨୩

ବାବା! ତୁମର ଅନୁପସ୍ଥିତିରେ ଆଜି ସମଗ୍ର ପରିବାର ହତବାକ୍ ଓ ବାକ୍‌ଶୂନ୍ୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚିର ସ୍ମରଣୀୟ ହୋଇ ରହିଥିବା ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।

ଧ-୦୭୦୧

## ଏ ସପ୍ତାହର ପ୍ରଶ୍ନ

୧– ..........ର ବୈଜ୍ଞାନିକ ନାମ ବୁବୋ ବୁବୋ ?
୨– ଇଲେକ୍ଟ୍ରା ଗୋଲ୍ଡ କପ୍ ................. କ୍ରୀଡ଼ାରେ ଦିଆଯାଏ ?
୩– ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡ କପ୍ ........... ମସିହାରେ ଆୟୋଜିତ ହୋଇଥିଲା ?
୪– ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ପ୍ରଥମ ଉପନ୍ୟାସ ............. ?
୫– ............. ମହାଦେଶରେ ସବୁଠୁ ଅଧିକ ସଂଖ୍ୟକ ଦେଶ ରହିଛି ?

## ଗତ ଥରର ଉତ୍ତର

୧ ପିଙ୍ଗାଳି ଭେଙ୍କାୟା
୨ ଅହିରାଜ
୩ ଅଷ୍ଟ୍ରେଲିଆ
୪ ଆର୍. କେ. ନାରାୟଣ
୫ ଏଚ୍‌ସିଏଲ୍ (HCL)

## ଉତ୍ତରଦାତା



ଛବିଲାଲ୍ ଭାଟି, କଳାହାଣ୍ଡି
ଯଶସ୍ୱୀ ଦାସ, ଖୋର୍ଦ୍ଧା
ସମୀର ରଞ୍ଜନ ମିଶ୍ର, ଝାରସୁଗୁଡ଼ା
ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ମୋବାଇଲ୍ ଫୋନ୍ ପ୍ରସ୍ତୁତକାରୀ କମ୍ପାନୀ

୧ ........ ଆପଲ୍
୨ ........ ସାମ୍‌ସଙ୍ଗ୍
୩ ........ ଜାଓମି
୪ ........ ଓପୋ
୫ ........ ଭିଭୋ
୬ ........ ହୁଆୱି
୭ ........ ରିଏଲମି
୮ ........ ଲେସ୍ ପୋଲାର ବ୍ରାଣ୍ଡସ
୯ ........ ମୋଟୋରୋଲା
୧୦ ........ ୱାନ୍‌ପ୍ଲସ୍

# ଇ- ଅପ୍‌ଡେଟ୍ ନିଶା



**ବର୍ତ୍ତମାନ ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହିବାର କ୍ରେଜ୍ ଯେମିତି ସଭିଙ୍କୁ ମତୁଆଲା କରିଛି। ଯେଉଁ ଲିଷ୍ଟରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ହେଲେ ଅପରପକ୍ଷେ ଯେ ଏହା ବିଭିନ୍ନ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ଅନେକେ ଅବଗତ ନାହାନ୍ତି। ତେଣୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...**

ଅନ୍‌ଲାଇନ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହିବାର ନିଶା ଏବେ ଯୁବପିଢ଼ିଙ୍କଠାରେ ସବୁଠୁ ଅଧିକ ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା କେବେକେବେ ଅନେକଙ୍କୁ ବିଭିନ୍ନ ସମସ୍ୟାର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ତେଣୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିଲେ ସୁରକ୍ଷିତ ଭାବେ ସୋସିଆଲ୍ ମିଡିଆ ବ୍ୟବହାର କରିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ସାଜୁଛି ସ୍ୱାସ୍ଥ୍ୟ ସମସ୍ୟାର ପ୍ରମୁଖ କାରଣ:**

■ ଘଣ୍ଟା ଘଣ୍ଟା ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରିବା ଯୋଗୁ ଗୋଟିଏ ସ୍ଥାନରେ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ ହ୍ରାସ ପାଉଛି। ଫଳରେ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା ଆଦି ସମସ୍ୟା ଦେଖାଦେଉଛି।

■ ଦୀର୍ଘସମୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌କୁ ଦେଖିବା ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ହେଉଛି। ଅଧିକ ସମୟ ଇୟରଫୋନ୍ ବ୍ୟବହାର ଯୋଗୁ ଶ୍ରବଣ ଶକ୍ତି ହ୍ରାସ ହେବା ସହ କାହା କାହାଠାରେ ଅଡିଓ ସେନ୍ସୋରି ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା ଦ୍ୱାରା ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହେବାର ବି ଆଶଙ୍କା ରହିଛି।

■ ତା’ ଛଡ଼ା ଏସବୁର ବହୁଳ ବ୍ୟବହାର ଯୋଗୁ ସ୍ମରଣ ଶକ୍ତି ମଧ୍ୟ ପ୍ରଭାବିତ ହେଉଛି ଓ ବିଭିନ୍ନ ମାନସିକ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏମିତିକି କେତେକଙ୍କଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ୍ୟ ଦେଖାଦେଉଛି। ଫଳରେ କିଛି ସମୟ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ରାଗିବା, ଚିଡ଼ିବାଠାରୁ ଆରମ୍ଭ କରି କ୍ରୋଧରେ ବିଭିନ୍ନ ଭୁଲ କାମ କରୁଥିବାର ଦେଖିବାକୁ ମିଳୁଛି।

■ ତେଣୁ ଏହାକୁ ବ୍ୟବହାର କରିବା ଲାଗି ଦୈନିକ ଅଳ୍ପ ସମୟ ଦିଅନ୍ତୁ। ସୁସ୍ଥ ରହିବା ଲାଗି ଖାଦ୍ୟପେୟ, ଠିକ୍ ଭାବେ ଶୋଇବା ଏବଂ ଶାରୀରିକ ବ୍ୟାୟାମ କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।

**ସାର୍ବଜନୀନ ହେଉଛି ବ୍ୟକ୍ତିଗତ ତଥ୍ୟ:**

ଅପ୍‌ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ଯେପରି କ’ଣ କିଣିଲେ, କ’ଣ ପିନ୍ଧିଲେ, କେଉଁ ଆଡ଼େ ବୁଲିବାକୁ ଗଲେ ତାହାର ଫଟୋ, ଭିଡିଓ ଅପ୍‌ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ ଡାଟା ସାର୍ବଜନୀନ ହେଉଥିବା କଥା ଭୁଲିଯାଉଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ଅନେକେ ଏଥିପାଇଁ ବ୍ଲାକ୍‌ମେଲିଂ, ଚୋରି, ଡକାୟତି ଭଳି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ଯେପରି ସର୍ବସମ୍ମୁଖକୁ ନ ଯାଉ କିମ୍ବା କୌଣସି ଅସାମାଜିକ ବ୍ୟକ୍ତି ଏହାର ଅପବ୍ୟବହାର ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।





**କାଳ ହେଉଛି ସେଲ୍‌ଫି ଓ ରିଲ୍ସ ନିଶା:**

କାହାର କେତେ ଭଲ ସେଲ୍‌ଫି ଓ ରିଲ୍ସ କରୁଛି, ତା’କୁ ନେଇ ଏବେ ସୋସିଆଲ୍ ମିଡିଆରେ କମ୍ପିଟିଶନ୍ ଜୋର୍। ଆଉ ନିଜ ସେଲ୍‌ଫି ଓ ରିଲ୍ସ ସବୁଠୁ ଡିଫରେଣ୍ଟ କରିବା ଆଳରେ କିଏ ଚଳନ୍ତା ଟ୍ରେନ୍ ଆଗରେ ତ କିଏ ସମୁଦ୍ର, ପାହାଡ଼ି ଝରଣା ଆଦି ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ଫଟୋ ଓ ଭିଡ଼ିଓ ନେଉଛନ୍ତି। ହେଲେ ଏଥିପାଇଁ ଅନେକଙ୍କ ପ୍ରାଣହାନି ହେବାର ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଏସବୁ ଦିଗ ପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।

**ବଢୁଛି ଅପରାଧ:** ସୋସିଆଲ୍ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ଅପରାଧ ଘଟାଉଥିବାର ନଜିର ରହିଛି। ତେଣୁ ଏହାକୁ ବ୍ୟବହାର କରୁଥିଲେ ଅଜଣାଙ୍କ ଉପରେ ବିଶ୍ୱାସ କରି ନିଜର ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ । କେହି ଅଳ୍ପ ଦିନ ମଧ୍ୟରେ ଖୁବ୍ ବିଶ୍ୱସ୍ତ ହୋଇ ଟଙ୍କା ମାଗିଲେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ ଦେଇଦେବା ଭଳି ଭୁଲ ଆଦୌ କରନ୍ତୁ ନାହିଁ। ସର୍ବୋପରି ବର୍ତ୍ତମାନ ଯୁବବର୍ଗଙ୍କ ମଧ୍ୟରେ ସୋସିଆଲ୍ ମିଡିଆରୁ ବନ୍ଧୁତା, ଚାଟିଂ, ପ୍ରେମ ପୁଣି ଡେଟିଂ ଏବଂ ପରେ ପ୍ରତାରଣା, ଫଟୋ, ଭିଡିଓ ଆଦିକୁ ନେଇ ବ୍ଲାକ୍‌ମେଲିଂ ଏବଂ ଶେଷରେ ଝଗଡ଼ା ଓ ଆତ୍ମହତ୍ୟା କିମ୍ବା ହତ୍ୟା ପର୍ଯ୍ୟନ୍ତ ଘଟଣା ବି ଦେଖିବାକୁ ମିଳୁଛି। ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।





## ୟୁଥ୍ ଆଲର୍ଟ

# ଫୋନ୍ ରଖନ୍ତୁ ସୁରକ୍ଷିତ...

**ବର୍ଷାଦିନ ଆରମ୍ଭ ହେଲାଣି। ଏମିତିରେ ପଢ଼ା କିମ୍ବା ଜବ୍ ପାଇଁ ବାହାରକୁ ଯାଉଥିବା ଯୁବତୀ ଯୁବକଙ୍କର ଫୋନ୍ ପାଣି ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବାର ଆଶଙ୍କା ବଢ଼ିଯାଏ। ଏଦିନେ କିପରି ଫୋନ୍‌କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ କେତୋଟି ଉପାୟ...**



● ବର୍ଷା ସମୟରେ ବାହାରକୁ ଯାଉଥିଲେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା ଭଲ। କାରଣ ବର୍ଷାରେ ମୋବାଇଲ ଓଦା ହୋଇ ନଷ୍ଟ ମଧ୍ୟ ହୋଇପାରେ। କେବଳ ଏତିକି ନୁହେଁ, ଏଦିନେ ଅନେକ ସମୟରେ ହଠାତ୍ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଥାଏ। ଫଳରେ ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିବା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହେବାର ଆଶଙ୍କା ରହିଛି।

● ଏଦିନେ ବାହାରକୁ ଯାଉଥିବା ସମୟରେ ମୋବାଇଲ୍ ଓଦା ନ ହେବା ଲାଗି ମାର୍କେଟରେ ମିଳୁଥିବା ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ବ୍ୟାଗ୍ ବା ୱାଟରପ୍ରୁଫ୍ ମୋବାଇଲ୍ ପାଉଚ୍ ବ୍ୟବହାର କରନ୍ତୁ। ଏହାକୁ ମଶ୍ଚରପ୍ରୁଫ୍ ରଖିବା ଲାଗି ଉକ୍ତ ବ୍ୟାଗ୍ ଭିତରେ ସିଲିକା ଜେଲ୍ ରଖିପାରିବେ।

● ତଥାପି ଯଦି ହଠାତ୍ ମୋବାଇଲ ଓଦା ହୋଇଯାଏ, ତେବେ ପାଣି ମୋବାଇଲ ଭିତରକୁ ନ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଭଲ ଭାବେ ପୋଛି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ହେଲେ ମନେରଖନ୍ତୁ, ଫୋନ୍ ଓଦା ହୋଇଗଲେ ହେୟାର ଡ୍ରାୟର ସାହାଯ୍ୟରେ କିମ୍ବା ଟାଣଖରାରେ ଶୁଖାଇବାର ଭୁଲ ଆଦୌ କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଫୋନ ଖରାପ ହୋଇଯାଇପାରେ। ଏହା ବଦଳରେ ଫ୍ୟାନ୍ ଆଗରେ କିମ୍ବା ଅଳ୍ପ ସୂର୍ଯ୍ୟକିରଣ ପଡୁଥିବା ଶୁଖିଲା ସ୍ଥାନରେ ରଖନ୍ତୁ।



● ଏକ ପାତ୍ରରେ ଚାଉଳ ନେଇ କିମ୍ବା ଚାଉଳ ରହୁଥିବା ବ୍ୟାଗ୍ ଅବା ଡବା ଭିତରେ ଓଦା ମୋବାଇଲ୍ ପୂରାଇ ରଖିପାରିବେ। ଏହାଦ୍ୱାରା ଚାଉଳ ଫୋନ୍‌ର ଆର୍ଦ୍ରତାକୁ ସହଜରେ ଶୁଖାଇ ଦେଇଥାଏ। ତେବେ ଏହା ପୂର୍ବରୁ ଚାଉଳରେ ଯେପରି ଅଧିକ ଧୂଳି ନ ଥାଏ, ସେଥିପ୍ରତି ନଜର ଦିଅନ୍ତୁ।



● ଓଦା ଫୋନ୍‌କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ୍ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଏପରି ଆଦୌ କରନ୍ତୁ ନାହିଁ।

## ଜାଣନ୍ତୁ ଦୁନିଆ

# ଅଜବ ସ୍ଥାପତ୍ୟ

**ପୃଥିବୀରେ ଏମିତି ଅନେକ କଳାକୃତି ଏବଂ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ତେବେ ଏହା ମଧ୍ୟରେ କେତେକ ଅଜବ ସ୍ଥାପତ୍ୟ ରହିଛି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି କେତେକ ସ୍ଥାପତ୍ୟ ସମ୍ପର୍କରେ...**

### ଦି ଫୋର୍କ



ସୁଇଜରଲାଣ୍ଡର ଭିଭେ ସହରସ୍ଥିତ ଜେନେଭା ହ୍ରଦରେ ରହିଛି ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ ଫୋର୍କର ସ୍ଥାପତ୍ୟ। ଆକାଶରୁ ପାଣି ଭିତରୁ ଖସୁଥିବା ଭଳି ଡିଜାଇନ୍ ହୋଇଥିବା ଏହି ଫୋର୍କର ଓଜନ ୯୨୯ ପାଉଣ୍ଡ ହୋଇଥିବା ବେଳେ ଉଚ୍ଚତା ୨୬ ଫୁଟ। ସେଥିପାଇଁ ପୃଥିବୀର ସବୁଠୁ ବଡ଼ ଫୋର୍କ ଭାବେ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛି। ତେବେ ପୃଥିବୀର ପ୍ରଥମ ଫୁଡ୍ ମ୍ୟୁଜିୟମ୍ ଆଲମେଣ୍ଟାରିଅମ୍‌ର ୧୦ମ ବାର୍ଷିକ ଉତ୍ସବ ଅବସରରେ ସ୍ୱିସ୍ ଆର୍ଟିଷ୍ଟ ଜିନ୍ ପିରେ ଜାଉଗ୍ ଏହି ଫୋର୍କକୁ ନିର୍ମାଣ କରିଥିଲେ। ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ପାଲଟିଛି।

### ହ୍ୟାଣ୍ଡ ଅଫ୍ ଦ ଡେଜର୍ଟ



ଚିଲିସ୍ଥିତ ଆଟାକାମ ମରୁଭୂମିରେ ରହିଛି ଏକ ବିଶାଳ ହାତର କଳାକୃତି। ଏହାକୁ ନିର୍ମାଣ କରିଛନ୍ତି ମ୍ୟାରିଓ ଇରାଜାବାଲ୍। ମରୁଭୂମି ଭିତରୁ ବାହାରିଥିବା ପ୍ରାୟ ୩୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ହାତ ଦେଖିବାକୁ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।

### ହ୍ୟାଙ୍ଗିଙ୍ଗ୍ ମ୍ୟାନ୍



ଚେକ୍ ରିପବ୍ଲିକ୍‌ର ପ୍ରାଗ୍ ସହରରେ ଗୋଟିଏ ପୋଲ୍‌ରୁ ଜଣେ ମଣିଷ ଓହଳିଥିବାର ଦେଖିବାକୁ ମିଳେ। ସତ ମଣିଷର ଭ୍ରମ ସୃଷ୍ଟି କରୁଥିବା ଏହି ଷ୍ଟାଚ୍ୟୁ ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଚେକ୍ ମୂର୍ତ୍ତିକାର ଡେଭିଡ୍ କର୍ନି ସମ୍ପୂର୍ଣ୍ଣ ତମ୍ବାରେ ନିର୍ମାଣ କରି ଏହି ମୂର୍ତ୍ତିକୁ ସାଇକୋଆନାଲିସିସ୍‌ର ଜନକ ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ପାଇଁ ସମର୍ପିତ କରିଛନ୍ତି।

# ପ୍ରଥମ ଥର ୱେଷ୍ଟଇଣ୍ଡିଜ୍ ବିନା ବିଶ୍ୱକପ୍

## ସ୍କଟଲାଣ୍ଡ ୭ ଉଇକେଟରେ ହରାଇଲା

**ହରାରେ, ୧।୭(ପି.ଟି.)**

୧୯୭୫ରେ ପ୍ରଥମ ଥର କ୍ରିକେଟ ବିଶ୍ୱକପରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ୱେଷ୍ଟଇଣ୍ଡିଜ। ଏକଦା ବିଶ୍ୱ କ୍ରିକେଟର ସବୁଠାରୁ ଦୁର୍ଦ୍ଧର୍ଷ ଦଳ ରହିଥିବା ୱେଷ୍ଟଇଣ୍ଡିଜ୍ ବିନା ପ୍ରଥମ ଥର ପାଇଁ ଖେଳାଯିବ ବିଶ୍ୱକପ୍। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଖେଳୁଥିବା ୱେଷ୍ଟଇଣ୍ଡିଜ୍ କର ବା ମର ସ୍ଥିତିରେ ରହିଥିଲା। ଏପରି ସ୍ଥିତିରେ ଶନିବାର ସୁପର୍ ସିକ୍ସରେ ସ୍କଟଲାଣ୍ଡ ନିକଟରୁ ପରାଜିତ ହେବା ସହିତ ଦଳ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଟୁର୍ନାମେଣ୍ଟରୁ ବାଦ୍‌ପଡ଼ିଛି ଏହି ବିଶ୍ୱ ଚାମ୍ପିୟନ ଦଳ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୪୩.୫ ଓଭରରେ ୧୮୧ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ସ୍କଟ୍‌ଲାଣ୍ଡ ୪୩.୩ ଓଭରରେ ୩ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ବ୍ରାଣ୍ଡନ ମ୍ୟାକମୁଲେନ(୬୯ ରନ୍ ଓ ୩ ଉଇକେଟ) ସ୍କଟଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୯ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ବ୍ୟାଟିଂ ବିପର୍ଯ୍ୟୟ କାରଣରୁ ଦଳ ୬୦ ରନ୍‌ରେ ୫ ଓ ୮୧ ରନ୍‌ରେ ୬ ଉଇକେଟ ହରାଇଥିଲା। ଓପନିଂ ବୋଲର ମ୍ୟାକମଲେନ୍ ୩ ଉଇକେଟ ନେଇ ବିପର୍ଯ୍ୟୟର ନାୟକ ସାଜିଥିଲେ। ତେବେ ଅଲରାଉଣ୍ଡର ଜାସନ୍ ହୋଲ୍ଡର(୪୫ ରନ୍) ଓ ରୋମାରିଓ ଶେଫର୍ଡ(୩୬ ରନ୍) ସପ୍ତମ ଉଇକେଟରେ ୭୫ ରନ୍ ଯୋଡ଼ି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ହୋଲ୍ଡର ୭୯ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ସ୍କଟଲାଣ୍ଡ ପକ୍ଷରୁ ମ୍ୟାକମୁଲେନ୍ ୩ ଉଇକେଟ ନେଇଥିବା ବେଳେ କ୍ରିସ୍ ସୋଲ୍, ମାର୍କ ୱାଟ ଓ କ୍ରିସ୍ ଗ୍ରିଭ୍ସ ଦୁଇଟି ଲେଖାଏ ଉଇକେଟ୍ ନେଇଥିଲେ।


ସ୍କଟଲାଣ୍ଡଠାରୁ ହାରିବା ପରେ ପଡ଼ିଆ ଛାଡୁଛନ୍ତି ୱେଷ୍ଟଇଣ୍ଡିଜ୍ ଖେଳାଳି।

୧୮୨ ରନ୍ ଲକ୍ଷ୍ୟ ନେଇ ସ୍କଟ୍‌ଲାଣ୍ଡର ଆରମ୍ଭ ମଧ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ପ୍ରଥମ ବଲରେ ହୋଲ୍ଡର ଓପନର କ୍ରିଷ୍ଟୋଫର ମ୍ୟାକ୍‌ବ୍ରାଇଡଙ୍କୁ ଆଉଟ କରିଥିଲେ। ତେବେ ଉଇକେଟ କିପର ମାଥ୍ୟୁ କ୍ରସ୍(୭୪* ରନ୍) ଓ ବ୍ରାଣ୍ଡନ୍ ମ୍ୟାକମୁଲେନ୍(୬୯) ଦ୍ୱିତୀୟ ଉଇକେଟରେ ୧୨୫ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ବ୍ୟାଟର ଜର୍ଜ ମୁନ୍‌ସି ୧୮ ଓ ଅଧିନାୟକ ରିଚି ବାରିଙ୍ଗଟନ୍ ଅପରାଜିତ ୧୩ ରନ୍ କରି ଦଳକୁ ବିଜୟୀ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସନ ହୋଲ୍ଡର, ରୋମାରିଓ ଶେଫର୍ଡ ଓ ଅକିଲ ହୋସେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜାସନ୍ ହୋଲ୍ଡରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୪୩.୫ ଓଭରରେ ୧୮୧/୧୦(ଜାସନ୍ ହୋଲ୍ଡର-୪୫, ରୋମାରିଓ ଶେଫର୍ଡ-୩୬, ବ୍ରାଣ୍ଡନ୍ କିଙ୍ଗ-୨୨, ବ୍ରାଣ୍ଡନ୍ ମ୍ୟାକମଲେନ୍-୩/୩୨, ମାର୍କ ୱାଟ୍-୨/୨୫, କ୍ରିସ୍ ଗ୍ରିଭ୍ସ-୨/୩୦)। ସ୍କଟଲାଣ୍ଡ ୪୩.୩ ଓଭରରେ ୧୮୫/୩(ମାଥ୍ୟୁ କ୍ରସ୍-୭୪*, ବ୍ରାଣ୍ଡନ୍ ମ୍ୟାକମୁଲେନ୍-୬୯, ଜର୍ଜ ମୁନ୍‌ସୀ-୧୮, ଅକିଲ ହୋସେନ୍-୧/୨୬, ରୋମାରିଓ ଶେଫର୍ଡ-୧/୨୮, ଜାସନ ହୋଲ୍ଡର-୧/୩୭)।

# ଭାରତକୁ ସୁରକ୍ଷା ଦଳ ପଠାଇବ ପାକିସ୍ତାନ

**ଦିନିକିଆ କ୍ରିକେଟ ବିଶ୍ୱକପ୍**

**କରାଚୀ,୧।୭(ପି.ଟି.):** ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଭେନ୍ୟୁଗୁଡ଼ିକ ଯାଞ୍ଚ କରିବା ଲାଗି ପାକିସ୍ତାନ ଏକ ସୁରକ୍ଷା ଦଳ ଭାରତକୁ ପଠାଇବ। ଏହି ଦଳଠାରୁ ସବୁଜ ସଙ୍କେତ ପାଇବା ପରେ ପାକିସ୍ତାନ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତରେ ଯିବ। ଇଦ୍ ଛୁଟି ଶେଷ ହେବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନୂଆ ଚେୟାରମ୍ୟାନ ନିର୍ବାଚିତ ହେବେ। ତା'ପରେ ଯାଇ ସୁରକ୍ଷା ଦଳ କେବେ ପଠାଯିବ ତାହା ଦେଶର ବହିର୍ବ୍ୟାପାର ଓ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ସ୍ଥିର କରିବ ବୋଲି ଆନ୍ତଃ ରାଜ୍ୟ ସମନ୍ୱୟ (କ୍ରୀଡ଼ା) ମନ୍ତ୍ରଣାଳୟର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ସୁରକ୍ଷା ଦଳରେ ପିସିବିର ପ୍ରତିନିଧି ରହିବେ। ବିଶ୍ୱକପ୍ ବେଳେ ପାକିସ୍ତାନ ଯେଉଁସବୁ ଭେନ୍ୟୁରେ ମ୍ୟାଚ ଖେଳିବ ସେଥିଲାଗି କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି ତାହା ଯାଞ୍ଚ କରି ଦେଖିବ। ପ୍ରତିନିଧି ଦଳ ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତା ଏବଂ ଅକ୍ଟୋବର ୧୫ରେ ଭାରତ-ପାକିସ୍ତାନ ମ୍ୟାଚ ପାଇଁ ମନୋନୀତ ଅହମଦାବାଦ ଗସ୍ତ କରିବେ। ପଡ଼ୋଶୀ ରାଷ୍ଟ୍ର ଭାରତକୁ କୌଣସି ଟୁର୍ ପୂର୍ବରୁ ପିସିବି ସରକାରଙ୍କ ଅନୁମତି ମାଗିଥାନ୍ତି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ସରକାର ଏକ ପ୍ରତିନିଧି ଦଳ ପଠାଇଥାନ୍ତି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ଅଫିସିଆଲ ଜଣକ କହିଛନ୍ତି। ଟୁର୍ନାମେଣ୍ଟ ପାଇଁ ଗସ୍ତ କରିବାକୁ ଥିବା ଖେଳାଳି, ଅଫିସିଆଲ, ସମର୍ଥକ ଓ ମିଡିଆ ସକାଶେ କି ପ୍ରକାର ସୁରକ୍ଷା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି ସେ ନେଇ ପ୍ରତିନିଧି ଦଳ ଅଫିସିଆଲଙ୍କ ସହ କଥାବାର୍ତ୍ତା ହେବେ। ମନୋନୀତ ଭେନ୍ୟୁଗୁଡ଼ିକ ମଧ୍ୟରୁ ଯଦି କୌଣସିଟିରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଶଙ୍କା ରୁହେ ଏହାର ବିକଳ୍ପ ଭେନ୍ୟୁକୁ ରିପୋର୍ଟରେ ଉଲ୍ଲେଖ କରିବାକୁ ପଡ଼ିଥାଏ।

**ଦୁଲୀପ୍ ଟ୍ରଫି**

# ଉତ୍ତରାଞ୍ଚଳ, କେନ୍ଦ୍ରାଞ୍ଚଳ ସେମିରେ

**ବେଙ୍ଗାଲୁରୁ, ୧।୭(ପି.ଟି.):** ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଉତ୍ତରାଞ୍ଚଳ ଓ କେନ୍ଦ୍ରାଞ୍ଚଳ। ଆଲୁରରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ୧୭୦ ରନ୍‌ରେ ପୂର୍ବାଞ୍ଚଳକୁ ପରାସ୍ତ କରିଥିବା ବେଳେ ଚିନ୍ନାସ୍ୱାମୀରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟରରେ ନର୍ଥଇଷ୍ଟକୁ ୫୧୧ରନ୍‌ରେ ପରାସ୍ତ କରିଛି ଉତ୍ତରାଞ୍ଚଳ। ସୌରଭ କୁମାରଙ୍କ ୮ ଉଇକେଟ ସଫଳତା କାରଣରୁ ପୂର୍ବାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨୯ ରନ୍‌ରେ ଅଲଆଉଟ ହୋଇଥିଲା। ଅସମାପ୍ତ ୬୯/୬ରୁ ଖେଳ ଆରମ୍ଭ କରି ପୂର୍ବାଞ୍ଚଳ ଆଉ ୬୦ ରନ୍ ଯୋଡ଼ି ୪ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆକାଶ ଦୀପ୍ ସର୍ବାଧିକ ୨୪ ରନ୍ କରିଥିଲେ। ସୌରଭ କୁମାର ୩୩ ରନ୍ ଦେଇ ୮ ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ସହିତ ୧୧ ଉଇକେଟ ନେଇଥିବା ସୌରଭଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ନର୍ଥଇଷ୍ଟକୁ ୫୧୧ ରନ୍‌ରେ ପରାସ୍ତ କରିଛି ଉତ୍ତରାଞ୍ଚଳ। ୬୬୬ ରନ୍‌ର ବିଶାଳ ଲକ୍ଷ୍ୟର ପିଛା କରି ନର୍ଥଇଷ୍ଟ ମାତ୍ର ୧୫୪ ରନ୍‌ରେ ଅଲଆଉଟ ହୋଇଥିଲା। ପୁଲକିତ ନାରଙ୍ଗ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ନିଶାନ୍ତ ସିନ୍ଧୁ ୨ ଉଇକେଟ ନେଇଥିଲେ। ନିଶାନ୍ତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜୁଲାଇ ୫ରୁ ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ କେନ୍ଦ୍ରାଞ୍ଚଳ ଓ ପଶ୍ଚିମାଞ୍ଚଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

# ନୀରଜଙ୍କୁ ୨ୟ ଡାଇମଣ୍ଡ ଲିଗ୍ ଟାଇଟଲ୍


ନୀରଜ ଚୋପ୍ରା

**ଲାଉସାନେ, ୧।୭(ପି.ଟି.)**

ଅଲିମ୍ପିକ୍ସ ଚାମ୍ପିୟନ ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା କ୍ରମାଗତ ଦ୍ୱିତୀୟ ଡାଇମଣ୍ଡ ଲିଗ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲରେ ନୀରଜ ୮୭.୬୬ ମିଟରର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ। ୯୦ ମିଟର ବ୍ରାକେଟ ହାସଲ କରିବାରେ ବିଫଳ ହୋଇଥିଲେ ମଧ ନୀରଜ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ଏକ ମାସର ଆହତ ସମସ୍ୟାରୁ ଫେରିଥିବା ନୀରଜ ଲାଉସାନେର ଚ୍ୟାଲେଞ୍ଜିଂ ପରିବେଶରେ ସଫଳତା ହାସଲ କରିଛନ୍ତି। ୨୫ ବର୍ଷୀୟ ନୀରଜଙ୍କ ମାଂସପେଶୀ ଟାଣି ହୋଇଯିବା କାରଣରୁ ସେ ୩ଟି ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ପାରି ନ ଥିଲେ। ଏହା ପୂର୍ବରୁ ମେ ୫ ତାରିଖରେ ଡାଇମଣ୍ଡ ଲିଗ୍‌ର ଦୋହା ସଂସ୍କରଣରେ ୮୮.୬୭ ମିଟର ଦୂରତା ସହିତ ଟାଇଟଲ ଜିତିଥିଲେ।

ସାଧାରଣତଃ ନୀରଜ ନିଜର ପ୍ରଥମ ଦୁଇ ପ୍ରୟାସରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥାନ୍ତି। ମାତ୍ର ଶୁକ୍ରବାର ନୀରଜ ପଞ୍ଚମ ପୟାସରେ ସଫଳତା ହାସଲ କରିଥିଲେ। ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପଞ୍ଚମ ରାଉଣ୍ଡ ଶେଷ ବେଳକୁ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ଶୁକ୍ରବାର ଲାଉସାନେରେ ତାପମାତ୍ରା ୧୭ ଡିଗ୍ରୀ ରହିଥିବା ବେଳେ ଆର୍ଦ୍ରତା ୭୮ ପ୍ରତିଶତ ରହିଥିଲା। ଆହତ ସମସ୍ୟାରୁ ଫେରିଥିବା ବେଳେ ଏହା ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥିବା ନୀରଜ କହିଛନ୍ତି। ନୀରଜଙ୍କ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

# ଆଜି ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ

**ସ**ମଗ୍ର ବିଶ୍ୱରେ କାର୍ଯ୍ୟରତ କ୍ରୀଡ଼ା ଖବରଦାତାମାନଙ୍କ ଉଦ୍ଦେଶ୍ୟରେ ଜୁଲାଇ ୨ ତାରିଖକୁ ବିଶ୍ୱ କ୍ରୀଡା ଖବରଦାତା ଦିବସ (ୱାର୍ଲ୍ଡ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଡେ) ଭାବରେ ପାଳନ କରାଯାଏ। ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ପ୍ରେସ୍ ମହାସଂଘ(ଏଆଇପିଏସ୍)ର ୭୦ ତମ ପ୍ରତିଷ୍ଠା ଦିବସ ଅବସରରେ ୧୯୯୪ ମସିହାରେ ଏହି ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସାମ୍ବାଦିକତା ବିଶ୍ୱର ଏକ ପୁରାତନ ବୃତ୍ତି ହୋଇଥିବା ବେଳେ ସ୍ପୋର୍ଟ୍ସ ଜର୍ନାଲିଜମ ୧୮୦୦ ଶତାବ୍ଦୀରେ ଆରମ୍ଭ ହୁଏ। ତତ୍କାଳୀନ ସମୟର କିଛି ଲୋକପ୍ରିୟ ଖେଳକୁ ନେଇ ଏହି ସାମ୍ବାଦିକତା ଜାରି ରହିଥିଲା। ୧୯୨୦ ପରଠାରୁ ବିଭିନ୍ନ ଖବରକାଗଜ ଓ ମାଗାଜିନ୍‌ରେ କ୍ରୀଡା ବିଭାଗକୁ ଅଧିକ ସ୍ଥାନ ମିଳିବା ଆରମ୍ଭ ହୁଏ। ୧୮୦୦ ଶତାବ୍ଦୀରେ କ୍ରୀଡ଼ା ସାମ୍ବାଦିକତା ଆରମ୍ଭ ହୋଇଥିବା ବେଳେ ୧୮୨୦ ଓ ୧୮୩୦ ବେଳକୁ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ପରିସଂଖ୍ୟାନ ଅନୁଯାୟୀ ୧୮୮୦ରେ ଗୋଟିଏ ଖବରକାଗଜର ୦.୪% କ୍ରୀଡ଼ା ସାମ୍ବାଦିକତା ପାଇଁ ଉତ୍ସର୍ଗୀକୃତ ରହିଥିଲା। ମାତ୍ର ୧୯୨୦ ବେଳକୁ ଏହା ବୃଦ୍ଧି ପାଇ ୨୦ ପ୍ରତିଶତରେ ପହଞ୍ଚିଥିଲା। କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ଲକ୍ଷ୍ୟ।

**ଚଳିତ ବର୍ଷର ଲକ୍ଷ୍ୟ**

ଚଳିତ ବର୍ଷର କ୍ରୀଡା ସାମ୍ବାଦିକ ଦିବସ ଅବସରରେ ଏକ କ୍ରୀଡା ଆଲେଖ୍ୟ ପଢ଼ିବା ପାଇଁ ଏଆଇପିଏସ୍ ପକ୍ଷରୁ କୁହାଯାଇଛି। କୌଣସି ଏକ ଚ୍ୟାନେଲର ସ୍ପୋର୍ଟ୍ସ ବ୍ରଡ୍‌କାଷ୍ଟକୁ ଦେଖନ୍ତୁ ଅଥବା ଶୁଣନ୍ତୁ। ଏହାସହିତ #worldsports-journalism ହାଶ୍ ଟ୍ୟାଗ୍ ସହିତ ନିଜର ସୋସିଆଲମିଡିଆରେଏକପୋଷ୍ଟକରନ୍ତୁ।

# ଓଡ଼ିଶା ଉଷୁ ଖେଳାଳି ଜିତିଲେ ୫ ପଦକ

**ଭୁବନେଶ୍ୱର, ୧।୭(ବିଜୟ ରଣା)**

ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜୁନ୍ ୨୬ରୁ ଚାଲିଥିବା ୩୨ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉଷୁ ଦଳ ୫ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛି। ସେମାନେ ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରିଙ୍କି ରାଉତରାୟ ଟାଓଲୁ (ମହିଳା) ଡବଲ ୱେପନ୍ସରେ ରୌପ୍ୟ ଜିତିଥିବା ବେଳେ ପୁରୁଷ ବର୍ଗରେ ବିରାମ ଟୁଡୁ ଟାଓଲୁ, ଆଶିଷ କୁମାର ପ୍ରଧାନ ଟାଓଲୁ, ଅମିତ କୁମାର ସିଂ ଟାଓଲୁ ଏବଂ ମଞ୍ଜୁ ମୁଣ୍ଡା ସାଣ୍ଡା ମହିଳା ୪୫କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରଦ୍ୟୁମ୍ନ ବେହେରା ଏବଂ ଅନୁରାଧା ଦୋରା ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହାନ୍ତ ଓ ସୁଜନ ରଥ ଦଳ ସହିତ କୋଚ୍ ଭାବେ ଯାଇଥିଲେ। ସୁଶାନ୍ତ କୁମାର ନାୟକ ଓ ଈଶ୍ୱର ଚନ୍ଦ୍ର ମହାନ୍ତ ଟିମ୍ ମ୍ୟାନେଜର ରହିଥିଲେ। ସଫଳତା ପାଇଁ ଓଡ଼ିଶା ଉଷୁ ଆସୋସିଏଶନ ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି ଏବଂ ଉପସଭାପତି ବିକାଶ ପଟ୍ଟନାୟକ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମଦର୍ସ ବାସ୍କେଟବଲ୍ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧।୭ (ବିଜୟ ରଣା)**

ସ୍ଥାନୀୟ ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲରେ ୭ମ ମଦର୍ସ ବାସ୍କେଟବଲ୍ ଲିଗ୍ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟରୁ ୧୬୦ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରଛନ୍ତି। ୧୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ବାଳକ ବର୍ଗରେ ୮ ଏବଂ ବାଳିକା ବଗରେ ୪ ଦଳ ଭାଗ ନେବେ। ବାଳକ ବିଭାଗରେ ୧୦୦ ଜଣ ଖେଳାଳିଙ୍କୁ ଡଙ୍କର୍ସ, ହୁପର୍ସ, ସ୍ପାର୍ଟନସ, ହରିକେନ୍ସ, ଆଭେଞ୍ଜର୍ସ, ୟଙ୍ଗଷ୍ଟର୍ସ, ଓଲ୍‌ଭୋରିନ୍ସ ଏବଂ ୱାରିୟର୍ସ ଆଦି ୧୦ଟି ଦଳରେ ବିଭକ୍ତ କରାଯାଇଛି। ସେହିପରି ବାଳିକାମାନଙ୍କୁ ଆଭେଞ୍ଜର୍ସ, ହୁପର୍ସ ସ୍ପାର୍ଟନ୍ସ ଓ ୱାରିୟର୍ସ ଆଦି ୪ଟି ଦଳରେ ବିଭକ୍ତ କରାଯାଇଛି। ପୂର୍ବରୁ ନିଲାମ ପ୍ରକ୍ରିୟା ଜରିଆରେ ବିଭିନ୍ନ ଦଳ ପାଇଁ ଖେଳାଳି ମନୋନୟନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ୍ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ ମୁଖ୍ୟଅତିଥି, ମଦର୍ସ ଗ୍ରୁପ୍ ଅଫ୍ ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ ଓ ମଦର୍ସ ପବ୍ଲିକ୍ ସ୍କୁଲର ଅଧକ୍ଷା ଯୋଗ ଦେଇଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୧୦,୦୦୦ ଟଙ୍କା ସହ ଟ୍ରଫି ଏବଂ ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳି ତଥା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯିବ।


ମଦର୍ସ ବାସ୍କେଟବଲ୍ ଲିଗ୍‌ର ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ